

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୧ ନଭେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 01 November 2026

Vol.No. 36 ■ No.285 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସନ୍ତାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net

ଛାୟା ସଂସଦରେ 'ଜନ ମହାଭିଯୋଗ' ପ୍ରସ୍ତାବ: ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଇଣ୍ଡିଆ ବ୍ଲକର ଚାର୍ଜଶିଟ୍

ନୂଆଦିଲ୍ଲୀ,୩୧/୧୦ : ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀଙ୍କ ଜନ ମହାଭିଯୋଗ କାର୍ଯ୍ୟକ୍ରମ। ବିରୋଧୀ ଇଣ୍ଡିଆ ବ୍ଲକ ଆଜି ଛାୟା ସଂସଦ ମାଧ୍ୟମରେ ଜ୍ଞାନେଶ କୁମାରଙ୍କ ବିରୋଧରେ ଆଣିଛି ମହାଭିଯୋଗ ପ୍ରସ୍ତାବ। କଂଗ୍ରେସ ସମେତ ଇଣ୍ଡିଆ ବ୍ଲକ ପକ୍ଷରୁ ଏହି ଛାୟା ସଂସଦରେ ଜ୍ଞାନେଶ କୁମାରଙ୍କ ବିରୋଧରେ ଦାଖଲ ହୋଇଛି ଚାର୍ଜଶିଟ। ଜ୍ଞାନେଶ କୁମାରଙ୍କୁ ସିଇସି ମଧ୍ୟରୁ ହଟାଇ ତାଙ୍କ ବିରୋଧରେ ଭୋଟ ଚୋରି ପାଇଁ ଦେଶଦ୍ରୋହ ମାମଲା ଚାଲୁ କରିବାକୁ ମହାଭିଯୋଗ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। କଂଗ୍ରେସର ରାଜ୍ୟସଭା ସାଂସଦ ତଥା ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ୧୦ ରାଜାଜୀ ମାର୍ଗ ବାସ ଭବନରେ ଏହି ଛାୟା ସଂସଦ



ଶନିବାର ଅପରାହ୍ନ ୩.୩୦ରେ ଆରମ୍ଭ ହୋଇଥିଲା। ଏହାର ଅଧ୍ୟକ୍ଷତା କରିଛନ୍ତି ଲୋକସଭାର ପୂର୍ବତନ ବାଚସ୍ପତି ମୀରା କୁମାରୀ। ଭୋଟି ଚୋରି ଅଭିଯୋଗ କରି ଇଣ୍ଡିଆ ବ୍ଲକ ଛାୟା ସଂସଦରେ ସିଇସି ଜ୍ଞାନେଶ କୁମାର ଓ କେନ୍ଦ୍ର ସରକାରଙ୍କ ଉପରେ ଜୋରଦାର ବର୍ଷିଛି। ଛାୟା ସଂସଦରେ ଖଡଗେ 'ଜନ ମହାଭିଯୋଗ' ପ୍ରସ୍ତାବ ଆଗତ କରିଛନ୍ତି। ସେ ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଥିବା ଅଭିଯୋଗକୁ ମଧ୍ୟ ଉପସ୍ଥାପନ କରିଛନ୍ତି। ତାଙ୍କ କହିବା କଥା ଯେ ଭୋଟର ତାଲିକାର କେନ୍ଦ୍ରୀୟ ନିୟନ୍ତ୍ରଣର ଦୋଷୀ ହେଉଛନ୍ତି ଜ୍ଞାନେଶ କୁମାର। ଇଣ୍ଡିଆ ବ୍ଲକ ସର୍ବସମ୍ମତିକ୍ରମେ ତାଙ୍କ ଇସ୍ତଫା ଦାବି କରୁଛି। ସେ ଭୋଟି ଚୋରିରେ ସହାୟତା କରିଥିବାରୁ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯାଉଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନକୁ ବନ୍ଦ କରାଯାଉ ଓ ୨୦୨୩ରେ ସିଇସି ନିଯୁକ୍ତି ଓ ସୁରକ୍ଷା ପାଇଁ ଏକତରଫା ଭାବେ ପାରିତ ଆଇନକୁ ରଦ୍ଦ କରାଯାଉ। ସିଇସି ଜ୍ଞାନେଶ କୁମାରଙ୍କ ଭଳି ଲୋକ ଯଦି ସାମ୍ବିଧାନିକ ପଦରେ ରହିବେ, ତା'ହେଲେ ଗଣତନ୍ତ୍ର ପାଇଁ ବିପଦ ବୋଲି 'ଜନ ମହାଭିଯୋଗ' ପ୍ରସ୍ତାବରେ ଉଲ୍ଲେଖ କରିଛି। ଏହି ପ୍ରସ୍ତାବକୁ ଆଗତ କରି ଖଡଗେ କହିଛନ୍ତି ଯେ "୨୦୨୩ ଡିସେମ୍ବରରେ ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଜୀବନବ୍ୟାପୀ ଆଇନଗତ ସୁରକ୍ଷା ଦେଇଛି। ବାସ୍ତବରେ ଏହା ଦେଶ ଓ ସମ୍ବିଧାନ ବିରୋଧରେ ◆◆ପୃଷ୍ଠା ୭

ଚାଉଳ ପରେ ପୁଣି ଚିନି, ସୁଜି, ମଇଦା ମହଙ୍ଗା : ଦୀପାବଳି ପୂର୍ବରୁ ଦରଦାମ ବୃଦ୍ଧି




ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଖାଇବା ସାମଗ୍ରୀ ଦରବୃଦ୍ଧି ଉପରେ ଲାଗୁନାହିଁ ଲଗାମ। ଦିନକୁ ଦିନ ଅହେତୁକ ଭାବେ ବଢ଼ିଚାଲିଛି ତେଜରାତୀ ସାମଗ୍ରୀର ଦରଦାମ। ଦୀପାବଳି ପୂର୍ବରୁ ପୁଣି ବଢିଛି ଗ୍ରୋସରୀ ସାମଗ୍ରୀର ମୂଲ୍ୟ। ଚାଉଳ, ଚିନି ପରେ ଏବେ ମଇଦା, ବେଶନ, ଅଟା, ସୁଜି ଓ ଚିନିର ଦର ବୃଦ୍ଧି ପାଇଛି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାହକ ଓ ବ୍ୟବସାୟ। ଦୀପାବଳି ପୂର୍ବରୁ ପୁଣି ବଢିଲା ଖାଇବା ସାମଗ୍ରୀର ଦରଦାମ। ଦୀପାବଳି, ଧନତେରାସରେ ମୁଖ୍ୟତଃ ସମସ୍ତଙ୍କ ଘରେ ଛଣାଛଣି, ପିଠାପଣା ଆସର ଜମେ। ହେଲେ ଦିନକୁ ଦିନ ଗ୍ରୋସରୀ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଇଛି। ପୂର୍ବରୁ ତେଲ, ଚାଉଳ ଡାଲି ଦର ବଢ଼ିଥିଲା। ଏବେ ପୁଣି ମଇଦା, ବେଶନ, ଅଟା, ଚିନି ଓ ସୁଜିର ଦରବୃଦ୍ଧି ମାସିକ ଖର୍ଚ୍ଚ ବଜେଟକୁ ବିଗାଡ଼ି ଦେଇଛି । ଦୀପାବଳି ପୂର୍ବରୁ ଗ୍ରୋସରୀ ସାମଗ୍ରୀର ଏଭଳି ଦରବୃଦ୍ଧି ସାଧାରଣ ଗ୍ରାହକଙ୍କ ପକେଟ ଉପରେ ଚାପ ବଢ଼ାଇଛି । କେବଳ ଖାଉଟି ନୁହଁନ୍ତି ଊଣା ଅଧିକ ବ୍ୟବସାୟୀ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି। ଖାଇବା ସାମଗ୍ରୀର ଅହେତୁକ ଦରବୃଦ୍ଧିକୁ ନେଇ ଅସନ୍ତୋଷ ବଢୁଛି । ପାର୍ବଣ ସମୟରେ ଘରେଘରେ ଅଧିକ ବ୍ୟବହାର ହେଉଥିବା ଚିନି, ମଇଦା, ସୁଜି ଓ ଅଟା ଦରରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ଗହମ ଓ ଗହମ ଜାତ ଦ୍ରବ୍ୟର ପାଇକାରୀ ଦର ବଢ଼ିଥିବାରୁ ସ୍ୱାଭାବିକ ଭାବେ ଖୁଚୁରା ବଜାରରେ ଚଢ଼ା ଦରରେ ବିକ୍ରି ହେଉଛି । ୧୦ ଦିନରେ ଗହମ ଓ ଗହମଜାତ ଦ୍ରବ୍ୟର ଦର ୧୫ରୁ ୨୦ ପ୍ରତିଶତ ବୃଦ୍ଧି ପୂର୍ବରୁ ୫୦ କେଜି ମଇଦା ବସ୍ତାର ଦାମ୍ ୧୫୦୦ ଟଙ୍କା ଥିଲା ଏବେ ୧୭୦୦ ଟଙ୍କାରେ ପହଞ୍ଚିଛି। ସେହିପରି ୫୦ କେଜି ସୁଜି ବସ୍ତାର ଦାମ୍ ୧୮୦୦ ଟଙ୍କାରୁ ବଢ଼ି ୨୧୦୦ ଟଙ୍କା ଛୁଇଁଛି ଏବେ ସ୍ଥିତି ଏମିତି ଯେ ଆଗକୁ ଦର କେତେ ବଢ଼ିବ, ତାହା ଅନୁମାନ କରିବା କଷ୍ଟକର ବୋଲି କହିଛନ୍ତି ବ୍ୟବସାୟୀ ସଂଘର ସଭାପତି। ◆◆ପୃଷ୍ଠା ୭

ନଭେମ୍ବର ୫ରୁ ୨୦ ପର୍ଯ୍ୟନ୍ତ ଦିଲ୍ଲୀ-ଏନ୍‌ସିଆରରେ ୫୦% କର୍ମଚାରୀରେ ଚାଲିବ ସମସ୍ତ କାର୍ଯ୍ୟାଳୟ

ନୂଆଦିଲ୍ଲୀ,୩୧/୧୦ : ଦିଲ୍ଲୀରେ ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ବାୟୁ ଗୁଣବତ୍ତା ପରିଚାଳନା କମିସନ (ସିଏକ୍ୟୁଏମ୍)ଙ୍କ ପକ୍ଷରୁ କଠୋର ନିର୍ଦ୍ଦେଶ ଜାରି କରାଯାଇଛି । ଶୁକ୍ରବାର ସିଏକ୍ୟୁଏମ୍ ପକ୍ଷରୁ ଜାରି ନିର୍ଦ୍ଦେଶରେ ଦିଲ୍ଲୀ ଓ ଏନ୍‌ସିଆର ଜିଲ୍ଲାରେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକୁ ନଭେମ୍ବର ୫ ରୁ ୨୦ ପର୍ଯ୍ୟନ୍ତ କେବଳ ୫୦ ପ୍ରତିଶତ କର୍ମଚାରୀଙ୍କ ସହିତ କାର୍ଯ୍ୟ କରିବାକୁ ଓ ଅବଶିଷ୍ଟ କର୍ମଚାରୀମାନେ ଘରୁ କାମ କରିବାକୁ କୁହାଯାଇଛି । ଏହି କଟକଣାଗୁଡ଼ିକ ଦିଲ୍ଲୀ, ହରିୟାଣାର ଗୁରୁଗ୍ରାମ, ଫରିଦାବାଦ ଓ ସୋନିପତ ଏବଂ ଉତ୍ତର ପ୍ରଦେଶର ଗାଜିଆବାଦ ଏବଂ ଗୌତମ ବୁଦ୍ଧ ନଗର (ନୋଏଡା) ପାଇଁ ପ୍ରଯୁଜ୍ୟ ହେବ। ଯେଉଁ ଶିଳ୍ପ ପ୍ରତିଷ୍ଠାନ ଓ ଅତ୍ୟାବଶ୍ୟକ ସେବାଗୁଡ଼ିକ ଘରୁ କାମ କରିବା ◆◆ପୃଷ୍ଠା ୭

ଅର୍ଣ୍ଣବ ଗଲା ମୁରାସି ଆସୁଛି

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଅର୍ଣ୍ଣବର ଯନ୍ତ୍ରଣା କମିନି ପୁଣି ସୃଷ୍ଟି ହୋଇଛି ବଂଗୋପସାଗରରେ ଆଉ ଏକ ବାତ୍ୟା ଆଶଙ୍କା। ପାଣିପାଗ ବିଭାଗର ଆକଳନ ଅନୁସାରେ ଦକ୍ଷିଣପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହୋଇଛି। ସମୁଦ୍ରରେ ବଳ ଗୋଟାଇ କାଲି ବାତ୍ୟାରେ ପରିଣତ ହୋଇପାରେ। ପରବର୍ତ୍ତି ସମୟରେ ଆନ୍ଧ୍ର ଉପକୂଳ ନିକଟରେ ପହଞ୍ଚିପାରେ। ଏହାର ପ୍ରଭାବରେ ଓଡ଼ିଶାରେ ପୁଣି ହୋଇପାରେ ବର୍ଷା । ବଂଗୋପସାଗରରେ ପୁଣି ସୃଷ୍ଟି ହୋଇଛି ଅବପାତ। ଆସନ୍ତାକାଲି ସୁଦ୍ଧା ଏହା ଗଭୀର ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ସମୁଦ୍ରରେ ଆହୁରି ଶକ୍ତିଶାଳୀ ହୋଇ ବାତ୍ୟାର ରୂପ ନେଇପାରେ। ବାତ୍ୟା ସୃଷ୍ଟି ହେବା ପରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରି ନଭେମ୍ବର ୨ ତାରିଖ ସନ୍ଧ୍ୟା ବେଳକୁ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଆନ୍ଧ୍ର ଉପକୂଳ



ପାଖାପାଖି ପହଞ୍ଚିବା ସମ୍ଭାବନା ରହିଛି। ନଭେମ୍ବର ୨ ତାରିଖ ବିଳମ୍ବିତ ରାତିରୁ ୩ ତାରିଖ ଭୋର ପ୍ରାୟ ୨ଟାରୁ ସକାଳ ୫ଟା ମଧ୍ୟରେ ଆନ୍ଧ୍ର ଉପକୂଳ ଛୁଇଁପାରେ ବାତ୍ୟା ମୋରାସୁ। ପାଣିପାଗ ବିଜ୍ଞାନୀଙ୍କ ଆକଳନ ଅନୁସାରେ ବର୍ତ୍ତମାନ ପବନର ବେଗ ଘଣ୍ଟାପ୍ରତି ୪୫ କିମି ରହିଛି। ବାତ୍ୟା ସ୍ଥଳଭାଗ ଛୁଇଁବା ସମୟରେ, ପବନର ବେଗ ଘଣ୍ଟାପ୍ରତି ୭୫ରୁ ୮୫ କିମି ହୋଇପାରେ। ଝଟକା ପବନର ବେଗ ୯୫ରୁ ୧୦୦ କିମି ହୋଇପାରେ । ପ୍ରଭାବରେ ଦକ୍ଷିଣ ଓଡ଼ିଶା ଉପକୂଳରେ ପବନର ବେଗ ବୃଦ୍ଧି ସହ ସମୁଦ୍ର ଅଶାନ୍ତ ହେବାର ଆଶଙ୍କା ରହିଛି। ଗୋପାଳପୁର, ଛତ୍ରପୁର ଓ ଆଖପାଖ ଅଞ୍ଚଳରେ ଘଡ଼ଘଡ଼ି ସହ ଝଟକା ପବନ ବହିପାରେ । ୨ ନଭେମ୍ବରରୁ ୪ ନଭେମ୍ବର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟ ବର୍ଷାର ପ୍ରଭାବ ରହିବ। ୨ ନଭେମ୍ବରରୁ ଦକ୍ଷିଣ ଓଡ଼ିଶାରେ ବର୍ଷା ବଢ଼ିବ। ବିଶେଷ କରି ଗଞ୍ଜାମ ଏବଂ ଗଜପତି ଜିଲ୍ଲାରେ ଅଧିକ ବର୍ଷା ସମ୍ଭାବନା ରହିଛି । ଗୋଟିଏପଟେ ଅର୍ଣ୍ଣବ ଦେଇଯାଇଥିବା ଯନ୍ତ୍ରଣାରେ ହଜାର ହଜାର ଲୋକ କଲବଲ ହେଉଛନ୍ତି । ଏତିକିବେଳେ ଆଉ ଏକ ବାତ୍ୟା ଆସିବା ବିପନ୍ନଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବର୍ଷାକୁ ଦୃଷ୍ଟିରେ ରଖି ଚାଷୀମାନଙ୍କୁ ସତର୍କ ରହିବାକୁ ଦିଆଯାଇଛି ପରାମର୍ଶ । ଏଥିସହ ତଳିଆ ଓ ପାହାଡ଼ ତଳେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଦିଆଯାଇଛି ନିର୍ଦ୍ଦେଶ ।

ସର୍ଦ୍ଦାର ପଟେଲଙ୍କ ଆଦର୍ଶରେ ଗଢ଼ିବୁ ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନିଜର ଅସାଧାରଣ ରାଜନୈତିକ ଦୂରଦୃଷ୍ଟି, ଦୃଢ଼ ଇଚ୍ଛାଶକ୍ତି ଏବଂ ବାସ୍ତବବାଦୀ ନେତୃତ୍ୱ ବଳରେ ୫୬୦ରୁ ଅଧିକ କ୍ଷୁଦ୍ର ଓ ବୃହତ୍ ରାଜ୍ୟକୁ ଏକତ୍ରିତ କରି ଏକ ବିଶାଳ, ଶକ୍ତିଶାଳୀ ଭାରତର ମୂଳଦୁଆ ପକାଇଥିଲେ। ତାଙ୍କ ଜନ୍ମ ଦିବସ କେବଳ ଜୟନ୍ତୀ ପାଳନର ଦିନ ନୁହେଁ, ବରଂ ଏହା ଆମର ସାମୂହିକ ସଂକଳ୍ପ, ଦେଶପ୍ରେମ ଏବଂ ଜାତୀୟ ଅଖଣ୍ଡତା ପ୍ରତି ଆମର ଅଙ୍ଗୀକାରବଦ୍ଧତାର ପ୍ରତୀକ ଅଟେ ବୋଲି ଆଜି 'ଲୌହ ମାନବ' ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପବିତ୍ର ଜୟନ୍ତୀ ଅବସରରେ ଝଂଝଇଚ ୭ମ ବାଟାଲିୟନ ପରେଡ ପଡ଼ିଆଠାରେ ଆୟୋଜିତ 'ରାଷ୍ଟ୍ରୀୟ



ଏକତା ଦିବସ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ପୁଲିସ ବାହିନୀର ନିଷ୍ଠା, କଠିନ ପରିଶ୍ରମ ଓ ଦକ୍ଷତାର ଭୂୟସୀ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ରାଜ୍ୟ ସରକାରଙ୍କ ଦୃଢ଼ ପଦକ୍ଷେପ ଏବଂ ପୁଲିସର ନିରନ୍ତର ଅଭିଯାନ ଫଳରେ ଓଡ଼ିଶା ଆଜି ନକ୍ସଲ ତଥା ମାଓବାଦୀ ହିଂସା କବଳରୁ ମୁକ୍ତ ହେବା ଦିଗରେ ବଡ଼ ସଫଳତା ହାସଲ କରିଛି। ଦିନେ ଯେଉଁ ଜିଲ୍ଲାଗୁଡ଼ିକରେ ଲୋକେ ଦିନବେଳେ ମଧ୍ୟ ଯାତାୟାତ କରିବାକୁ ଭୟ କରୁଥିଲେ, ଆଜି ସେହି ଭୟ ଓ ଆତଙ୍କର ପରିବେଶ ଆଉ ନାହିଁ। ◆◆ପୃଷ୍ଠା ୭

ଗାଁ ଭିତରୁ ଛାଡୁଛି ପାଣି, କମୁନି ଦୁର୍ଦ୍ଦଶା: ଯନ୍ତ୍ରଣା ଅସହ୍ୟରେ ଗଞ୍ଜାମ

ଗଞ୍ଜାମ, ୩୧/୧୦ (ନି.ପ୍ର): ବନ୍ୟା ବିପ୍ଲବ ପରେ ବିପନ୍ନଙ୍କ ଯନ୍ତ୍ରଣାର ସୀମା ନାହିଁ । ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଜୀବନଯାତ୍ରା କେବେ ସ୍ୱାଭାବିକ ହେବ ଜଣାନାହିଁ । ଘରଦ୍ୱାର ଭାଙ୍ଗି ଯାଇଛି, ଆସବାବପତ୍ର ଓ ଖାଦ୍ୟସାମଗ୍ରୀ ବତୁରି ଯାଇଛି । ସ୍ଥିତି ଏମିତି ଯେ, ଲୋକ ତ୍ରାହି ତ୍ରାହି ଡାକିଲେଣି, ଗୁମୁରି ଗୁମୁରି କାନ୍ଦିଲେଣି । ଘର ଭିତର ଓଦା, ଆସବାବପତ୍ର, ଚାଉଳବସ୍ତା, ବହିପତ୍ର ସବୁ ଓଦା ଓଦା। ଆଉ ବିପନ୍ନଙ୍କ ଆଖି ବି ଓଦା । ଆଶ୍ରୟସ୍ଥଳରୁ ଘରକୁ ଫେରିବା ପରେ କୋହ ରୋକିପାରୁନାହାନ୍ତି ବନ୍ୟା ବିପନ୍ନ । ଇଏ ଗଞ୍ଜାମ ଜିଲ୍ଲା ଆସିକା ଅଞ୍ଚଳର ଦୃଶ୍ୟ । ଗଞ୍ଜାମ



ଜିଲ୍ଲାର ଶହ ଶହ ଗାଁରେ ଖାଲି ଘର ଦ୍ୱାର ଭାଙ୍ଗିନି, ଘର ଭିତର ବି ଛାରଖାର କରିଦେଇଛି ବନ୍ୟା । ଏବେ କିଏ ଘରେ ଜମି ଥିବା ମାଟି କାଦୁଅକୁ ସଫା କରୁଛି, ଆଉ କିଏ ଶୁଖାଉଛି ବହି ବସ୍ତାନି । ପୁରୁଷୋତ୍ତମପୁର, ଶେରଗଡ଼ ଆଦି ଅଞ୍ଚଳରେ ବି ଅତି ବିକଳ ଚିତ୍ର । ରାସ୍ତା ଉପରେ ୨ ଫୁଟ ପାଣି । ନିଷ୍କାସନ ହେବାର ନାଁ ଧରୁନି । ରଷିକୁଲ୍ୟାରେ ଘାଇ ହେବା ପରେ ଆଛୁଲି ଗାଁରେ ପଶିଥିଲା ବନ୍ୟାଜଳ । ଏବେ ପାଣି କମୁଛି, ହେଲେ ଛାଡ଼ିଯାଇଛି ଦୁର୍ଦ୍ଦଶାର ଦାରୁଣ ଚିହ୍ନ । ଗଜପତି ଜିଲ୍ଲାର ସ୍ଥିତି ବି ତଦ୍ରୁପ । ମୋହନା ସହରକୁ ସଂଯୋଗ କରୁଥିବା ଖାରୀଗୁଡ଼ା, ଲେକାପଦର, ହୁଏରୀ ଓ ଗଣ୍ଡାପଦର ଗାଁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ । ଲଗାଣ ବର୍ଷାରେ କଲଭର୍ଟ ଧୋଇ ଯିବା ପରେ ଯାତାୟାତ ଠପ୍ । ଦୁର୍ଦ୍ଦଶା ଭୋଗୁଛନ୍ତି ଚାରି ଚାରିଟି ଗାଁର ଲୋକ। ସେପଟେ ମହେନ୍ଦ୍ର ତନୟା ନଦୀରେ ରାୟଗଡ଼ ବ୍ଲକ୍ ଜିରାଙ୍ଗ ଗାଁର ଜଣେ ବୃଦ୍ଧ ଭାସିଯାଇ ନିଖୋଜ ହୋଇଯାଇଛନ୍ତି । ଗାଧୋଇବାକୁ ଯାଇଥିବା ପୀତାମ୍ବର ବାରିକଙ୍କ ପତ୍ତା ମିଳୁନି । ◆◆ପୃଷ୍ଠା ୭

ଭୂସ୍ଖଳନରେ ନିଖୋଜ ଲୋକଙ୍କୁ ଖୋଜିବ ହେଲିକପ୍ଟର

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଭୂସ୍ଖଳନରେ ନିଖୋଜ ଥିବା ଲୋକଙ୍କୁ ହେଲିକପ୍ଟର ଖୋଜିବ। ନୌସେନାର ଅତ୍ୟାଧୁନିକ ହେଲିକପ୍ଟର ନିଖୋଜଙ୍କୁ ଖୋଜିବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ ମାଟି ତଳେ କାଳେ କେହି ରହିଥିବେହେଲିକପ୍ଟର ତାହା ସ୍କାନ କରିବ । ଭୁବନେଶ୍ୱର ବିମାନବନ୍ଦରରୁ ହେଲିକପ୍ଟର ଭଞ୍ଜନଗରକୁ ଯିବ । ରେଲୱେର ବି ସହଯୋଗ ଲୋଡ଼ାଯାଇଛି, ଏକ୍ସପର୍ଟ ଟିମ୍ ଗଞ୍ଜାମ ଯିବ। ପୁଲିଂ ମେସିନ୍ ର ସହାୟତା ନିଆଯିବ। ଉଦ୍ଧାର କାର୍ଯ୍ୟରେ ଶତାଧିକ ଶ୍ରମିକ ଲାଗିଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଗଞ୍ଜାମ ଜିଲ୍ଲାରେ ୩ ଯାଏଁ ସ୍କୁଲ ଛୁଟି

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଗଂଜାମ ଜିଲ୍ଲାରେ ଆସନ୍ତା ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରରେ ଛୁଟି ଘୋଷଣା କରାଯାଇଛି। ଏନେଇ ଗଂଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

ନିଜ ଦଳରେ ବିଦ୍ରୋହ: ଉମର ଅବଦୁଲ୍ଲାଙ୍କ ଅଡୁଆ ବଢ଼ାଇଲେ ୨୪ ବିଧାୟକ

ନୂଆଦିଲ୍ଲୀ, ୩୧/୧୦ : ଜମ୍ମୁ-କଶ୍ମୀର ରାଜନୀତିରେ ହଲଚଲ। ନିଜ ଦଳ ଭିତରୁ ହିଁ ବିରୋଧର ସାମ୍ନା କରୁଛନ୍ତି ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା । ନିକଟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରେ ନ୍ୟାସନାଲ କନଫରେନ୍ସ (ଏନ୍‌ସି)ର କିଛି ବିଧାୟକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି । ଶୁକ୍ରବାର ଶ୍ରୀନଗରରେ ଅସନ୍ତୁଷ୍ଟ ବିଧାୟକଙ୍କ ଏକ ବୈଠକ ବସିଥିଲା । ଏଥିରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତାଙ୍କ ସମେତ କିଛି ମନ୍ତ୍ରୀଙ୍କୁ ପଦରୁ ହଟାଇବା ଏବଂ ମନ୍ତ୍ରିମଣ୍ଡଳର ପୁନର୍ଗଠନ କରିବାକୁ ଦାବି ଉଠିଥିବା ସୂଚନା ମିଳିଛି । ରିପୋର୍ଟ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଶ୍ରୀନଗରରେ ହୋଇଥିବା ଏହି ବୈଠକରେ ୧୮ ଜଣ ବିଧାୟକ ଯୋଗ ଦେଇଥିଲେ । ଏଥିସହ ଆଉ ୬ ଜଣ ବିଧାୟକ ଭିଡିଓ କନଫରେନ୍ସିଂ ଜରିଆରେ ଯୋଡ଼ି ହୋଇ ଅସନ୍ତୁଷ୍ଟ ଗୋଷ୍ଠୀକୁ ସମର୍ଥନ ଜଣାଇଥିବା କୁହାଯାଉଛି । ଏହି ଗୋଷ୍ଠୀରେ କଶ୍ମୀର ଉପତ୍ୟକା ସହ ଜମ୍ମୁ ଅଞ୍ଚଳର ବିଧାୟକ ମଧ୍ୟ ରହିଛନ୍ତି । ଫଳରେ ଅସନ୍ତୁଷ୍ଟ ଗୋଷ୍ଠୀର ସଂଖ୍ୟା ୨୪ରେ ପହଞ୍ଚିଥିବା ରିପୋର୍ଟରେ ଦାବି କରାଯାଇଛି । ବିଧାୟକ କୈସର ଜମଶେଦ ଲୋନଙ୍କ ବାସଭବନରେ ହୋଇଥିବା ଏହି ବୈଠକରେ ଅସନ୍ତୁଷ୍ଟ ବିଧାୟକମାନେ ଏକ ପ୍ରସ୍ତାବ ଉପରେ ଦସ୍ତଖତ କରିଥିବା ସୂଚନା ମିଳିଛି। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ନାସିର ଅସଲମ ୱାନିଙ୍କୁ ପଦରୁ ହଟାଇବା ସହ ଉପମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧୁରୀଙ୍କୁ ବରଖାସ୍ତ କରିବାକୁ ଦାବି କରାଯାଇଛି। ଏହାବ୍ୟତୀତ ଦୁଇ ବର୍ଷ ପଦବୀରେ ପୂରଣ କରିଥିବା ମନ୍ତ୍ରୀଙ୍କୁ ହଟାଇ ମନ୍ତ୍ରିମଣ୍ଡଳର ସମ୍ପୂର୍ଣ୍ଣ ପୁନର୍ଗଠନ କରିବାକୁ ମଧ୍ୟ ଦାବି ରହିଛି। ବୈଠକରେ କିଛି ବରିଷ୍ଠ ବିଧାୟକ ଭାବବିହ୍ୱଳ ହୋଇପଡ଼ିଥିବା ମଧ୍ୟ ରିପୋର୍ଟରେ କୁହାଯାଇଛି। ଦଳୀୟ ନେତୃତ୍ୱ ଏବଂ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତାଙ୍କ ଆଚରଣକୁ ନେଇ ସେମାନେ ନିଜ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ଜଣେ ଅସନ୍ତୁଷ୍ଟ ବିଧାୟକ କହିଛନ୍ତି, ସେମାନେ ଦଳ ବିରୋଧରେ ନାହାନ୍ତି। କିନ୍ତୁ ଦଳ ଓ ସରକାରରେ ପୂର୍ବଭଳି ସବୁକିଛି ଚାଲିପାରିବ ନାହିଁ। ମୁଖ୍ୟମନ୍ତ୍ରୀ ସେମାନଙ୍କ କଥା ଶୁଣିବା ଦରକାର। ◆◆ପୃଷ୍ଠା ୭

ଅର୍ଣ୍ଣବ'ବାତ୍ୟା ପ୍ରଭାବିତ କୋରାପୁଟ ଓ ରାୟଗଡ଼ା ଜିଲ୍ଲା ପାଇଁ ଜରୁରୀ କେନ୍ଦ୍ରୀୟ ସହାୟତା ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ

ଜୟପୁର,୩୧/୧୦ (ନି.ପ୍ର): କୋରାପୁଟ ସାଂସଦ ତଥା ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ସମ୍ବନ୍ଧୀୟ ସଂସଦୀୟ ସ୍ଥାୟୀ କମିଟିର ଅଧ୍ୟକ୍ଷ ସପ୍ତଗିରି ଶଙ୍କର ଉଲାକା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ପତ୍ର ଲେଖିଛନ୍ତି। 'ଅର୍ଣ୍ଣବ' ବାତ୍ୟା ଏବଂ ଏହା ପରବର୍ତୀ ପ୍ରବଳ ବର୍ଷା ଓ ହଠାତ୍ ଆସିଥିବା ବନ୍ୟା ଯୋଗୁଁ ଦକ୍ଷିଣ ଓଡ଼ିଶାର କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ଯେଉଁ ବ୍ୟାପକ କ୍ଷୟକ୍ଷତି ହୋଇଛି, ସେହି ପରିପ୍ରେକ୍ଷୀରେ ଶ୍ରୀ ଉଲାକା କେନ୍ଦ୍ର ସରକାରଙ୍କ ତୁରନ୍ତ ହସ୍ତକ୍ଷେପ, କ୍ଷୟକ୍ଷତିର ପୁଙ୍ଖାନୁପୁଙ୍ଖ ଆକଳନ ଏବଂ ଏକ ସ୍ୱତନ୍ତ୍ର ପୁନର୍ବାସ ପ୍ୟାକେଜ୍ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ମୁଖ୍ୟତଃ ଆଦିବାସୀ ବହୁଳ ଏବଂ ପାହାଡ଼ିଆ ଅଂଚଳ ହୋଇଥିବାରୁ ଏଠାରେ ବିପଦର ମାତ୍ରା ଅଧିକ ବୋଲି ଦର୍ଶାଇ ଶ୍ରୀ ଉଲାକା କହିଛନ୍ତି ଯେ, ପ୍ରବଳ ବର୍ଷା, ବନ୍ୟା, ଜଳବନ୍ଦୀ ଅବସ୍ଥା, ଗଛ ପଡ଼ିବା ଏବଂ ଭୂସ୍ଖଳନ ଆଶଙ୍କା ଯୋଗୁଁ ସାଧାରଣ ଜୀବନଯାପନ, ଗ୍ରାମାଚଂଳ ସଂଯୋଗ ବ୍ୟବସ୍ଥା, କୃଷି କାର୍ଯ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଗୁରୁତର ଭାବେ ପ୍ରଭାବିତ ହୋଇଛି।ଉପଲବ୍ଧ ବର୍ଷା ତଥ୍ୟ ଅନୁଯାୟୀ, ପଟ୍ଟାଙ୍ଗିରେ ୧୮୮ ମିଲିମିଟର ଏବଂ ସେମିଳିଗୁଡ଼ାରେ ୧୪୩.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହା ଫଳରେ ରାସ୍ତାଘାଟ, ପୋଲ, କୃଷି ଜମି ଏବଂ ଦୁର୍ଗମ ଅଂଚଳରେ ଥିବା ଜନବସତିଗୁଡ଼ିକର କ୍ଷୟକ୍ଷତି ନେଇ ଗମ୍ଭୀର ଚିନ୍ତା ପ୍ରକାଶ ପାଇଛି। ଶ୍ରୀ ଉଲାକା ବିଶେଷ ଭାବରେ କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି, ସେମିଳିଗୁଡ଼ା, ନନ୍ଦପୁର, ଲମତାପୁଟ, ନାରାୟଣପାଟଣା, ବନ୍ଧୁଗାଁ ଓ ଲକ୍ଷ୍ମୀପୁର ବ୍ଲକ୍ ଏବଂ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର, କାଶୀପୁର, ବିଷମକଟକ, ମୁନିଗୁଡ଼ା, ଚନ୍ଦ୍ରପୁର, ଗୁଡ଼ାରି ଓ ଗୁଣୁପୁର ବ୍ଲକ୍ ର ସ୍ଥିତି ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।କୃଷକମାନଙ୍କ ପାଇଁ କ୍ଷତିପୂରଣ ୭୨ ଘଂଟା ମଧ୍ୟରେ ଫସଲହାନିର ପ୍ରାଥମିକ ସର୍ବେକ୍ଷଣ ସମ୍ପନ୍ନ କରନ୍ତୁ ଏବଂ ଏହା ପରେ ବିସ୍ତୃତ ଯାଂଚ୍ କରନ୍ତୁ। ବିପର୍ଯ୍ୟୟ ସହାୟତା ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ଅନ୍ୟାନ୍ୟ ସହାୟତା ମାଧ୍ୟମରେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନିଶ୍ଚିତ କରନ୍ତୁ; ବିଶେଷକରି କ୍ଷୁଦ୍ର, ନାମମାତ୍ର ଏବଂ ଆଦିବାସୀ ଚାଷୀଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ପୁନରୁଦ୍ଧାର କ୍ଷତିଗ୍ରସ୍ତ (ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା) ରାସ୍ତା, ଗ୍ରାମୀଣ ସେତୁ ଏବଂ କଜୱେ (ରାସ୍ତା ଉପରେ ପାଣି ଯିବା ବ୍ୟବସ୍ଥା) ପାଇଁ ଜରୁରୀକାଳୀନ ପାଣ୍ଠି ଯୋଗାଇ ଦିଅନ୍ତୁ। ଏହି ପୁନଃନିର୍ମାଣ କାର୍ଯ୍ୟ ଜଳବାୟୁ ପରିବର୍ତନକୁ ସହ୍ୟ କରିବା ଭଳି ହେବା ସହ ଉନ୍ନତ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ବଳିତ ହେବା ଆବଶ୍ୟକ। ବନ୍ୟା ଓ ଭୂସ୍ଖଳନର ସ୍ଥାୟୀ ପ୍ରତିକାର ବଂଶଧାରା, ନାଗାବଳୀ, କୋଲାବ ଏବଂ ଇନ୍ଦ୍ରାବତୀ ନଦୀ ଅବବାହିକା ଅଂଚଳ ପାଇଁ ଏକ ବ୍ୟାପକ ପ୍ରତିକାର ଯୋଜନା ପ୍ରସ୍ତୁତ କରିବାକୁ ଏକ ଉଚ୍ଚସ୍ତରୀୟ ବୈଜ୍ଞାନିକ କାର୍ଯ୍ୟଦଳ ଗଠନ କରନ୍ତୁ। ଏଥିରେ ଜଳ ଶକ୍ତି ମନ୍ତ୍ରଣାଳୟ, କେନ୍ଦ୍ର ଜଳ ଆୟୋଗ, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଭାରତୀୟ ଭୂ-ବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ଏବଂ 'କୋଏଲିସନ୍ ଫର୍ ଡିଜାଷ୍ଟର ରେଜିଲିଏଂଟ ଇନଫ୍ରାଷ୍ଟ୍ରକଚର' ର ପ୍ରତିନିଧିମାନଙ୍କୁ ଅନ୍ତର୍ଭୁକ୍ତ କରାଯାଉ। ଆଦିବାସୀ ବସତିଗୁଡ଼ିକର ସୁରକ୍ଷା : ଭୌଗୋଳିକ ଦୃଷ୍ଟିରୁ ବିଚ୍ଛିନ୍ନ ଆଦିବାସୀ ଗ୍ରାମ ଏବଂ ଅସୁରକ୍ଷିତ ପରିବାରଗୁଡ଼ିକୁ ପ୍ରାଥମିକତା ଦେଇ ତୁରନ୍ତ ରିଲିଫ୍, ଖାଦ୍ୟ ସାମଗ୍ରୀ, ପାନୀୟ ଜଳ, ଚିକିତ୍ସା ସହାୟତା, ଅସ୍ଥାୟୀ ଆଶ୍ରୟସ୍ଥଳୀ ଏବଂ ସ୍ୱଚ୍ଛତା ସୁବିଧା ଯୋଗାଇ ଦିଅନ୍ତୁ। ଦୀର୍ଘକାଳୀନ ବିପର୍ଯ୍ୟୟ-ସହନକ୍ଷମ ଭିତ୍ତିଭୂମି : ଦକ୍ଷିଣ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ଭିତ୍ତିଭୂମି ସୁଦୃଢ଼ୀକରଣ କାର୍ଯ୍ୟକ୍ରମକୁ ମଞ୍ଜୁରୀ ଦିଅନ୍ତୁ।

କରଞ୍ଜଆଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା



ବାସୁଦେବପୁର ,୩୧/୧୦ (ନି.ପ୍ର): ଏକ ମଧୁର ପରିବେଶ ମଧ୍ୟରେ ବାସୁଦେବପୁର ବ୍ଲକ ଅନ୍ତର୍ଗତ କରଞ୍ଜଆଡିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଶିକ୍ଷା କର୍ମଚାରୀ ଜୟନ୍ତ କୁମାର ନାଥଙ୍କ କାର୍ଯ୍ୟକାଳ ଶେଷ ହୋଇ ଥିବାରୁ ଏହି ଅବସରରେ ତାଙ୍କ ପାଇଁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦାମ ବେହେରା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ପୂର୍ବତନ ପ୍ରଧାନ ଶିକ୍ଷକ ଗଦାଧର ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ପାଢ଼ୀ, ରଜନୀଦେବୀ ହାଇସ୍କୁଲର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅନିରୁଦ୍ଧ ଧନୀ, ଚାନ୍ଦିମାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ବସନ୍ତ କୁମାର ପ୍ରଧାନ, ପୂର୍ବତନ ସଂସ୍କୃତ ଶିକ୍ଷକ ମହେଶ୍ୱର ନାୟକ, କାଶିପୁର ୟୁ ପି ଏମ୍ ଇ ସ୍କୁଲର ପ୍ରଧାନ ଶିକ୍ଷକ ବିକାଶ କୁମାର କାଠ , ସ୍କୁଲ୍ ପରିଚାଳନା କମିଟି ସଭାପତି ସତ୍ୟଭାମା ପ୍ରଧାନ, ପଞ୍ଚ ସଖା ଶିକ୍ଷା ସେତୁ ସଭାପତି ସୁଶାନ୍ତ କୁମାର ବାରିକ୍ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା କର୍ମଚାରୀ ଜୟନ୍ତ କୁମାର ନାଥଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଉତ୍ସବରେ ଶିକ୍ଷା କର୍ମଚାରୀ ଜୟନ୍ତ କୁମାର ନାଥଙ୍କୁ ମାନପତ୍ର, ଉପଢ଼ୌକନ ଓ ବିଭିନ୍ନ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷା କର୍ମଚାରୀ ଶ୍ରୀଯୁକ୍ତ ନାଥ ନିଜର ସ୍କୁଲ୍ ଜୀବନର ସ୍ମରଣୀୟ ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ଶିକ୍ଷୟତ୍ରୀ ସ୍ମୃତି ସ୍ମରଣିକା ମହାନ୍ତି ଓ ସଞ୍ଜୀବ କୁମାର ବାରିକ୍ ମଞ୍ଚ ପରିଚାଳନା କରିଥିଲେ। ପ୍ରତିମା ଦାସ ଓ ଅପର୍ଣ୍ଣା ସେଠୀ ମାନପତ୍ର ପାଠ କରିଥିଲେ। ଏହି ଉତ୍ସବରେ ସୁମିତା ଜେନା ଓ ମିତାଲି ମଧୁସ୍ମିତା ନାୟକ ବେଦ ପାଠ କରିଥିଲେ।ଶିକ୍ଷୟତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପାର୍ଥ ସାରଥୀ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବକୁ ପରିଚାଳନା କରିବାରେ ଶିକ୍ଷକ ଶିକ୍ଷୟତ୍ରୀ ସରୋଜ ସେଠୀ, ଶମ୍ଭୁନାଥ ସ୍ୱାଇଁ, ଶଙ୍କର୍ଷଣ ପ୍ରଧାନ, ସଞ୍ଜୟ ହାଁସଦା,ପରମାନନ୍ଦ ମଲିକ୍, ସୁବ୍ରତ ମହାରଣା, ତୃପ୍ତି ଲତା ଦାସ, ଶିଖା ସ୍ୱୟଂ ପ୍ରଭା ଭୋଇ, ସୁଭଦ୍ରା ସିଂ, ଶରତ ଚନ୍ଦ୍ର ବେହେରା, ବାବୁଲା ଖାଁ, ପ୍ରମୁଖ ସହଯୋଗ କରିଥିଲେ। ଏହି ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷା କର୍ମଚାରୀ ଜୟନ୍ତ କୁମାର ନାଥଙ୍କ ପୁତ୍ର ଯଶୋବନ୍ତ ନାରାୟଣ ନାଥ,ଅଚ୍ୟୁତାନନ୍ଦ ନାଥ, ଅନନ୍ତ କୁମାର ନାଥ ଓ ପରିବାର ବର୍ଗ ଯୋଗ ଦେଇଥିଲେ।

ବେଆଇନ ବାଣ ଜବତ

ଜୟପୁର,୩୧/୧୦ (ନି.ପ୍ର): ଆଲୋକର ପର୍ବ ଦୀପାବଳିକୁ ଦୃଷ୍ଟିରେ ରଖି ଟାଉନ ପୋଲିସ ଚଢ଼ଉ କରି ବିପୁଳ ବାଣ ଜବତ କରିଛି । ବେଆଇନ ବଣ କାରବାର ଉପରେ ସୁରକ୍ଷା ଦୃଷ୍ଟିରୁ ଜୟପୁର ଟାଉନ୍ ପୋଲିସ ଚଢ଼ଉ କରିଛି । ଜୟପୁର ସହର ଏନକ୍ଟେି ରୋଡ୍ ସ୍ଥିତ ଏକ ଆବାସିକ ଅଂଚଳରେ ଥିବା ଘରେ ବେଆଇନ ଭାବେ ମହଜୁଦ ଥିବା ସୂଚନା ପାଇଁ ଚଢ଼ଉ କରିଛି । ଚଢ଼ଉ କରି ବିପୁଳ ପରିମାଣର ବାଣ ଜବତ କରାଯାଇଛି। ଜବତ ବାଣର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ପାଖାପାଖି ୩ ଲକ୍ଷ ଟଙ୍କା ହେବ ବୋଲି ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଜୟପୁର ଏସଡିପିଓ ଅର୍ଚ୍ଚିତା ମିତଲଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପୋଲିସ ପକ୍ଷରୁ ବେଆଇନ ବାଣ ବ୍ୟବସାୟ ଏବଂ ମହଜୁଦକାରୀଙ୍କ ବିରୋଧରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏନଜେଟି ରୋଡ୍ ର ଏକ ଆବାସିକ ଘର ଉପର ମହଲାରେ ବ୍ୟାପକ ପରିମାଣର ବାଣ ବେଆଇନ ଭାବେ ଗଚ୍ଛିତ ଥିବା ନେଇ ପୋଲିସ ସୂଚନା ପାଇଁ ଚଢ଼ଉ କରିଛି । ଚଢ଼ଉ ସମୟରେ ଘରୁ ମୋଟ ୨୨ଟି ବଡ଼ ପେଟି ବିଭିନ୍ନ ପ୍ରକାରର ବାଣ ଜବତ ହୋଇଥିଲା। ସମ୍ପୃକ୍ତ ବ୍ୟକ୍ତି ଉକ୍ତ ବିସ୍ଫୋରକ ସାମଗ୍ରୀ ରଖିବା ନେଇ କୌଣସି ବୈଧ ଲାଇସେନ୍ସ କିମ୍ବା ପ୍ରଶାସନିକ ଅନୁମତି ପତ୍ର ଦେଖାଇ ପାରିନଥିଲେ। ଏହାପରେ ପୋଲିସ ଏକ ଗାଡ଼ି ଯୋଗେ ସମସ୍ତ ବାଣ ପେଟିକୁ ଜବତ କରି ଟାଉନ୍ ଥାନାକୁ ଆଣିଛି। ବିପୁଳ ପରିମାଣର ବାଣ କେଉଁଠାରୁ ଆସିଲା ଏବଂ କେଉଁ ଉଦ୍ଦେଶ୍ୟରେ ମହଜୁଦ ରଖାଯାଇଥିଲା, ସେ ନେଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

ପୁରୀ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ପୁରୀ,୩୧/୧୦ (ନି.ପ୍ର): ଆଜି ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି ଭବନ ଠାରେ ପୁରୀ ଜିଲ୍ଲା ପ୍ରଶାସନ, ଦୁର୍ନୀତି ନିବାରଣ ଶାଖା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନରେ ଦୁର୍ନୀତି ଏକ ବଡ ବ୍ୟାଧିସଦୃଶ। ଯେପରି ଶରୀରରେ ବେମାର ହେଲେ ତାହା ଶରୀରକୁ ରୁଗ୍ଣ ଓ ଦୁର୍ବଳ କରିଦିଏ ସେହିପରି ଦୁର୍ନୀତି ସମାଜକୁ ଦୁର୍ବଳ ଓ ବିଶୃଙ୍ଖଳିତ କରିଦିଏ। ଏହା ବିକାଶକୁ ନଷ୍ଟ କରିବା ସହ ସାମାଜିକ ଉନ୍ନତିକୁ କ୍ଷତି ପହଂଚାଇଥାଏ। ଦୁର୍ନୀତି ନିବାରଣ ବିଭାଗ କେବଳ ଏହାକୁ ରୋକି ପାରିବ ନାହିଁ। ଏଥିପାଇଁ ଜନ ସହଯୋଗ ଓ ସଚେତନତା ଜରୁରୀ। କେବଳ ଗୋଟିଏ ଦିନ ପାଇଁ ନୁହେଁ ବରଂ ପ୍ରତିଟି ଦିନ, ପ୍ରତିଟି ମୂହୁର୍ତ ପ୍ରତ୍ୟେକ ଦୁର୍ନୀତି ନିବାରଣ ପାଇଁ ଚେଷ୍ଟିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ସମାଜକୁ ସୁସ୍ଥ ଓ ସୁଦୃଢ କରିବାକୁ ସମସ୍ତଙ୍କୁ ଉଦ୍ୟମ କରିବାକୁ ପଡିବ। ସମସ୍ତେ ସଚେତନ ହେଲେ ଦୁର୍ନୀତି ଲୋପ ପାଇବ ବୋଲି ସେ କହିଥିଲେ। ଆଇନ ପରାମର୍ଶଦାତା ସତ୍ୟବାଦୀ ଦାସ ଦୁର୍ନୀତି ମହାମାରୀ ଭଳି ଭୟଙ୍କର। ମୋର ମୋର କହି ଯେଉଁ ମାନେ ସର୍ବସ୍ୱ ହାତେଇବାକୁ ଚେଷ୍ଟା କରନ୍ତି ଆଇନର ଲମ୍ବା ହାତରେ ସେମାନେ ହିଁ ଧରା ପଡନ୍ତି। ତେବେ ବ୍ୟାପକ ସଚେତନତା ଓ ମାନସିକତାରେ ପରିବର୍ତନ ଏହାର ସମାଧାନର ପନ୍ଥା ବୋଲି ସେ କହିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଟୀକାୟତରାୟ ସମାଜରେ ଦୁର୍ନୀତି ଏକ ବଡ ବ୍ୟାଧି। ଏହା ଏକ ରୁଗ୍ଣ ମାନସିକତା। ଯେତିକି ଅଛି ସମ୍ମାନର ସହ ସେଥିରେ ଚଳିବାର ମାନସିକତା ରଖିଲେ ଦୁର୍ନୀତି ହଟିଯାଆନ୍ତା। କିନ୍ତୁ, ଅତିରିକ୍ତ ଆଶା ବା ଲୋଭ ମଣିଷ ଓ ସମାଜକୁ ଖରାପ ବାଟକୁ ନେଉଛି ବୋଲି ସେ କହିବା ସହ ସାଧୁତା ଏକ ଚେତନା, ସମସ୍ତେ ସଚେତନ ହେଲେ ଏହାର ମୂଳୋତ୍ପାଟନ ସମ୍ଭବ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧକ୍ଷତା କରିବା ସହ ଦୁର୍ନୀତି ବିକାଶର ମୁଖ୍ୟ ପ୍ରତିବନ୍ଧକ ବୋଲି କହିବା ସହ ପ୍ରତ୍ୟେକ ନିଜ ବିବେକାନୁମୋଦିତ କାର୍ଯ୍ୟ, ଉନ୍ନତ ଚରିତ୍ର ଗଠନ, ଆତ୍ମ ସଂଯମତା ଓ ଶୃଙ୍ଖଳା ରଖିଲେ ଦୁର୍ନୀତି ନିବାରଣ ସହଜ ହୋଇପାରିବ ବୋଲି କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନୀତି ବିରୋଧୀ ଯେ କୌଣସି କାର୍ଯ୍ୟ ଦୁର୍ନୀତି ପଦବାଚ୍ୟ। ଦୁର୍ନୀତି ରୂପକ ସାମାଜିକ ବ୍ୟାଧିକୁ ବ୍ୟାପକ ସଚେତନତା ରୂପକ ଅସ୍ତ୍ର ଦ୍ୱାରା ବିଲୋପ କରାଯାଇ ପାରିବ ବୋଲି ଶ୍ରୀ ସେଠୀ ମତ ଦେବା ସହ ସମସ୍ତଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିନିଧି, ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ପୁଷ୍ପ ଅର୍ପଣ କରି ଅତିଥି ମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ ସହ ଜିଲ୍ଲା ସ୍କୁଲର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଅତିଥି ମାନେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ପୁରୀ ଜିଲ୍ଲା ଦୁର୍ନୀତି ନିବାରଣ ଶାଖାର ଉପ ଆରକ୍ଷୀ ଅଧିକ୍ଷକ ସୋମନାଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ଘର ଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର: ପାରିବାରିକ କଳହରୁ ଆତ୍ମହତ୍ୟା ସନ୍ଦେହ

ଜଳେଶ୍ୱର,୩୧/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ଼ ପଞ୍ଚାୟତ ନୂଆଗାଁ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହକୁ କେନ୍ଦ୍ର କରି ନିଜ ଶୋଇବା ଘର ଭିତରେ ଜଣେ ଯୁବକ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ପନବ ମହାକୁଡ଼ଙ୍କ ପୁଅ ରବି ମହାକୁଡ଼ (୨୬)। ସୂଚନା ଅନୁଯାୟୀ, ଶନିବାର ସକାଳ ପ୍ରାୟ ୯ଟା ସମୟରେ ରବି ନିଜ ଶୋଇବା ଘରର କବାଟ ଭିତରପଟୁ ବନ୍ଦ କରି ଏକ ଶାଢ଼ୀ ସାହାଯ୍ୟରେ ଫ୍ୟାନରେ ଝୁଲି ପଡ଼ିଥିଲେ। କିଛି ସମୟ ପରେ ପରିବାର ଲୋକେ ଏହା ଦେଖି ଚିତ୍କାର କରିବାରୁ ପାଖପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚିଥିଲେ।ତୁରନ୍ତ କବାଟ ଭାଙ୍ଗି ତାଙ୍କୁ ଝୁଲନ୍ତା ଅବସ୍ଥାରୁ ତଳକୁ ଓହ୍ଲାଇଥିଲେ।ଗ୍ରାମବାସୀ ଓ ପରିବାରବର୍ଗ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ।ମାତ୍ର ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା ନିରୀକ୍ଷା କରି ମୃତ ଘୋଷଣା କରିଥିଲେ।ଖବର ପାଇ ରାଇବଣିଆ ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।ପାରିବାରିକ କଳହ ଯୋଗୁଁ ଯୁବକ ଜଣକ ଏଭଳି ଚରମ ପଦକ୍ଷେପ ନେଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି।ମୃତ ରବିଙ୍କର ଦୁଇଟି ଛୋଟ ପୁତ୍ର ସନ୍ତାନ ଥିବା ବେଳେ ତାଙ୍କର ଏଭଳି ଅକାଳ ବିୟୋଗରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ମାଲକାନଗିରିରେ 'ଶୌର୍ଯ୍ୟ କାଫେ'ର ଶିଳାନ୍ୟାସ: ଅମର ଶହୀଦଙ୍କୁ ଜିଲ୍ଲା ପ୍ରଶାସନର ବିନମ୍ର ଶ୍ରଦ୍ଧାଞ୍ଜଳି

ମାଲକାନଗିରି ,୩୧/୧୦ (ନି.ପ୍ର): ଜିଲ୍ଲା ପ୍ରଶାସନର ଏକ ପ୍ରେରଣାଦାୟୀ ତଥା ଅଭିନବ ପ୍ରୟାସ ସ୍ୱରୂପ ମାଲକାନଗିରି ଜନଜାତି ସଂଗ୍ରହାଳୟ ନିକଟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଙ୍କ ଦ୍ୱାରା 'ଶୌର୍ଯ୍ୟ କାଫେ'ର ଶୁଭ ଭୂମି ପୂଜନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି।
ଜିଲ୍ଲାରେ ମାଓବାଦୀ କାର୍ଯ୍ୟକଳାପ ଚରମ ସୀମାରେ ଥିବା ସମୟରେ ଅଂଚଳରେ ଶାନ୍ତି ଓ ସୁରକ୍ଷା ପ୍ରତିଷ୍ଠା ପାଇଁ ନିଜ ଜୀବନର ସର୍ବୋଚ୍ଚ ବଳିଦାନ ଦେଇଥିବା ଅମର ଆରକ୍ଷୀ ଏବଂ ଅର୍ଦ୍ଧସାମରିକ ବାହିନୀର ବୀର ଯବାନମାନଙ୍କ ସ୍ମୃତି ଚାରଣ ତଥା ସେମାନଙ୍କ ସାହସିକତା ପ୍ରତି ସମ୍ମାନ ଜଣାଇ ଏହି କାଫେକୁ ଉତ୍ସର୍ଗୀକୃତ କରାଯାଇଛି। ଏହା ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ ଦେଶପ୍ରେମ, ତ୍ୟାଗ ଏବଂ ସେବା ମନୋଭାବ ଜାଗ୍ରତ କରିବା ପାଇଁ ଏକ ଅନନ୍ୟ ପ୍ରେରଣାର କେନ୍ଦ୍ରବିନ୍ଦୁ ସାଜିବ।
ଏହି ଅବସରରେ ଜିଲ୍ଲାପାଳ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ଆମ ଜିଲ୍ଲାର ଶାନ୍ତି ଓ ପ୍ରଗତି ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସେହି ଅମର ଶହୀଦମାନଙ୍କ ନିକଟରେ ଆମେ ଚିର ଋଣୀ। ଏହି 'ଶୌର୍ଯ୍ୟ କାଫେ' କେବଳ ଏକ ସ୍ମାରକୀ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ତ୍ୟାଗ ଓ ଦେଶମାତୃକାର ସେବା ଦିଗରେ ଏକ ଜୀବନ୍ତ ପ୍ରେରଣା ହୋଇ ରହିବ।
ସେହିପରି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଆରକ୍ଷୀ ଅଧୀକ୍ଷକ ଯବାନମାନଙ୍କ ଅତୁଳନୀୟ ଅବଦାନକୁ ସ୍ମରଣ କରି କହିଥିଲେ, ଆଜି ମାଲକାନଗିରିରେ ଯେଉଁ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇପାରିଛି, ତାହା କେବଳ ଆମ ସୁରକ୍ଷା ବଳର ଯବାନମାନଙ୍କ ଅଦମ୍ୟ ସାହସ ଓ ବଳିଦାନ ଯୋଗୁଁ ସମ୍ଭବ ହୋଇଛି। ଏହି ପ୍ରକଳ୍ପ ଆମର ସେହି ବୀର ନାୟକମାନଙ୍କ ପ୍ରତି ଏକ କ୍ଷୁଦ୍ର କୃତଜ୍ଞତା ଓ ସମ୍ମାନର ପ୍ରତୀକ।
ଏହି ଗୌରବମୟ ଉତ୍ସବରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ହଳଧର ଶବର ପ୍ରମୁଖ ବିଶେଷ ଭାବେ ଉପସ୍ଥିତ ରହି ଶହୀଦମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ମା' ଗଜଲକ୍ଷ୍ମୀଙ୍କ ଆଶୀର୍ବାଦ ନେଇ ଓଡ଼ିଆ ଚଳଚ୍ଚିତ୍ର ଦେବକନ୍ୟା ଟିମ୍ ତରଫରୁ ପ୍ରଚାର ଆରମ୍ଭ: ନଭେମ୍ବର ୨୦ରେ ମୁକ୍ତିଲାଭ



ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ଦେବକନ୍ୟା' ଆସନ୍ତା ନଭେମ୍ବର ୨୦ ତାରିଖରେ ମୁକ୍ତିଲାଭ କରିବା ପାଇଁ ଘୋଷଣା ହୋଇଥିବା ବେଳେ ମାଆ ଗଜଲକ୍ଷ୍ମୀଙ୍କ ଆଶୀର୍ବାଦ ନେଇ ପୁରା ଟିମ୍ ତରଫରୁ ପ୍ରଚାର ଆରମ୍ଭ ହୋଇଛି । ଖାରବେଳ ନଗର (ପ୍ରିୟା ହୋଟେଲ ପାଖ) ଠାରେ ଦୀର୍ଘ ବର୍ଷରୁ ଆୟୋଜିତ ହେଉଥିବା ଗଜଲକ୍ଷ୍ମୀ ପୂଜା ସମିତି ତରଫରୁ (ସମାଜସେବୀ ତଥା ସାଂସ୍କୃତିକ ଗଜଲକ୍ଷ୍ମୀ ପୂଜା ସମିତିର ମୁଖ୍ୟ ଉପଦେଷ୍ଟା) ରୁଦ୍ର ନାରାୟଣ ସାମନ୍ତରାୟ, ସମ୍ପାଦକ ଦେବାଶିଷ ପାଢ଼ୀ, ନୀଳିମା ରାଜଗୁରୁ, ମୁକ୍ତା ମଞ୍ଜରୀ ସୁତାର, ରାଜଶ୍ରୀ ଦାସ ଙ୍କ ସମେତ ତାଙ୍କ ଟିମ୍ ଦ୍ୱାରା ଆୟୋଜିତ ମାଆ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ଦେବକନ୍ୟା ଟିମ୍ ତରଫରୁ ଅଭିନେତା ଶୁଭାଶିଷ ଶର୍ମା (ମଣ୍ଟୁ), ଅଭିନେତ୍ରୀ ସୁଶ୍ରୀ ନିର୍ଦ୍ଦେଶକ ରାଶେଷ ମହାନ୍ତି (ସିଲୁ), କ୍ୟାମେରାମ୍ୟାନ ସୁଦର୍ଶନ ସେନାପତି, କାର୍ଯ୍ୟନିର୍ବାହୀ ଅଧିକାରୀ ମହେଶ ବାରିକ, ମିଡିଆ ଏବଂ ମାର୍କେଟିଂ ହେଡ୍ ପ୍ରଣୟ ଜେଠୀ ପହଞ୍ଚି ମାଆଙ୍କ ପାଖରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଥିଲେ ଏବଂ ଦେବକନ୍ୟାର ପ୍ରଚାର ଆଜିଠାରୁ ଆରମ୍ଭ ହେଲା ବୋଲି କହିଥିଲେ। ସୁପ୍ରିମ୍ ଏଣ୍ଟରଟେନମେଣ୍ଟ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରକୁ ସୁରେଶ କୁମାର ସାହୁ ଏବଂ ଭାର୍ଗବୀ ତ୍ରିପାଠୀ ପ୍ରଯୋଜନା କରିଛନ୍ତି। ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ଲିଖିତ କାହାଣୀ ଓ ସ୍କ୍ରିନ୍?ପ୍ଲେ ଉପରେ ଆଧାରିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଅଭିଜ୍ଞ ନିର୍ଦ୍ଦେଶକ ରାଶେଷ ମହାନ୍ତି (ସିଲୁ)। ସୁଦର୍ଶନ ସେନାପତି ଏହି ଫିଲ୍ମର ଚିତ୍ରତ୍ତୋଳନ କରିଥିବା ବେଳେ ଚନ୍ଦ୍ରଶେଖର ମିଶ୍ର ସମ୍ପାଦନା କରିଛନ୍ତି। ଲଭର୍ ବୟ ଓ ଚକୋଲେଟ୍ ବୟ ଭାବେ ଅନେକ ଚଳଚ୍ଚିତ୍ରରେ ଦର୍ଶକଙ୍କ ମନ ଜିଣିଥିବା ଅଭିନେତା ଶୁଭାଶିଷ ଶର୍ମା (ମଣ୍ଟୁ) ଏହି ଚଳଚ୍ଚିତ୍ରରେ ଏକ ଭିନ୍ନ ଓ ଚ୍ୟାଲେଞ୍ଜିଂ ଭୂମିକାରେ ନଜର ଆସୁଛନ୍ତି । ପୁରୀ ମାଟିର ପାରମ୍ପରିକ ଘୋଡ଼ାନାଚକୁ ଆଧାର କରି ଚଳଚ୍ଚିତ୍ରର କାହାଣୀ ଗତିଶୀଳ ହୋଇଛି। ଘୋଡ଼ାନାଚରେ ଝିଅ ବେଶ ହୋଇ ନାଚୁଥିବା ଜଣେ ପୁଅର ଜୀବନକୁ କେନ୍ଦ୍ର କରି ଗଢ଼ାଯାଇଛି ଏହି କାହାଣୀ। ଝିଅ ବେଶରେ ନାଚି ନାଚି ଧୀରେ ଧୀରେ ତା'ର ଅଙ୍ଗଭଙ୍ଗୀ, କଥା କହିବା ଢଙ୍ଗ ଓ ଆଚରଣ ମଧ୍ୟ ଝିଅ ଭଳି ହୋଇଯାଏ। ମା' ମଙ୍ଗଳାଙ୍କ ପ୍ରତି ତା'ର ଗଭୀର ସମର୍ପଣ ଯୋଗୁଁ ତାଙ୍କ ନାମ ରଖାଯାଏ 'ଦେବକନ୍ୟା'। ତେବେ ଏହି ଅସାଧାରଣ କାହାଣୀର ଶେଷ ପରିଣତି କ'ଣ ହୁଏ, ତାହା ଚଳଚ୍ଚିତ୍ର ମୁକ୍ତି ପରେ ହିଁ ଦର୍ଶକ ଜାଣିପାରିବେ। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ସଂସ୍କୃତି, ପରମ୍ପରା, ଲୋକକଳା ଓ ମାଟିର ମହକକୁ ଚଳଚ୍ଚିତ୍ରରେ ଗୁରୁତ୍ୱ ଦିଆଯାଇଛି। ଶୁଭାଶିଷ ଶର୍ମା(ମଣ୍ଟୁ) ଙ୍କ ସମେତ ବରିଷ୍ଠ କଳାକାର କୁନା ତ୍ରିପାଠୀ, ଅଶ୍ରୁମୋଚନ ମହାନ୍ତି, କେଦାର ମିଶ୍ର, ଦେବ୍, ନବାଗତା ସୁଶ୍ରୀ ମନସ୍ୱିନୀ ଏବଂ ଆହୁରି ଅନେକ କଳାକାର ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଏହି ଚଳଚ୍ଚିତ୍ରର ସାଂସ୍କୃତିକ ଉପଦେଷ୍ଟା ଆଶୁତୋଷ କୁମାର ଥିବା ବେଳେ ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଅଛନ୍ତି କ୍ଷ ବିରଞ୍ଚି ନାରାୟଣ ଲେଖିଥିବା ଗୀତ ଗୀତଗୁଡିକୁ ସଙ୍ଗୀତରେ ସଜାଇଛନ୍ତି ବିକାଶ ଦାସ । କଣ୍ଠଦାନ କରିଛନ୍ତି ଅଭିଜିତ ମିଶ୍ର ଏବଂ ନିଶାନ୍ତ ମିଶ୍ର । ଦେବକନ୍ୟା ଚଳଚ୍ଚିତ୍ରର ପୋଷ୍ଟର, ଟ୍ରେଲର ଓ ଅଡିଓ ରିଲିଜ୍ ପରେ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଆହୁରି ବଢ଼ିଛି। ତେବେ ଆସନ୍ତା ୨୦ ନଭେମ୍ବରରେ 'ଦେବକନ୍ୟା' ମକ୍ତିଲାଭ କରିବ ଏବଂ ଦର୍ଶକ ଏହାକୁ ଦେଖି ମନୋରଞ୍ଜନ ପାଇବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି।

ମୁକ୍ତି ତୀର୍ଥ ସେବା ସଂଘର ବାର୍ଷିକ ଉତ୍ସବ ପ୍ରଥମ ଦିବସ

ବାଲେଶ୍ୱର,୩୧/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସାହାଦା ଛକରେ ମୁକ୍ତି ତୀର୍ଥ ସେବା ସଂଘ ର ବାର୍ଷିକ ଉତ୍ସବ ସଭାପତି ବିଶ୍ୱନାଥ ପଣ୍ଡା ସଭାପତିତ୍ୱରେ ପାଳିତ ହୋଇ ଯାଇଛି। ଏହି ବାର୍ଷିକ ଉତ୍ସବ ୩ ଦିନ ଧରି ପ୍ରବଚନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ମୁକ୍ତି ତୀର୍ଥ ସେବା ବାର୍ଷିକ ଉତ୍ସବ କୁ ଉଦଘାଟନ କରିଥିଲେ। ସାଧାରଣ ସଂପାଦକ ରାମାନନ୍ଦ ଦାସ , କୋଷାଧକ୍ଷ ବିଜୟ କୁମାର ଦାସ ,କାର୍ଯ୍ୟକାରୀ ସଦସ୍ୟ କମଳା କାନ୍ତ ନାୟକ , ଅଫିସ ସେକ୍ରେଟାରୀ ଦୀନବନ୍ଧୁ ଦାସ , ଦିଲ୍ଲୀପ କୁମାର ଦାସ, ନରୋତ୍ତମ ବାରିକ , ଉପସଭାପତି ଲମ୍ବୋଦର ପ୍ରଧାନ, ଉପସଭାପତି ରମେଶ ଚନ୍ଦ୍ର ପାଢ଼ୀ , ଉପଦେଷ୍ଟା ଭାଗବତ ସାହୁ , ସହ ଉପଦେଷ୍ଟା ନୀଳାମ୍ବର ପଣ୍ଡା , ଗୁଣାଧର ସାହୁ , ହରେକୃଷ୍ଣ ବାରିକ , ଲକ୍ଷ୍ମଣ ବାରିକ , ମିନତି ମହାନ୍ତି , ରଞ୍ଜିତ୍ କୁମାର ଦାସ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ତାଙ୍କ ବାକ୍ତବ୍ୟରେ କହିଥିଲେ ମୁକ୍ତି ତୀର୍ଥ ସେବା ସଂଘ ଏପରି କାର୍ଯ୍ୟକ୍ରମକୁ ହାତକୁ ନେଇ କାର୍ଯ୍ୟ କରୁଥିବାରୁ ଧନ୍ୟବାଦ୍ ଦେବା ସଙ୍ଗେ ସଙ୍ଗେ ସେ ନିଜେ ମଧ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିବେ ଓ କିପରି ଏହି ଅନୁଷ୍ଠାନ ଆଗକୁ ଯିବ ସହଯୋଗ କରିବେ ସଭାପତି ବିଶ୍ୱନାଥ ପଣ୍ଡା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଏହି ମୁକ୍ତି ତୀର୍ଥ ସେବା ସଂଘ ଗରିବ , ଧନୀ ସବୁ ବର୍ଗର ଲୋକଙ୍କ ର ଶବକୁ ତୀର୍ଥ ସେବା ଦେବ ଓ ଏହା ବିନା ମୂଲ୍ୟରେ ଲୋକଙ୍କ ର ତୀର୍ଥ ସେବା ଦେବ କିନ୍ତୁ ଯଦି କେହି ବ୍ୟକ୍ତି ଆର୍ଥିକ ଦାନ କରେ ତାହାହେଲେ ଏହାକୁ ଗ୍ରହଣ କରାଯିବ । ସେହିପରି ଅନ୍ୟ ସଦସ୍ୟ ମାନେ ମୁକ୍ତି ତୀର୍ଥ ସେବା ସଂଘ ର ଏଭଳି କାର୍ଯ୍ୟକ୍ରମ କୁ ପ୍ରଶଂସା କରିଥିଲେ। ସର୍ବଶେଷରେ କମଳା କାନ୍ତ ନାୟକ ଧନ୍ୟବାଦ ଦେଇ ସଭା କାର୍ଯ୍ୟ ଶେଷ କରିଥିଲେ । ସର୍ବ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରୀରୁ ଚରଣ ହରିହର ଜେନା ପ୍ରବଚନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୁକ୍ତି ତୀର୍ଥ ସେବା ସଂଘ ର ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନାରେ ସହଯୋଗ କରିଥିଲେ।


ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୧ ନଭେମ୍ବର ୨୦୨୬
email :
rabibarachayan2015@gmail.com

ରବିବାର ଚୟନ

.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ **'ବୁଦ୍ଧ କାହାଣୀ'** ଶୀର୍ଷକରେ ଅନୁବାଦ କରିଛନ୍ତି

ଡ. ସାରଙ୍ଗଧର ତ୍ରିପାଠୀ



୪୮ ବୁଦ୍ଧଙ୍କୁ ଅପମାନିତ କରିବାକୁ ଚେଷ୍ଟା କରିଥିବା ସୁନ୍ଦରୀ(ଖ)



ଯେତେବେଳେ ତପସ୍ୱୀମାନେ ଜାଣିଲେ ଯେ ଅନେକ ଲୋକ ସୁନ୍ଦରୀକୁ ନିୟମିତ ଭାବରେ ଜେତବନକୁ ଯିବାର ଦେଖିଛନ୍ତି, ସେମାନେ ତାକୁ ହତ୍ୟା କଲେ ଏବଂ ନିକଟରେ ଥିବା ଏକ ଖାଲରେ ଗାତଖୋଳି ପୋତିଦେଲେ। ତପୁରେ ସେମାନେ ରାଜା ପସେନାଦି କୋଶଳଙ୍କ ନିକଟକୁ ଯାଇ ଜଣାଇଲେ ଯେ ସୁନ୍ଦରୀ ବୁଦ୍ଧଙ୍କ ପ୍ରବଚନ ଶୁଣିବା ପରେ ନିଖୋଜ ହୋଇଯାଇଛନ୍ତି।

ରାଜା ପଚାରିଲେ, "ସେ କେଉଁଠି ବୋଲି ତୁମେ ସନ୍ଦେହ କରୁଛ ?"

ସେମାନେ ଉତ୍ତର ଦେଲେ, "ହେ ମହାନ ରାଜା, ସେ ଏବେବି ଜେତବନରେ ଥାଇପାରନ୍ତି। ଆମେ ଚିନ୍ତିତ କାରଣ ବୁଦ୍ଧଙ୍କ ଉପଦେଶ ଶୁଣିସାରିବା ପରେ କେହି ବେଶୀ ଦିନ ସେଠାରେ ରହିଥିବାର ଜଣାନାହିଁ।"

ରାଜା କହିଲେ, "ତେବେ ତୁମେ ତୁରନ୍ତ ତାଙ୍କୁ ଖୋଜିବାପାଇଁ ସେଠାକୁ ଯିବାକୁ ପଡ଼ିବ।"

ତପସ୍ୱୀମାନେ ଜେତବନରେ ସୁନ୍ଦରୀକୁ ଖୋଜିବାର ଅଭିନୟ କଲେ। କିଛି ସମୟ ଖୋଜିବାପରେ ସେମାନେ ସେହି ସ୍ଥାନକୁ ଗଲେ ଯେଉଁଠାରେ ସେମାନେ ତାକୁ କବର ଦେଇଥିଲେ ଏବଂ ତା'ର ଶରୀରକୁ ଖୋଳି ବାହାର କଲେ। ଶବକୁ ଏକ ରୋଗୀବାହକ ଶଯ୍ୟା (ଷ୍ଟ୍ରେଚର)ରେ ରଖି ସେମାନେ ତାକୁ ଶ୍ରୀବସ୍ତିକୁ ନେଇଗଲେ। ରାସ୍ତାସାରା ସେମାନେ କ୍ରୋଧର ସହିତ ଚିତ୍କାର କରି କହୁଥିଲେ, "ହେ ପ୍ରଭୁ, ସେହି ସାଧୁମାନଙ୍କ କାମକୁ ଦେଖ ଯେଉଁମାନେ ନିଜକୁ ପବିତ୍ର ବୋଲି କହୁଛନ୍ତି। ସେମାନେ ନିର୍ଲଜ୍ଜ, ଦୁଷ୍ଟ ଏବଂ ମିଥ୍ୟାବାଦୀ। ଦେଖ ସେମାନେ କ'ଣ କରିଛନ୍ତି। ସେମାନେ ବିଚରା ସୁନ୍ଦରୀ ସହିତ ଦୁଷ୍କର୍ମ କରିଛନ୍ତି ଏବଂ ତା'ପରେ ନିଜର ଅପରାଧ ଲୁଚାଇବା ପାଇଁ ତାକୁ ହତ୍ୟା କରିଛନ୍ତି।"

ବୁଦ୍ଧଙ୍କ ଶିଷ୍ୟମାନେ ଏହି ଅଭିଯୋଗରେ ଭୟଭୀତ ହୋଇଗଲେ ଏବଂ କ'ଣ କରିବେ ଜାଣିପାରିଲେ ନାହିଁ; ମାତ୍ର ବୁଦ୍ଧ ସେମାନଙ୍କୁ ଶାନ୍ତ ଭାବରେ ସେମାନଙ୍କର ଭୟକୁ ନିୟନ୍ତ୍ରଣ କରିବାକୁ କହିଲେ। ଭୟ କରିବାର କିଛି ନାହିଁ, କାରଣ ସେମାନେ ଏହି ଅପରାଧ ସମ୍ପର୍କରେ ଅଜ୍ଞ।

ବୁଦ୍ଧ ସେମାନଙ୍କୁ ପରାମର୍ଶ ଦେଇଥିଲେ, "ଲୋକ ତୁମ ଉପରେ ଦୋଷାରୋପ କରିବେ ଓ ଭର୍ତ୍ସନା କରିବେ; କିନ୍ତୁ ତୁମେ କେବଳ ଏହା କହିବା ବ୍ୟତୀତ ଆଉ କିଛି କରିବ ନାହିଁ - ଯେଉଁମାନେ ମିଥ୍ୟା କହନ୍ତି ଓ ଯେଉଁମାନେ ନିଜେ କରିଥିବା କର୍ମକୁ ଅସ୍ୱୀକାର କରନ୍ତି ଉଭୟ ସମାନ ଧରଣର ମନ୍ଦକାର୍ଯ୍ୟ ଏବଂ ସେମାନେ ଦୁଃଖ ଭୋଗ କରିବେ। (କ୍ରମଶଃ)

❤ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

ମିନିଗଳ୍ପ-୨୮



ମାମଲା (ଳ)

ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ

ସେ ମୂଳରୁ ହୁରୁମା। ଡେଙ୍ଗା ଶାମଳ ପତପତିଆ ହାଡୁଆ ଚେହେରା। ଯେବେ ତ ସାଙ୍ଗରେ ଥିବେ ଥାଟବାଟ। ତାଙ୍କ ଛକରେ ମୂର୍ତ୍ତି ଥାପନା ହବ । ଗଣେଶ ପୂଜା ଜମିବ। ଅଟକେଇବେ ଟ୍ରକବାଲାକୁ, ବସ୍‌ବାଲାଙ୍କୁ। ଚନ୍ଦା ଚାନ୍ଦା ସବୁ। ଭୟ ହଉ ବା ଭକ୍ତି, ଆଦାୟ ହବ ଢେର।

ସେ ରାଗିଲେ ଆକାଶରୁ ଉଲ୍କା ଖସେ। ସେ ହସିଲେ ଖଣ୍ଡମଣ୍ଡଳ ହସେ। ତାଙ୍କ ଦାଣ୍ଡରେ ନିତି ଦରବାର ବସେ। ସବୁ ଝଙ୍କାଝୋର କଜିଆ ଫୁସୁରି ଯାଏ। ପୁଲିସି ସଲାମ ଠୁଙ୍କେ। ସେ ନାଁ ଶୁଣିଲେ ଜରାସନ୍ଧ ବି ଅନ୍ଧାରରେ ଲୁଚେ।

ସେ ଭାରି ଧାର୍ମିକ। ଧର୍ମ ବଳରେ ସହରରୁ ସବୁ ଉଚ୍ଛେଦ ହେବା ସତ୍ତ୍ୱେ ରହିଗଲା ତାଙ୍କ ଉଦ୍ୟମରେ ଗଠିତ ଗଣପତିଙ୍କ ମନ୍ଦିର। ନିତ୍ୟ ପୂଜାର୍ଚ୍ଚନା ଚାଲିଲା। ଭଜନ ମେଲୋଡି କମିଲା ଗଣେଶ ଚତୁର୍ଥୀକୁ। ପାଖଆଖ ଗାଁଗହଳିରେ ଯେତେ ନାଲି ଆଖିଆ ଗଜୁରିଲେ, ସବୁ ବନିଗଲେ ତାଙ୍କ ଚେଲା। ସେ ଗଡ଼ ଜିଣିଲେ। ସମିତି ନିର୍ବାଚନ ଲଢିଲେ। ଅଧକ୍ଷ ହେଲେ।

ଗୋସେଇଁ କଳାଧଳା ଯୁଗରେ ତାଙ୍କ ଜୁଆଁଇଙ୍କ ମାର୍ଫତରେ କିଣିଲେ ରୋହିଣୀ ଡିଲକ୍ସ ବଡ଼ ଟିଭିଟେ। କଟକରୁ ଆଇଲା ଚାରିଶ ସାତରେ। ଗାଁ'ରେ ପହଞ୍ଚିବା ଆଗରୁ ଦଳେ ଖଳ ସେ ଗାଡି ଅଟକେଇଲେ। ଗାଡି ସହ ଆସିଥିବା ପିଲା ଓ ଟିଭିକୁ ଧରି ନେଇଗଲେ। ପିଲା କାନ୍ଦୁଥାଏ। ବାଟରେ ଦେଖଣାହାରୀଙ୍କୁ କହୁଥାଏ ଗୋସେଇଁକୁ ଖବର ଦେଇ ଦିଅ, ତାକୁ ଓ ଟିଭିକୁ ରାବଣ ହରଣ କରି ନେଉଚି। କଥା ପଡିଲା ଗୋସେଇଁ କାନରେ। ଗୋସେଇଁଙ୍କ କାନମୁଣ୍ଡା ଭାଁ ଭାଁ। କଣ କରିବେ ଧାଇଁଲେ ସଦର ମହକୁମା। ଶରଣ ପଶିଲେ ମହାତମାଙ୍କର। କଥା ନିମିଷକେ ଫଇସଲା ହେଲା। ସସମ୍ମାନେ ଫେରେଇ ଦିଆଗଲା ପିଲା ସହ ଟିଭିକୁ।

କହନ୍ତି ସିଂହ ବୁଢା ହେଇଗଲେ କେବଳ ଅସ୍ଥି କଙ୍କାଳସାର ହୋଇ ଜଙ୍ଗଲରେ ପଡି ରହେ। ତା ଉପରେ ମୂଷା ବି ଚଢି ଚାଲିଯାଏ। ଏମିତି କିଛି ବି ହେଲା। ବୟସ ବଢିବା ସହ କିଛି ଅନ୍ତରଙ୍ଗ ଅଶାନ୍ତିରେ ମହାତମାଙ୍କର କାୟାକ୍ଲେଶ ହେଲା। କ୍ରମଶଃ ଦରବାର ଭାଜିଗଲା।

ମହାରାଜା ମନୁମେଣ୍ଟ ବନିଗଲେ।

ଏଇ ନଗଦରେ ଆଖି ବୁଜିଲେ ମହାତମା। ସମଗ୍ର ଜିଲାର ଭୌଗୋଳିକ ସରହଦରୁ ସାଆନ୍ତଟିଏ ଅପସରିଗଲେ।

ଇତିହାସ ପୁନଃରଚନା ବେଳେ ଏ ନାମଟି ନିଶ୍ଚୟ ମୋଟା କଳା ଅକ୍ଷରରେ ଲେଖା ହେବ,ଏଥିରେ ସନ୍ଦେହ ନାହିଁ।

ମାମଲା ଖଲାସ।

❤ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ, (ମୋ) ୯୭୭୬୫୪୬୧୩୦

ପାଉଁଜିର ପାଣ୍ଡୁଲିପି-୩୯

ବିପିନ ମହାନ୍ତି

ନୀଳକଇଁ



ନୀଳକଇଁ ତୁମ ତନୁ ତନିମାରେ ତାରୁଣ୍ୟର ତୂର୍ଯ୍ୟନାଦ
ଆମ ଗାଆଁ ଜହ୍ନ ତୁମପାଇଁ ପରା ମୁଣ୍ଡେଇଛି ଅପବାଦ
ଆମରି ଗାଆଁର ତାଳ ତମାଳରୁ ଚଗଲା ଜହ୍ନଟା ଲୁଚି
ତୁମ ଗାଁ ସରସୀ ଜଳରେ ପହଁରେ ସାରାରାତି ଖେଳେ ପୁଚି।

ଭସା ବାଦଲଟା ଭଗାରି ସାଜିକି ଜହ୍ନକୁ ଲୁଚେଇ ଦିଏ
ତୁମରି ଗାଆଁର ସେ' ଦୁଷ୍ଟ ଝିଅଟା କଇଁ ତୋଳିବାକୁ କୁହେ
କଇଁ ତୋଳୁତୋଳୁ କୁଆଁରୀ କଳିର କଅଁଳଇ ଅନୁରାଗ
ଝିଅ ନୁହେଁ ସିଏ କାଉଁରୀ କାଠିଟେ କଇଁମୂଳେ କଳାନାଗ।


ପାନ କଲି ତା'ର ପ୍ରେମର ଗରଳ ପାଗଳ ପରାୟେ ମୁହିଁ
ନୀଳନୟନୀର ନୀଳ ନିମନ୍ତ୍ରଣ ନିତି ଦେଖୁଥିଲା କଇଁ
ଓଠରେ ତା' ମିଠା ଜହର ଭରିଛି ଆଖିରେ ଭରିଛି ନିଶା
କଳା ନାଗୁଣୀଟା ଦଂଶିଦେଲା ମୋତେ କଇଁ ହେଲା ଲୋକହସା।

ନିରିମାଖି ସେଇ ନୀଳ ନଈଘାଟେ ନୀରବ ରାତିର ଟୁଟେ
ନୀଳ ନିର୍ବାଣ ଲଭିଛି ସିନା ମୁଁ ନୀଳକଇଁ ମଥା ପିଟେ।

❤ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

କହି ହେଇନାହିଁ ଯାହା...(୧୬)

ସୈରିନ୍ଧ୍ରୀ ସାହୁ



ଜିଇଁବାର ମନ୍ତ୍ର ଦେଇ
କାହିଁଗଲ କାହିଁଗଲ
କାଠଚମ୍ପା ଫୁଲ ଆଜି ଭାସିଯାଏ
ଲୁହର ନଈରେ

ଅଂଧାର ଯେ ସାରାଟା ଆକାଶ !
ଅଦେଖା କ୍ଷତଟେ ହୁଏ ରୁଗୁରୁଗୁ
ହୃଦୟ ଭିତରେ ! ! ❤

କବିତା



॥ କବିତା ଲେଖୁଥିବା ନାରୀ ॥

ସୁରେଶ କୁମାର ନାୟକ

ଯେବେଠାରୁ ସେ ପଢିଲାଣି କବିତା ପ୍ରେମରେ
ନା ସେ କାହାର ପତ୍ନୀ ନା କାହାର ପ୍ରେମିକା
ସେ ତ ଭୁଲିଯାଇଚି
କାହାର ମା' କି ଭଉଣୀ ।

ଓଳିଏ ଅନ୍ୟମନସ୍କତା, ଅଧରାତିଏ ସ୍ୱପ୍ନ
ଫର୍ଦ୍ଦେ କାଗଜ ଓ ଗୋଟେ କଲମକୁ ନେଇ
ସେ ଲେଖିଚାଲିଚି
ଏକ ସରୁନଥିବା ଆତ୍ମକାହାଣୀ ।

ତାକୁ ଅହରହ ଶୁଭୁଥାଏ
କାହାରି ନା କାହାର ଡାକ ,
ଦୂର ବନସ୍ତରୁ, ମୁହାଣ ପାଖରୁ,
ନୀପ ମୂଳରୁ, କେଳିକୁଞ୍ଜରୁ
ବେଳେବେଳେ ଝରକା ସେପଟୁ ବି ।

ସେ ଚମକେ, ଉତ୍‌କୀର୍ଣ୍ଣ ହୁଏ,
କନକନ ହୋଇ ଧାଉଁଥାଏ
ଛାତିର ଘଞ୍ଚଅରଣ୍ୟରେ
କସ୍ତୁରୀମୃଗ ଭଳି ।
ମୃଗୟା ଭଳି କିଛି ରୋମାଞ୍ଚ
ଜହ୍ନରାତି ପରି କିଛି ମୋହାଚ୍ଛନ୍ନ ଶୀତଳତା
ମଧୁର ଯନ୍ତ୍ରଣା ଭଳି ନାତିଶୀତୋଷ୍ଣ ପୀଡାରେ
ଆବେଶ ହେଉଥାଏ ତା ମନ ଓ ଆତ୍ମା,
ଅନିର୍ବଚନୀୟ ପୁଲକର ଉଶ୍ୱାସଟିଏ
ଶେଷରେ ସେ ଅନୁଭବ କରୁଥାଏ
ପଡାଟେବୁଲରେ ।

ବଦଳି ଯାଉଥିବା ଋତୁ ପରି ତା ମନ ।
ଏଇନେ ନିଦାଘ ଆକାଶ ପରି କ୍ଷମାହୀନ ତ
ଆରଘଡିକି ଜିଦଖୋର ଅଝଟ ଶ୍ରାବଣ,
କେବେ ନିଜକୁ ଗୁଡି ଲାଞ୍ଜରେ ବାନ୍ଧି ଉଡେଇଦିଏ
ମନର ମକର ଆକାଶରେ ତ
କେବେ ଗଙ୍ଗଶିଉଳି ପରି
ମାଟିମନସ୍କା ହୋଇ ଝରିପଡେ
ହୃଦୟର ନିଚିପଡ଼ ଶରତ ସକାଳରେ ।

ବଡ଼ ଅଜବ କିସମର
ଏ କବିତା ଲେଖୁଥିବା ନାରୀ ।
ଅକ୍ଷରର ଶେଯ ସୁପାତି ପାରି
ରାଇବିନୋଦିନୀ ପରି
କବିତାର କେଳିକୁଞ୍ଜକୁ ଡାକେ
ଶଢର ଶ୍ୟାମନାଗର ,
ଅଥଚ ଅଧା ରମଣରୁ ହଠାତ୍ ଉଠି ଚାଲିଯାଏ
ଯାତନାର ଯମୁନାକୂଳ,କାନ୍ଦର କଦମ୍ବମୂଳ ।
ଇଚ୍ଛା ହେଲେ ପୁନଶ୍ଚ ଶବ୍ଦ ସହବାସ କରି
କବିତାରେ ଗର୍ଭବତୀ ହୁଏ ତ
କେବେ ନଷ୍ଟପଦ୍ୟର ଯନ୍ତ୍ରଣାରେ
ହତଶିରୀ ଦିଶେ ।

ପ୍ରେମିକ କି ପୁରୁଷମାନେ ନୁହନ୍ତି
ତାକୁ ବେଶି ଧୋକା ଦିଅନ୍ତି ଶବ୍ଦମାନେ,
ତଥାପି କବିତା ଲେଖୁଥିବା ନାରୀ
ଅକ୍ଷରର ପିଠଉ ବାଟି
ଶବ୍ଦର ଝୋଟି ପକଉଥାଏ
ମନର ଅଗଣାରେ ।
ଜହ୍ନକୁ ପଦ୍ମଫୁଲ ଭାବି ତୋଳିଆଣେ
ଆକାଶର ନୀଳ ଗାଡିଆରୁ,
ତାରା ଫୁଲମାନଙ୍କୁ ଚିରି
ତିଆରି କରେ ଝୁରାଫୁଲର ପୁଷ୍ପାଞ୍ଜଳି,
ତା' ହୃଦ-ଖଟୁଲିରେ ଦଧିବାମନ ଭଳି
ବସିଥିବା କାବ୍ୟପୁରୁଷଙ୍କୁ କାବ୍ୟାର୍ଘ୍ୟ ବାଢି
ଦରଆଉଜା କରିଦିଏ ଆତ୍ମାର ଦରଜା ।

କାବ୍ୟପୁରୁଷଙ୍କ ମୁହଁରେ ଲାଗି ରହିଥାଏ
ଚିରସ୍ଥାୟୀ ସ୍ମିତହସ,
କେଇ ମୁହୂର୍ତ୍ତ ଖୁସି ପରେ
କବିତା ଲେଖୁଥିବା ନାରୀ
ପୁଣି ଦିଶେ ଉଦାସ ଉଦାସ ।
ବୋଧହୁଏ ତା ନିଷ୍ଠା ଓ ସାଧନାରେ
ସେ ନିଜେ ଥାଏ ଅସନ୍ତୁଷ୍ଟ
ତାକୁ ଘାରୁଥାଏ
ଆଉ ଏକ କବିତାର ପୂର୍ବାଭାସ ।

❤ ପ୍ଲଟ ନଂ - ୯୧ , ଶତାବ୍ଦୀ ବିହାର, ଲେନ୍ -୧, କୃଷକ ବଜାର, ଅଭିନବ ବିଡାନାସୀ, କଟକ - ୭୫୩୦୧୪
(ମୋ) ୬୩୭୨୭ ୯୪୫୦୬

॥ ପତ୍ର ପାପୁଲିର କଥା ॥

ବିଜୟଲକ୍ଷ୍ମୀ ପାଣିଗ୍ରାହୀ



ଏମିତି ବି ହୁଏ
ଗହଳ ଅନ୍ଧାରରେ ହିଁ ଫୁଟେ ଜୀବନର ଫୁଲ
ଆଉ ବହଳ ଆଲୋକରେ
ଅସ୍ପଷ୍ଟ ହୁଏ ତା'ର ମୂଳ
ସପନର ଡେଣା ବାରିବାକୁ
ଅପଲକ ଦୃଷ୍ଟିଟେ ହିଁ ଲୋଡ଼ା
ଯେଉଁଠି ଥାଏ ଏକ ନିର୍ବିକାର ଆସ୍ଥହା
ନହେଲେ
ସୁଖର ଜାଉଁଳି କବାଟ ଫାଙ୍କରୁ କେମିତି
ବିଛୁରି ଯାଉଥାନ୍ତା ଆନନ୍ଦର
ଆଞ୍ଜୁଳା ଆଞ୍ଜୁଳା ମୁରୁକି ହସ
ଆଉ ସାଇତା ହେଉଥାନ୍ତା
ବୁନ୍ଦାଏ ଜୀବନରେ ।

ଦୃଷ୍ଟିଟିଏ ଲୋଡ଼ାହୁଏ ଦେଖିବାକୁ
ସେ ପାଣି ପିଠିର ତପସ୍ୟା
ନ ହେଲେ କେମିତି ଆଖି ଠାବ କରିପାରନ୍ତା
ତା ସ୍ନିଗ୍ଧ ହୃଦୟରେ ସାଇତା
ସୁନୀଳ ଆକାଶର ଛବି ।

ପଦ୍ମବଣ କହିଲେ ଏକ ରୋମାଞ୍ଚ ନିଶ୍ଚୟ
ଯେଉଁଠି ପଦ୍ମ ଥାଏ
ସୁକୋମଳତା ଆଉ ସୁଗନ୍ଧ ବି
ଥାଏ ପତ୍ର ପାପୁଲିରେ
ଢଳଢଳ ହେଉଥିବା ଜଳ ।
ଭିତରକୁ ପ୍ରବେଶ କଲେ ଉକୁଟି ଆସୁଥାଏ
ସାତ ତାଳ ପାଣି ଭିତରର ପଙ୍କ
ଲେଖାହୁଏ ଅନେକ କବିତା
ଚିତ୍ରିତ ହୁଏ ଚିତ୍ର
ବିଶ୍ଳେଷିତ ହୁଏ ଜୀବନ ଦର୍ଶନ ।

ପତ୍ର ପାପୁଲିର ସଂଯମତା
ଆଉ ତା'ର ଝାଡ଼ିଝୁଡ଼ି ହେବା କୌଶଳ
ଅଛି ବୋଲି ତ
ଫି ସକାଳେ
ଉଦୟ ରାଗର ରାଗିଣୀଟେ
କେମିତି ସମାହିତ ହୋଇଯାଉଛି
ସେ ଢଳଢଳ ବୁନ୍ଦାଏ ଗର୍ଭରେ ।

❤ ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

॥ ଥାଳି



ବିନୟ କୁମାର ମହାନ୍ତି

ନାନା ବ୍ୟଞ୍ଜନ ଓ ବ୍ୟଞ୍ଜନାରେ
ବଢ଼ା ହୋଇଛି ଥାଳି ଖା, ଗିଳ, ଭୁଞ୍ଜ।

ଏଡୁଟେ ବୋଲି ପେଟ
ଯୁଗ ଯୁଗର ଭୋକକୁ ବାନ୍ଧି ଅଣ୍ଟିରେ
ଘୂରୁଚୁ ଯେ ଘୂରୁଚୁ।

କେବେ ସରାଗ, କେବେ ବିରାଗ
କେବେ ଲୁହ କେବେ ଲହୁରେ
ଆଉଟୁ ପାଉଟୁ ମହାପ୍ରସାଦ,
କେବେ ଆଉ ଚାଖିଲୁ
ଜୀବନର ସୁଆଦ ଜୀବନେ
ଭାଇ ଜୀବନ ଦାସ !

କେବେ ଦାନ୍ତ ସନ୍ଧିରେ କଣ୍ଟା
କେବେ କଣ୍ଟା ବାଡ଼ରେ ଲୁଗା
ଥାଳିକ ଯାକ ବ୍ୟଞ୍ଜନ, କୁକୁର ମୁହଁକୁ ଯାହା।

ଯା' କୁ ନା', ତାକୁ ନା',
ଏ ଛନ୍ଦ ନୁହେଁ, ସେ ଛନ୍ଦ ନୁହେଁ
କରୁ କରୁ ଛନ୍ଦା ଚରଣ ଫେରାର।

ଖରା ହଉ ଯିବୁ, ଶୀତ ହଉ ଯିବୁ
ହଉ ହଉ ହେମାଳ ହେଲାଣି ଦେହ,
ହେମାଳ ହେଲାଣି ଥାଳିକ ଯାକ ଭାତ।

ଖା, ଗିଳ, ଭୁଞ୍ଜ !
ତୋ ଗରଜ, ତୋ ଇଚ୍ଛା।

ଆଉ କୋଉ କଥାକୁ ଘମଣ୍ଡ
କୋଉ କଥାକୁ ଗୁମାନ !

❤ ବିଭାଗୀୟ ମୁଖ୍ୟ , ପ୍ରାଣୀ ବିଜ୍ଞାନ
ମଧୁପୁର କଲେଜ, କଲଣ, ଯାଜପୁର

॥ ବୁଢ଼ା ଶରତ ॥

ରଜନୀ ଶତପଥୀ



ଦଶହରା ବାସି
ଚନ୍ଦକାରୁ ପିତାପଲ୍ଲୀ ଯିବା ରାସ୍ତାରେ
ରାସ୍ତା କଡ ଗଛ ମୂଳେ
ଖଣ୍ଡେ ବଡ଼ ପଥରକୁ ଆଉଜି ବସିଥିବା
ବୁଢ଼ାଟିଏ ଉପରେ ମୋ ଆଖି ପଡେ
ପକ୍ଷୀ ଟିଏ ବସିଥାଏ ଗଛ ଡାଳରେ
ଯା'ର ଝରାପତ୍ର ରଙ୍ଗର ପର
ବୁଢ଼ାଟି ମୁଣ୍ଡରେ କାଶତଣ୍ଡୀର
କେଣ୍ଡାଏ ଧଳା ବାଳ
ଦୂର ନିର୍ମଳ ଆକାଶରେ
କେଇଖଣ୍ଡ ଧଳା ବାଦଲ ।

ସେଦିନ ସେଠି ଟିକେ
ଅଟକିବାକୁ ମନ ଥିଲେ ବି
ବେଳ ନଥିଲା ମୋର ।

ଚିହ୍ନିଲା ପରି ମୁହଁଟି ବୁଢ଼ାଟିର
ହେଲେ ଚିହ୍ନା ଚିହ୍ନା ଲାଗୁଥିବା ସବୁ ମୁହଁ ତ
ଚିହ୍ନା ନୁହଁ ଆମର...
ଛାଡି ଯାଇଥିବା ସବୁ ଲୋକଙ୍କର ନଥାଏ
ଏଠି ଫେରିବାର ।

ବୁଢ଼ାଟିକୁ ଦେଖିଲେ
ସବୁଦିନକୁ ଛାଡି ଯାଇଥିବା ଆତ୍ମୀୟର
ମୁହଁଟିଏ
ମୋର ମନେପଡେ.....
ସତେ ପୁଣି କେଉଁ କୁହୁକରେ
ସେ ଫେରି ଆସି ବସି ପଡିଛନ୍ତି କି ସେଇ
ଗଛମୂଳେ ?

ଅଣାଅଶୀ ଅଶିଣରେ
ଆମ ନଈକୂଳ ବିଲ ବାଲିଆ ମାଟିରେ
ଫଳିଥିବା ତିନି ହାତ ଲମ୍ବର ଖମ୍ବ ଆଳୁ
ଖୋଳୁ ଖୋଳୁ ଯିଏ ଗାତରେ ଗଳି ପଡ଼ିଲେ
ତା'ର ସାକ୍ଷୀ ମୁଁ
ନିଜ ଆଖିରେ ଦେଖିଚି
ପାଟି କରି ଡାକିଛି ଲୋକଙ୍କୁ....
ପରଦିନ ସକାଳେ ସେ ଆଉ ଉଠିଲେନି ଖଟରୁ
ଶୁଣିଲେନି ଯେତେ ଯିଏ ଡାକୁଥିଲେ ।

ସେ ବର୍ଷ ପଞ୍ଚକରେ
ଘିଅ ପରି ବୁଢ଼ୀ ମା'ର ଲୁହ ମିଶିଥିଲା
ସେଇ ଖମ୍ବ ଆଳୁରେ ରନ୍ଧା,
କଦଳୀ ପତ୍ରରେ ବଢ଼ା ହବିଷରେ ।

ଭାବେ ଆଜି....
ଜେଜେ ପରି ଦିଶୁଥିବା ସେ ବୁଢ଼ାଟିକୁ
ଯଦି ମୁଁ ଯାଇ ଖୋଜନ୍ତି କାଲି
ସେ ଆଉ ବସି ନଥିବ
ଖମ୍ବ ଆଳୁ ପରି ଦି'ଟା ଗୋଡ଼ ଲମ୍ବେଇ
ସେଇ ଗଛମୂଳ ପଥର ପାଖରେ;
ଦିଶୁ ନଥିବ ବି କେଉଁଠି ଆଖ ପାଖରେ
ଫୁର୍‌ର କରି ଉଡି ଯାଇଥିବ ବୋଧେ... ।

❤ ଭୁବନେଶ୍ୱର
(ଗ)୯୦୪୦୦୮୯୬୯୭

॥ ବୁଝାମଣା ॥

ପ୍ରିୟଦର୍ଶିନୀ ମହାପାତ୍ର



ଶରତ ସଞ୍ଜରେ ଆଜି
ଥାକଥାକ ସଫେଦ୍ ବାଦଲ,
ଇଚ୍ଛାହୁଏ ପାଦ ଦେଇ
ଚଢ଼ିଯିବି ତୁମ ଯାଏଁ ।

ଏଇତ ତୁମ ପାଖଦେଇ ଉଡ଼ିଯାଉଛି
ଉଡ଼ାଜାହଜଟେ
ପୁଣି କେବେ ଶଙ୍ଖଚିଲ କି ଛଆଣଟେ,
କେବେ ଖଣ୍ଡେ ମେଘ ଆସି
ଢାଙ୍କିଦେଉଛି ତୁମ ଆଖି ।

ତୁମେ କିନ୍ତୁ ମତେ ସେମିତି ଚାହିଁଛ
ମେଘକୁ ଆଡ଼େଇ ଦେଉଛ
ବର୍ଷାରେ ଓଦା ହେଉଛ,
ସାରା ଆକାଶ ଖାଲି ଥିଲେ ବି
ତୁମେ ଆସୁଛ ।

ଦିନେ ମୁଁ ଭାବିଥିଲି ତୁମେ ଚାଲିଗଲ,
ତୁମ ନଥିବାପଣରେ
ଅନ୍ଧାର ଦିଶୁଥିଲା ମୋ ପୃଥିବୀ ।

ପୁଣି ମୁଣ୍ଡ ଉପରକୁ ଚାହେଁ ତ
ତୁମେ ମୁରୁକି ହସୁଛ ମତେ ଚାହିଁ,
ସେଦିନଠୁ ମୋ ବାଲକୋନୀରେ
ଚିରସ୍ଥାୟୀ ହୋଇଗଲା ଗୋଟେ ଚଉକି
ଆମ କଥାବାର୍ତ୍ତା ପାଇଁ ।

ତୁମେ ଯେ ଏବେ ଆକାଶରେ ରୁହ,
ତୁମର ଆଉ ଚଉକି ଦରକାର ନାହିଁ ।

❤ ଭଞ୍ଜନଗର, ଗଞ୍ଜାମ
ମୋ: ୮୨୪୯୪୪୪୫୧୪

ଲେଖକଙ୍କ ପାଇଁ ପୁରସ୍କାର ଠାରୁ ପାଠକୀୟ ଆଦର ଓ ସମ୍ମାନ ବେଶୀ ଗୁରୁତ୍ୱପୂର୍ଣ୍ଣ : ସବିତା ମିଶ୍ର

ସବିତା ମିଶ୍ର

ସମକାଳୀନ ଓଡ଼ିଆ ଅନୁବାଦ ଜଗତରେ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । କବିତାରୁ ଲେଖିକା ଜୀବନ ଆରମ୍ଭ କରି ସମୟକ୍ରମେ ଓଡିଆରୁ ହିନ୍ଦୀ, ଇଂରାଜୀକୁ ଅନୁବାଦ କରି ସେ ତିଆରି କରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ । କେବଳ ଅନ୍ୟଭାଷାରୁ ଓଡିଆକୁ ନୁହେଁ ବରଂ ଓଡିଆରୁ ଅନ୍ୟଭାଷାକୁ ବିଶେଷକରି ହନ୍ଦୀ ଭାଷାକୁ ଅନୁବାଦ କରି ଓଡିଆ ସାହିତ୍ୟକୁ ଭାରତୀୟ ସାହିତ୍ୟରେ ସାମିଲ କରିବାର ଚେଷ୍ଟାରେ ସେ ତିଆରିଛନ୍ତି ନିଜର କର୍ମପରିଧି । ଇଣ୍ଟରନେଟ୍‌ରୁ ଜ୍ଞାନ ମିଳିଯାଇ ପାରେ କିନ୍ତୁ ବୁଦ୍ଧି, ବିବେକ ଓ ବିଚାର ଶୁଦ୍ଧତା ଏବଂ ଭଲ ସଂସ୍କାର ପାଇଁ ସେମାନଙ୍କୁ ବେଶୀ ବେଶୀ ବହି ପଢ଼ିବା କାମଟି ଯଥେଷ୍ଟ ସାହାଯ୍ୟ କରିବ । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : **ସୈରିନ୍ଧ୍ରୀ ସାହୁ**



■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ସ୍କୁଲରେ ପଢ଼ିବା ବେଳେ କବିତା ଲେଖିବା ଆରମ୍ଭ କରିଥିଲି । ପିଲାଦିନରୁ ଓଡ଼ିଆ ସାହିତ୍ୟ ପ୍ରତି ମୋର ବିଶେଷ ଆଗ୍ରହ ଥିଲା । ମୋ ମାଆ ଶିଶୁ ସାହିତ୍ୟିକ ପଦ୍ମାବତୀ ଆଚାର୍ଯ୍ୟ ମତେ ଓଡ଼ିଆ ଶିଶୁ ସାହିତ୍ୟ ପତ୍ରିକା ପଢ଼ିବାକୁ ବହୁତ ଉତ୍ସାହିତ କରିଥିଲେ । ସେହି ସବୁ ପଢ଼ିବା ପରେ ମୋର ବହି ପଢ଼ିବା ପାଇଁ ବିଶେଷ ଆଗ୍ରହ ଆସିଥିଲା । ସେଇ ମୂଳଦୁଆ କାରଣରୁ ବହୁତ କମ୍ ବୟସରୁ କବିତା ଲେଖିବା ଆରମ୍ଭ କରିଥିଲି ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଏକ ସାହିତ୍ୟିକ ପରିବେଶରେ ମୋର ଜନ୍ମ । ବାପା ବିଶିଷ୍ଟ ଶିକ୍ଷାବିତ୍ ଜୀବାନନ୍ଦ ଆଚାର୍ଯ୍ୟ କବି ଥିଲେ । ମାଆ ପଦ୍ମାବତୀ ଆଚାର୍ଯ୍ୟ ବିଶିଷ୍ଟ ଶିଶୁ ସାହିତ୍ୟିକା ଥିଲେ । ବଡ଼ ଭଉଣୀ ସରୋଜିନୀ (ଆଚାର୍ଯ୍ୟ) ଷଡ଼ଙ୍ଗୀ ମଧ୍ୟ କବିତା ଲେଖୁଥିଲେ । ବୁଦ୍ଧି ପାଇବା ଦିନରୁ ଘରେ କାବ୍ୟ ଆଲୋଚନା ଓ କବିତା ପାଠ ଶୁଣି ମୋ ମନ ବହୁତ ପ୍ରଭାବିତ ହୋଇଥିଲା । ସେମାନଙ୍କଠାରୁ ମତେ ଲେଖିବା ପାଇଁ ପ୍ରେରଣା ମିଳିଥିଲା । ମୋ ପାଇଁ ମୋ ବାପା, ମା' ଓ ବଡ଼ଭଉଣୀ ସାହିତ୍ୟର ଆଦ୍ୟଗୁରୁ ଥିଲେ । ମା'ଙ୍କର ଛୋଟ ପିଲାଙ୍କ ପାଇଁ ଲେଖିଥିବା କବିତା ସବୁକୁ ମୁଁ ମୁଖସ୍ଥ କରି ଦେଇଥିଲି । ମୋର ମନେଅଛି ସାହିତ୍ୟ ପ୍ରତି ମୋର ଏତେ ଅନୁରକ୍ତି ଥିଲା ଯେ ପାଠ୍ୟ ପୁସ୍ତକ ସବୁ ମୁଖସ୍ଥ ହୋଇଯାଉଥିଲା । ବହୁତ ପିଲାଦିନରୁ, ବୋଧହୁଏ ସାତବର୍ଷ ହୋଇଥିଲା, ମୁଁ 'ଟମକକାଙ୍କ କୁଟୀର' ପରି କାଳଜୟୀ ଉପନ୍ୟାସ ପଢ଼ି ଦେଇଥିଲି । ମୋ ବଡ଼ନାନୀ ରାଧାନାଥଙ୍କର ଓ ଗଙ୍ଗାଧରଙ୍କ କବିତା ଆବୃତ୍ତି କଲାବେଳେ ମୁଁ ମନେ ରଖିଦେଉଥିଲି । ଆମ ଘରେ ମୋ ବାପା ଶ୍ରୀ ଜୀବାନନ୍ଦ ଆଚାର୍ଯ୍ୟଙ୍କ ସହିତ ଅନ୍ୟ ଲେଖକମାନଙ୍କର ସାହିତ୍ୟ ଚର୍ଚ୍ଚା ଶୁଣି ମୋର ଓଡ଼ିଆ କାବ୍ୟ, କବିତା, ପ୍ରବନ୍ଧ ଓ ଉପନ୍ୟାସ ଆଦି ପ୍ରତି ଆକର୍ଷଣ ବଢ଼ିଥିଲା ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସମାଜରେ ସବୁ ସମୟରେ ବିବିଧ ସମସ୍ୟା ଥିଲା, ଅଛି ଓ ରହିବ । ଶିକ୍ଷା ଓ ସାମାଜିକ ବ୍ୟବସ୍ଥା, ପରିବାର କେନ୍ଦ୍ରିକତା, ପାରସ୍ପରିକ ସଂପର୍କ ଓ ବୁଝାମଣା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ସବୁ ସମସ୍ୟା ବହୁଳ । ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ । ଗୋଟିଏ କାଳଜୟୀ ଉପନ୍ୟାସ, 'ଅଙ୍କଲ ଟମ୍‌ସ କେବିନ୍' ଆମେରିକାର ଦାସତ୍ୱ ପ୍ରଥାକୁ ଲୋପ କରି ଦେଇ ଯୁଗାନ୍ତକାରୀ ନୂତନ ସାମାଜିକ ବ୍ୟବସ୍ଥାର ମୂଳଦୁଆ ପକେଇ ଥିଲା । ସାହିତ୍ୟ ବାସ୍ତବରେ ସମାଜର ଦର୍ପଣ ପରି । ସମାଜରେ ଘଟୁଥିବା ଘଟଣା ସବୁ, ସମସ୍ୟା ଓ ତା'ର ସମାଧାନର ବ୍ୟବସ୍ଥା ଆଦି ସାହିତ୍ୟ ପୃଷ୍ଠାରେ ପ୍ରତିଫଳିତ ହୋଇ ଥାଏ । ଏହା କୌଣସି ନୂଆ କଥା ନୁହେଁ । ଏବେ ମଧ୍ୟ 'ପଞ୍ଚତନ୍ତ୍ର', 'ହିତୋପଦେଶ', ଚାଣକ୍ୟଙ୍କର ନୀତିଶ୍ଲୋକ ଆଦି ଲେଖାମାନ ସମାଜକୁ ସୁଧାରିବା ନିମନ୍ତେ ଉପାଦେୟ । ଜଣେ ରାଜାଙ୍କର ଉତ୍ସୃଙ୍ଖଳ ପୁଅମାନଙ୍କୁ 'ପଞ୍ଚତନ୍ତ୍ର' ଉଚିତ ମାର୍ଗରେ ସଂଚାଳିତ କରିଥିଲା ।

■ ସାହିତ୍ୟର ଏତେ ବିଭାଗ ଥାଉ ଥାଉ ଅନୁବାଦ ସାହିତ୍ୟ ପ୍ରତି ଆଗ୍ରହୀ ହେବାର କାରଣ କଣ ? କୋଉ ଭାଷାର ସାହିତ୍ୟ ଆପଣଙ୍କୁ ଅଧିକ ସମୃଦ୍ଧ ଲାଗିଛି ?

■■ ମୋ ପିଲାମାନଙ୍କୁ ସ୍କୁଲରେ ହିନ୍ଦୀ ପଢ଼ାଉଥିବା ବେଳେ କେତୋଟି ଗଳ୍ପ ମୋତେ ବହୁତ ହୃଦୟସ୍ପର୍ଶୀ ଲାଗିଥିଲା । ମୁଁ ସେଇ ଗଳ୍ପଗୁଡ଼ିକ ଅନୁବାଦ କରିବା ଆରମ୍ଭ କଲି । ତା'ପରେ ଇଂରାଜୀ ଓ ବଙ୍ଗଳା ସାହିତ୍ୟରୁ କାହାଣୀ ଅନୁବାଦ କଲି । ବର୍ତ୍ତମାନ ସମୟରେ ଅନୁବାଦ ସାହିତ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ଅନୁବାଦ ଦ୍ୱାରା ବିଭିନ୍ନ ଭାଷାର ଲେଖା ସବୁ ଅନ୍ୟ ଭାଷାରେ ପହଞ୍ଚି ପାରୁଛି । ଅନୁବାଦ ସାହିତ୍ୟର ସେତୁ ରୂପରେ କାମ କରୁଛି । ଅନୁବାଦ ଦ୍ୱାରା ଭାରତୀୟ ସାହିତ୍ୟର ବହୁତ ଉନ୍ନତି ହେଉଛି । ସଂସ୍କୃତ ସାହିତ୍ୟର ଛାତ୍ରୀ ଭାବରେ ମୋତେ କାଳିଦାସ ଓ ଭବଭୂତି ଯେତେ ପ୍ରଭାବିତ କରିଛନ୍ତି, ସମୃଦ୍ଧ ଓଡ଼ିଆ ଭାଷାର କିମ୍ବଦନ୍ତୀ ରଚୟିତା ମାନେ ସେତିକି ପ୍ରଭାବିତ କରିଛନ୍ତି । ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ସାହିତ୍ୟର ମାନ୍ୟତା ମିଳିଛି । ଆଦିକବି ସାରଳା ଦାସ, ପଞ୍ଚସଖା ଯୁଗରୁ ଆରମ୍ଭ କରି ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, କବିସୂର୍ଯ୍ୟ ବଳଦେବ ରଥ, ଅଭିମନ୍ୟୁ ସାମନ୍ତ ସିଂହାର, ଯଦୁମଣି ଆଦି ମହାନ କାବ୍ୟକାରଙ୍କର ସୃଷ୍ଟିରେ ଓଡ଼ିଆ ଭାଷା ସମୃଦ୍ଧି । ଏହା ପରେ ଆଧୁନିକ ସାହିତ୍ୟ ସୃଷ୍ଟିରେ ଅନେକ ଦିଗ୍‌ଗଜ ଲେଖକ ଓ ଲେଖିକାମାନଙ୍କର କାଳଜୟୀ ରଚନା ଓଡ଼ିଆ ଭାଷାକୁ ଖୁବ୍ ସମୃଦ୍ଧିଶାଳୀ କରିପାରିଛି ।

■ ଅନୁବାଦ ବିଭାଗରେ କାମ କଲାବେଳେ ଲାଗିଛି ଆପଣ ଯେମିତି ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ କରୁଛନ୍ତି ସେମିତି ଓଡ଼ିଆର ଶକ୍ତିଶାଳୀ କୃତିମାନଙ୍କୁ ବି ଅନୁବାଦ କରିବାର ଆବଶ୍ୟକତା ରହିଛି ? ଆପଣ ବ୍ୟକ୍ତିଗତ ଭାବେ କି ପଦକ୍ଷେପ ନେଇଛନ୍ତି ଏଥିପାଇଁ ?

■■ ଓଡ଼ିଆରେ ଅନେକ ପ୍ରଥିତଯଶା ଲେଖକ ଓ ଲେଖିକା ଅଛନ୍ତି ଏବଂ ସେମାନଙ୍କର ଅନେକ କାଳଜୟୀ ରଚନା ମଧ୍ୟ ରହିଛି । ସେସବୁକୁ ଅନୁବାଦ କରାଗଲେ ଓଡ଼ିଶା ବାହାରେ ଓଡ଼ିଆ ଭାଷାର ସମୃଦ୍ଧି ନିଶ୍ଚୟ ପ୍ରସାରିତ ହେବ । ଏଇ ଦିଗରେ ପ୍ରୟାସ ମଧ୍ୟ ହୋଇଛି । ଅନେକ ଅନୁବାଦକଙ୍କର କୃତି ପାଠକମାନଙ୍କ ପାଖରେ ଏବେ ଉପଲବ୍ଧ । ବ୍ୟକ୍ତିଗତ ସ୍ତରରେ ଓଡ଼ିଶାର କୋଡ଼ିଏ ଜଣ ବରିଷ୍ଠ ଗାଳ୍ପିକାମାନଙ୍କର କାହାଣୀ ଗୁଡ଼ିକୁ ହିନ୍ଦୀରେ ଅନୁବାଦ କରିଛି, ଯାହା 'ଚୌହଦ୍‌ଦିୟୋଁ କେ ପାର୍' ନାମରେ ପ୍ରକାଶିତ । ଏବଂ ପଚାଶ ଜଣ ଖ୍ୟାତି ସଂପନ୍ନ ଓଡ଼ିଆ କବୟିତ୍ରୀ ମାନଙ୍କର କବିତା ହିନ୍ଦୀରେ ଅନୁବାଦ କରିଛି । ଯାହା 'ବ୍ରହ୍ମୋତ୍ରୀ ସେ ଗାୟତ୍ରୀ' ନାମରେ ପ୍ରକାଶିତ । ଏତଦ୍ ବ୍ୟତୀତ କେତେକ ବରିଷ୍ଠ ଗାଳ୍ପିକ ଓ କବିମାନଙ୍କର କାହାଣୀ ଓ କବିତା ଅନୁବାଦ କରିଛି । ଏହି ସବୁ ହିନ୍ଦୀ ପତ୍ରିକାମାନଙ୍କରେ ସ୍ଥାନିତ ହୋଇଛି । ଅଦ୍ୟାବଧି ମୋର ଏଗାରଟି ପୁସ୍ତକ ହିନ୍ଦୀରେ ଅନୂଦିତ ହୋଇ ପ୍ରକାଶିତ ହୋଇଛି । ହିନ୍ଦୀରେ ମୋର ଏକ କବିତା ପୁସ୍ତକ ମଧ୍ୟ ପ୍ରକାଶିତ ।

■ ଆମେ ପ୍ରତିବେଶୀ ସାହିତ୍ୟକୁ ଯେତିକି ଗୁରୁତ୍ୱ ଦେଉଛୁ, ଅର୍ଥାତ୍ ଯେଉଁ ସଂଖ୍ୟାରେ ପ୍ରତିବେଶୀ ସାହିତ୍ୟ ଅନୁଦିତ ହେଉଛି, ଆମ ଓଡ଼ିଆ ସାହିତ୍ୟକୁ ସେତିକି ଗୁରୁତ୍ୱ ଦିଆଯାଇ ଅନ୍ୟ ଭାଷାରେ ଅନୁବାଦ କରାଯାଉ ନଥିବାର ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ? କଣ କଲେ ଓଡିଆ ସାହିତ୍ୟ ଜାତୀୟ ସ୍ତରରେ ସାମିଲ ହୋଇପାରିବ ?

■■ ଅଭିଯୋଗଟି ସଂପୂର୍ଣ୍ଣ ସତ୍ୟ କିମ୍ବା ସଂପୂର୍ଣ୍ଣ ମିଥ୍ୟା ନୁହେଁ । ବର୍ତ୍ତମାନ ସମୟରେ ଓଡ଼ିଆ ସାହିତ୍ୟର କୃତିକୁ ଅନ୍ୟ ଭାଷାରେ ଅନୁବାଦ କରିବାକୁ ଅନେକ ଅନୁବାଦକ ସଫଳ ପ୍ରୟାସ କରୁଛନ୍ତି । ଏବେ ଏବେ ବହୁ ହିନ୍ଦୀ ପତ୍ରିକାରେ ଓଡ଼ିଆରୁ ହିନ୍ଦୀକୁ ଅନୂଦିତ ଏବଂ ଇଂରାଜୀ ପତ୍ରିକାରେ ଇଂରାଜୀରେ ଅନୂଦିତ ରଚନା ପ୍ରକାଶ ପାଉଛି । ହିନ୍ଦୀ ଭାଷାର ପ୍ରଚାର ଓ ପ୍ରସାର ବହୁ ପରିମାଣରେ ବୃଦ୍ଧିପାଇଛି । ସେଥିପାଇଁ ପର୍ଯ୍ୟାପ୍ତ ପ୍ରୟାସ ଆବଶ୍ୟକ । ବର୍ତ୍ତମାନ ସମୟରେ ଅନୁବାଦକମାନେ ଏ ଦିଗରେ ପ୍ରଯତ୍ନଶୀଳ ବୋଲି ମନେ ହେଉଛି । ସମଷ୍ଟିଗତ ସ୍ତରରେ ଏ ଦିଗରେ ଅନୁବାଦକ ମାନଙ୍କୁ ଅଧିକ ପ୍ରୋତ୍ସାହନ ମିଳିବା ନିତାନ୍ତ ଆବଶ୍ୟକ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ସଂକଟରେ ରହିଥିବା କଥାରେ ମୁଁଏକମତ ନୁହେଁ । କବି ଓ ଲେଖକ ମାନଙ୍କର ବିଶେଷ କରି ଯୁବ ଲେଖକ ଓ ଲେଖିକାମାନଙ୍କର ଓଡ଼ିଆରେ ଲେଖିବା ବଢ଼ିଛି ଓ ଅନେକ ବହି ପ୍ରକାଶ ପାଉଛି । ଓଡ଼ିଆ ସାହିତ୍ୟର ରଚନା, ପ୍ରସାର ଓ ପ୍ରଚାର ବୃଦ୍ଧି ଏବଂ ପାଠକ ମାନଙ୍କର ଆଗ୍ରହ ଓ ପ୍ରୋତ୍ସାହନ ଓଡ଼ିଆ ଭାଷାକୁ ଆହୁରି ସମୃଦ୍ଧ କରିବ, ଏଥିରେ ସନ୍ଦେହ ନାହିଁ । ଅନୁବାଦ ସାହିତ୍ୟ ମଧ୍ୟ ଭାଷାକୁ ଦିଗନ୍ତ ପ୍ରସାରୀ କରି ପାରିବ । ତେଣୁ ମୋ ମତରେ ପାଠକ ସଂଖ୍ୟା ଯେତେ ବୃଦ୍ଧି ପାଇବ ଓଡ଼ିଆ ସାହିତ୍ୟର ସେତିକି ଉତ୍ତରୋତ୍ତର ଉନ୍ନତି ହେବ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକଙ୍କ ପାଇଁ ପୁରସ୍କାରଠାରୁ ପାଠକୀୟ ଆଦର ଓ ସମ୍ମାନ ବେଶୀ ଗୁରୁତ୍ୱପୂର୍ଣ୍ଣ । ତଥାପି ଏହା ଲେଖକଙ୍କ ପ୍ରୋତ୍ସାହିତ କରିଥାଏ ଆହୁରି ଲେଖିବା ପାଇଁ । ବ୍ୟକ୍ତିଗତ ମତାନୁସାରେ କହିବି ଓଡ଼ିଆ ଭାଷାର ଉନ୍ନତି ପାଇଁ ସମସ୍ତେ କିଛି କିଛି ବହି କିଣନ୍ତୁ, ପଢ଼ନ୍ତୁ ଓ ଉପହାର ଦିଅନ୍ତୁ । ଆମ ପରବର୍ତ୍ତୀ ପିଢ଼ି ଓଡ଼ିଆ ପଢ଼ିବା ପାଇଁ ପ୍ରୋତ୍ସାହିତ ହୁଅନ୍ତୁ । ଆଜିର ଇଣ୍ଟରନେଟ ଯୁଗରେ ସବୁ ଯୁବପିଢ଼ିଙ୍କ ପାଇଁ ଏହି ସନ୍ଦେଶ ଦେବାକୁ ଚାହୁଁଛି ଯେ ଅବସର ସମୟରେ ସେମାନେ କିଛି କିଛି ଭଲ ବହି ପଢ଼ନ୍ତୁ । ଯାହା ତାଙ୍କୁ ସମସାମୟିକ ସମାଜର ଦିଗଦିଗନ୍ତ ସହିତ ଯୋଡ଼ି ରଖିବ ଏବଂ ତାଙ୍କ ମନକୁ ଆନ୍ଦୋଳିତ କରି ସମାଜକୁ ସଜାଡ଼ିବାରେ ସାହାଯ୍ୟକାରୀ ହେବ । ଇଣ୍ଟରନେଟ୍‌ରୁ ଜ୍ଞାନ ମିଳିଯାଇ ପାରେ କିନ୍ତୁ ବୁଦ୍ଧି, ବିବେକ ଓ ବିଚାର ଶୁଦ୍ଧତା ଏବଂ ଭଲ ସଂସ୍କାର ପାଇଁ ସେମାନଙ୍କୁ ବେଶୀ ବେଶୀ ବହି ପଢ଼ିବା କାମଟି ଯଥେଷ୍ଟ ସାହାଯ୍ୟ କରିବ । ❤❤

■ ଅଳ୍ପରେ ସବିତା ମିଶ୍ର

ଜନ୍ମ- ୧୦ ମଇ ୧୯୫୬
ପିତା - ଜୀବାନନ୍ଦ ଆଚାର୍ଯ୍ୟ
ମାତା - ପଦ୍ମାବତୀ ଆଚାର୍ଯ୍ୟ
ସ୍ୱାମୀ - ଯୋଗେଶ ଚନ୍ଦ୍ର ମିଶ୍ର
ଜନ୍ମସ୍ଥାନ- କଟକ
ବର୍ତ୍ତମାନର ଠିକଣା- ଡି-୪୦ ମୈତ୍ରୀ ବିହାର, ଭୁବନେଶ୍ୱର
(ମୋ) ୭୯୭୮୪୯୯୪୦୪

ପ୍ରକାଶିତ ପୁସ୍ତକ...

ମୌଳିକ କବିତା ପୁସ୍ତକ
୧- ମିତାଦି ଇତ୍ୟାଦି କବିତା (ଓଡିଆ)
୨- ଇତନା ବ୍ୟସ୍ତ ନ ବନୋ (ହିନ୍ଦୀ)
ହିନ୍ଦୀରୁ ଓଡିଆ ଅନୁବାଦ
୧- ମିଲନେ ପର ବତାଉଙ୍ଗା
୨- ଚିତ୍ରା ମୁଦ୍ଗଲଙ୍କ ଦୁଇଟି ଉପନ୍ୟାସ କଲଲୋଳ ଓ ନାଲାସୋପାରା
୩- 'ଚୌହଦ୍‌ଦିୟୋଁ କେ ପାର୍'

ଓଡିଆରୁ ହିନ୍ଦୀ ଅନୁବାଦ
ଜୟନ୍ତୀ ରଥଙ୍କ 'ଶଇଖେଳ'
ଅପର୍ଣ୍ଣା ମହାନ୍ତିଙ୍କ 'ଅତିଥି'
ସଂଗ୍ରାମ ଜେନାଙ୍କ 'ଅନ୍ୟଦିନ'
ଅର୍ଚ୍ଚନା ନାୟକଙ୍କ 'ଶ୍ରମଣାର ପୃଥିବୀ'
ବିଜୟ ପଟ୍ଟନାୟକଙ୍କ 'ଅରଣ୍ୟ ଯାତ୍ରୀ'
ସମେତ ୨୨ଟି ପୁସ୍ତକ



ନାତି ସହ ଲେଖିକା ସବିତା ମିଶ୍ର...



ସ୍ୱାମୀ ଯୋଗେଶ ଚନ୍ଦ୍ର ମିଶ୍ରଙ୍କ ସହ ଅନୁବାଦିକା ସବିତା ମିଶ୍ର







ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...



ସୁଖୀ ପରିବାର : ଦିଇ ପୁତ୍ର ଓ ଜୀବନ ସାଥୀଙ୍କ ସହଅନୁବାଦିକା ସବିତା ମିଶ୍ର

ଧାରାବାହିକ ଅନୁବାଦ ଉପନ୍ୟାସ

ହିନ୍ଦୀ ମୂଳ- ସରୋଜ କୌଶିକ
ଅନୁବାଦ- ନମିତା ପାଇକରାୟ



ପୂର୍ଣ୍ଣମିଦମ୍



ହିନ୍ଦୀ ସାହିତ୍ୟର ଏକ ବହୁ ଚର୍ଚ୍ଚିତା କଥାଶିଳ୍ପୀ ସରୋଜ କୌଶିକ । ତାଙ୍କର ଜନ୍ମ ୦୬ ଅକ୍ଟୋବର ୧୯୪୦ରେ ଫିରୋଜପୁର ପଞ୍ଜାବ ଅଖଣ୍ଡ ଭାରତରେ ହୋଇଥିଲା । 'ସେ କରାଚୀ, ବମ୍ବେ, କଲିକତାରୁ ଶିକ୍ଷା ଲାଭ କରିଛନ୍ତି । ସମାଜସେବା, ସଂଗୀତ ଏବଂ ପଢ଼ା ଲେଖାରେ ରୁଚି, ମା'ଠାରୁ ପ୍ରଭାବିତ ହୋଇଛନ୍ତି । ବାପାଙ୍କଠାରୁ ସେ ପାଇଛନ୍ତି ନିର୍ଲିପ୍ତତା । ବର୍ତ୍ତମାନ ସୁଦ୍ଧା ତାଙ୍କ ଲେଖନୀ ଚଳଚଞ୍ଚଳ । ତାଙ୍କ ରଚିତ 'ପୂର୍ଣ୍ଣମିଦମ୍'ଉପନ୍ୟାସଟି ତାଙ୍କର ହିନ୍ଦୀ ସାହିତ୍ୟ ଜଗତରେ ବହୁ ଚର୍ଚ୍ଚିତ ଉପନ୍ୟାସ ।

ନମିତା ପାଇକରାୟଙ୍କ ଦ୍ୱାରା ଅନୁଦିତ 'ପୂର୍ଣ୍ଣମିଦମ୍' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୧୦
(ପୂର୍ବ ପ୍ରକାଶିତ ଉତ୍ତାରୁ)

ରିତା ଦେଖିଥିଲା, ବୀରେଶ୍ୱର ଆଖିରେ ଏକ ଆତ୍ମୀୟତାର ଚମକ ଆସୁଥିବାର । ଫଳ ଖାଉ ଖାଉ ସେ ଅଚାନକ କହି ଦେଉଥିଲା 'ଆଜି ତ ନଦୀ ତଟର ରିତା ମନେ ପଡ଼ିଗଲା । ରିତା ତୁରନ୍ତ କହିଥିଲା ଠିକ୍ କହିଲ, ବହୁତ ଦିନ ହେଲା ତୁମ ସହ ଜ୍ଞାନ ଚର୍ଚ୍ଚା ହୋଇ ନାହିଁ । ଚାଲ, ଆଜି କିଛି ନୂଆ ପ୍ରସଙ୍ଗ ଶୁଣାଅ ।'

ବୀରୁ କହିଲେ, 'କବି କାଳିଦାସଙ୍କ ନାଁ ଶୁଣିଛ ? ମହାମୂର୍ଖ ତୁମେ । ପଣ୍ଡିତ ନବଲ କିଶୋରଙ୍କ ଝିଅ ହୋଇ କାଳିଦାସଙ୍କ ନାଁ ଶୁଣିନାହିଁ ?'

ରିତା କହିଲା, 'ବୀରୁ 'ଅଭିଜ୍ଞାନ ଶକୁନ୍ତଳମ୍' ବାପା ମୋତେ ସଂସ୍କୃତରେ ପଢ଼ାଇଛନ୍ତି । ଏ ନିରର୍ଥକ ପ୍ରଶ୍ନର କାରଣ ?'

'ଯେଉଁଦିନ ପ୍ରଥମେ ଦୁଷ୍ମନ୍ତ ଶକୁନ୍ତଳାକୁ ଦେଖିଥିଲେ, ସେତେବେଳେ ସେ କହିଥିଲେ.... 'ରିତା ସେଇଠି ବୀରୁର କଥା କାଟି ଦେଲା ।

ସମସ୍ତେ ଚୁପ୍ ହୋଇଗଲେ ।

ତା' ପରଦିନ ଗୌରାଦିଦି ଆସିଥିଲେ । ତା'ର ମନେ ଅଛି ଗୌରା ଦିଦି ହାତରେ ମେଞ୍ଚାଏ ଫୁଲର ବନ୍ଧା ଫୁଲତୋଡ଼ା ଥିଲା । ଯାହାକୁ ଦେଖି ରିତା କହିଥିଲା, ଦିଦି କଥା କଣ, ତୁମେ ଆଜି ଚୌଦିଗ ସୁଗନ୍ଧିତ କରି ଆସିଛ । ମହକି ମହକି ଯାଉଛି !

ତୁମ ନିର୍ଣ୍ଣୟରେ ତ ସମାଜରେ ସୁଗନ୍ଧ ବିଚ୍ଛୁରିତ ହେଲା ନାହିଁ, ଭାବିଲି ତୁମ କୋଠରୀକୁ ମୁଁ ସୁଗନ୍ଧିତ କରିଦିଏ । 'ଆଚ୍ଛା ରିତା ତୁମେ ବୀରୁ ସହ କାହିଁକି ଗୃହସ୍ଥ ଜୀବନ ବିତାଇବାକୁ ଅନିଚ୍ଛୁକ ?

ଗୌରାଦିଦି ଅଚାନକ ଏପରି ପ୍ରଶ୍ନର ଉତ୍ତର ସେ ଦେଇ ପାରିନଥିଲା । ଆଜି ଯଦି ପଚାରିବେ, ସେ ସଠିକ ଉତ୍ତର ଦେଇପାରିବ । ହଁ ନିଶ୍ଚୟ କହିବ, କେବେ ଦିନେ ଘର ଗୃହସ୍ଥୀର ଜୀବନ ବଞ୍ଚାଇବା ସଂପୂର୍ଣ୍ଣ ଅଧିକାର ତାର ଥିଲା । କିନ୍ତୁ ଏବେ ତ ତିକ୍ତ ସତ୍ୟ ଏବେ ପାଖରେ ଯେ, ସ୍ୱପ୍ନର ମାଧୁର୍ଯ୍ୟ ଖୁବ୍ ଦୂରକୁ ଚାଲିଯାଉଛି । କିନ୍ତୁ ସେଦିନ ଗୌରାଦିର ପ୍ରଶ୍ନକୁ ସାମ୍ନା କରି ପାରିନଥିଲା । ନୀରବରେ ସଙ୍କୁଚିତ ହୋଇ ଯାଇଥିଲା, ଅଭିମାନ ଓ କ୍ରୋଧରେ ତ କେବେଠାରୁ ବାଲିଚରି ଯାଇଥିଲା । ସେ କେବଳ ନୀରବ ରହିଥିଲା ।

'ଯଦି ତୁମେ ବୀରୁକୁ ବାହା ହେବାକୁ ଚାହୁଁ ନାହଁ, ତା' ହେଲେ ତାକୁ ଅନ୍ୟ ସହ ବିବାହ କରିବାକୁ କାହିଁକି ଅନୁମତି ଦେଉନ ?' ଗୌରା ଦିଦି କହିଲେ ।

'ଇଏ କେମିତିକା ଆରୋପ । କଣ କହିଲ ଗୌରାଦିଦି । ମୁଁ ବୀରୁକୁ ବିବାହ ପାଇଁ ମନା କରୁଛି । ଏମିତି ଅଶୋଭନୀୟ ଚିନ୍ତା ମୋ ଭିତରେ କେବେ ବି ଆସିନାହିଁ । ଆପଣ ଚାହିଁଲେ ବୀରୁଙ୍କ ସହ ବିବାହ କରିପାରନ୍ତି । ମୋର କୌଣସି ଆପତ୍ତି ନାହିଁ । ଆପଣ କହିଲେ ମୁଁ ବୀରୁଙ୍କ ସହ କଥାବାର୍ତ୍ତା ହେବି ।

'ହଁ ତୁମେ ତା' ସହ କଥାବାର୍ତ୍ତା କର, ତୁମ କଥା ସେ କେବେ ବି ଅମାନ୍ୟ କରିବ ନାହିଁ ।'

ସେ ମୋ କଥା ମାନିବେ ବା ସ୍ୱୀକାର କରିବେ ବୋଲି, ତାର ଦାୟିତ୍ୱ ମୁଁ ନେଇ ପାରିବିନି । ବିବାହରେ ନିଷ୍ପତ୍ତି ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ, ଯାହା ମଣିଷ ନିଜେ ନେବା ଉଚିତ । ମୁଁ ଆଗ୍ରହ କରି ପାରିବି କିନ୍ତୁ ତାଙ୍କୁ ବାଧ କରି ପାରିବିନି ।'

'ତୁମେ ରିତା ଏମିତି କଥାବାର୍ତ୍ତା ତାଙ୍କ ସହ କହିବ ଯେ, ଯେମିତି ସେ ତୁମ କଥାକୁ ନିଶ୍ଚୟ ମାନିଯିବେ ।' କହୁ କହୁ ଗୌରାଦିଦି ଫେରି ଯାଇଥିଲା ।

ରିତା ଭାବିଲା, ଗୌରା ଦିଦି ଏହି କଥା କହିବା ପାଇଁ ଆସିଥିଲେ । ରିତା ଭାବିବାକୁ ଲାଗିଲା, ସେଦିନ କଣ ଗୌରାଦିଦିଙ୍କ ପ୍ରସ୍ତାବକୁ ସେ ବୀରୁ ଆଗରେ ନିଷ୍ଠାର ସହ ରଖିଥିଲା ? ବୀରୁ ଘରକୁ ଆସୁ ଆସୁ ରିତା ବୀରୁ ଆଗରେ ଗୌରା ଦିଦିଙ୍କ ପ୍ରସ୍ତାବ ରଖି ଦେଇଥିଲା । ବୀରୁ ସଂପୂର୍ଣ୍ଣ ନୀରବ ଥିଲେ ।

ତା'ପରେ ରିତା ନୀରବ ହୋଇଯାଇଥିଲା । ମନେ ମନେ ଭାବୁଥିଲା, ଏବେ କଥା କେଉଁଠୁ କେମିତି ଆରମ୍ଭ କରିବ ।

ଅନେକ ସମୟ ନୀରବରେ ବିତି ଯାଇଥିଲା । ଦୁହେଁ ଚୁପ୍ ଥିଲେ । ବୀରୁ ପଚାରିଲା, 'କଣ ହେଲା ? ଏତେ ଚୁପ୍‌ଚାପ୍ କାହିଁକି ?'

'ଜାଣିନି ବୀରୁ, ଏବେ ମୁଁ ମୋ ପାଖରେ ନାହିଁ, ମୋ ଶବ୍ଦମାନେ ମୋ ଠାରୁ ବହୁତ ଦୂରରେ ।'

ବୀରୁ ପଚାରିଲେ, 'କାରଣ ?'

'କାରଣ ଜାଣିବା କଣ ଏତେ ସହଜ ହୋଇପାରେ । ପ୍ରାୟତଃ କାରଣ ସମସ୍ୟା ଠାରୁ ବହୁତ ଦୂରରେ ଥାଏ ।'

ରିତାର କଥାରେ ବୀରୁ ଚିଡ଼ିଗଲା, 'ତୁମ ଦ୍ୱାରା କଥାକୁ ଗୋଲ ଗୋଲ କରାଯାଇ ପାରିବନି । ମୁଦ୍ଦାକୁ ଆସ ।

ଗୌରା ଦିଦି ଆସିଥିଲେ ।'

'ତାହେଲେ ?'

'ତୁମକୁ ବିବାହ କରିବାକୁ ଚାହୁଁଛନ୍ତି । ସତ କଥା ସେଦିନ ବୀରୁଙ୍କ ସାମ୍ନାରେ ସେ ପ୍ରସ୍ତାବ ରଖିଥିଲା । ସେ ଯଦି ଅସ୍ୱୀକାର କରିଦେଲେ, ସେଥିରେ ତା'ର ଦୋଷ କେଉଁଠି ରହିଲା । ହଁ, ତାର ଆଜି ବି ମନେ ଅଛି, ଯିବା ବେଳେ ବୀରୁ କହି ଯାଉଥିଲେ, 'ରିତା, ନୂଆ ସଂସାର ନୂଆ ଭ୍ରମ ପାଳିବାର ଯେଉଁ ହୃଦୟ ଲୋଡ଼ା, ତା' ପାଖରେ ସେ ହୃଦୟ ତା' ପାଖରେ ନାହିଁ । ତୁମେ ରିତା ଏମିତିଆ କଥା ଉପରେ ବିଲକୁଲ ଧ୍ୟାନ ଦେବନି କି କୌଣସି ବିରୋଧ ମଧ୍ୟ କରିବନି । ପ୍ରଜ୍ଞା କେବଳ ତୁମ ଝିଅ ନୁହେଁ । ପ୍ରଜ୍ଞା ମୋର ବି ଝିଅ । ତା'ର ଦାୟିତ୍ୱ ବି ମୋର ।'

ରିତା ମନ ଭିତରେ ଆଜି ବି ଥିଲା, ତା'ଦ୍ୱାରା ଯେତିକି ହେବ, ସେ ଚେଷ୍ଟା କରିଛି । କିନ୍ତୁ ସେ ଭଲ ଭାବେ ଜାଣିଥିଲା । ତାର ଓ ବୀରୁର ସମ୍ପର୍କ ତ କ୍ଷଣିକର ନୁହଁ ଯେ କେଉଁଭି ମୁହୂର୍ତ୍ତରେ ଭାଙ୍ଗିଯାଇପାରେ । କିନ୍ତୁ ବୀରୁ କଥାଟିକୁ ସେହି ମୁହୂର୍ତ୍ତରେ ଅନଃ କରିଦେଇଥିଲେ । ତାପରଦିନ ବୀରୁ ଗୌରା ପବ୍ଲିକେଶନରେ ପହଂଚି ସିଧା ଗୌରାର କୋଠରୀକୁ ଯାଇଥିଲେ ।

'ତୁମେ ଏକା ଅଛ'? ନିରର୍ଥକ ପ୍ରଶ୍ନ । ଦେଖୁଥିଲା ଗୌରା ଏକା ଥିଲା କୋଠରୀରେ ।

'ହଁ ଏକା ଅଛି' । ସେ ଏମିତି ଉତ୍ତର ଦେଇଥିଲା, ଯେମିତି କୋଠରୀରେ ସେ ଏକା ନୁହେଁ ଜୀବନରେ ସେ ଏକାକୀ ଅଛି ।

'ତୁମେ ରିତା ପାଖକୁ ଯାଇଥିଲ' ?

ହଁ ଯାଇଥିଲି । ରିତା ନିଶ୍ଚୟ କହିଥିବ ତୁମେ କଣ ନିର୍ଣ୍ଣୟ ନେଲ ? ଗୌରାର ପ୍ରଶ୍ନରେ ଉତ୍ସୁକତା ଥିଲା । 'ବୀରୁ କାହିଁକି ତୁମେ ତୁମ ଜୀବନକୁ ଏକ ଛାଇ ପଛରେ ଦଉଡ଼ାଇ ଦଉଡ଼ାଇ ସମାପ୍ତ କରୁଛ ?'

ବୀରେଶ୍ୱରକୁ ଏ କଥା ଶୁଣି ଆଶ୍ଚର୍ଯ୍ୟ ଲାଗିଲା । ସେ କହିଲା ଗୌରା ଜୀବନରେ କୌଣସି ଆରମ୍ଭର ସ୍ପଷ୍ଟ ନଥାଏ କି କୌଣସି ଅନ୍ତଃ ବି ସ୍ପଷ୍ଟ ହୁଏନାହିଁ । ଜୀବନର ବିସ୍ତାର ଏତେ ବିସ୍ତାରିତ ଯେ ଏକା ସହ ଆରମ୍ଭ ଅନ୍ତକୁ ଦେଖିବା ସମ୍ଭବ ନୁହେଁ ।

(କ୍ରମଶଃ)

♥ ଭୁବନେଶ୍ୱର
(ମୋ): ୯୮୬୧୩୮୫୦୪୬

ଛୋଟ ଗପ



ଖାଲି ଚେୟାର

ପର୍ଶୁରାମ ଦାସ



ସନ୍ଧ୍ୟା ପ୍ରାୟ ସାଢ଼େ ପାଞ୍ଚଟା । ଦିନର କୋଳାହଳ ଧୀରେ ଧୀରେ ନିରବତାର ଅନ୍ଧାରିଆ ଓଢ଼ଣୀ ତଳେ ଆଶ୍ରୟ ନେଉଥାଏ । ପ୍ରତିଦିନ ଏହି ସମୟରେ ସୁଧାକର ବାବୁ ଘରର ବାରଣ୍ଡାକୁ ଆସି ସେହି ପୁରୁଣା ଚେୟାରଟିରେ ଚୁପ୍‌ଚାପ୍ ବସନ୍ତି । ସାମ୍ନା ରାସ୍ତାରେ ଯାଉଥିବା ପ୍ରତ୍ୟେକ ବାଇକର ଶବ୍ଦ ତାଙ୍କ ଶ୍ରବଣେନ୍ଦ୍ରିୟକୁ ଛୁଇଁଯାଏ । କୌଣସି ବାଇକ୍ ଘର ଆଗରେ ଧୀର ହୋଇଗଲେ, ତାଙ୍କ ମ୍ଲାନ ଆଖିରେ ହଠାତ୍ ଆଶାର ଏକ କ୍ଷୀଣ ଆଲୋକ ଝଲସି ଉଠେ—'ଅମ୍ଳାନ ଆସିଲା କି ?' କିନ୍ତୁ ପ୍ରତିଦିନ ପରି ଆଜି ମଧ୍ୟ ସେହି ଆଶା ନିରାଶାର ଅନ୍ଧକାରରେ ଧୀରେ ଧୀରେ ମିଶିଗଲା ।

ଅମ୍ଳାନ—ସୁଧାକର ବାବୁଙ୍କ ଏକମାତ୍ର ପୁଅ । ତାଙ୍କ ଜୀବନର ସମସ୍ତ ସ୍ୱପ୍ନ, ସଞ୍ଚିତ ଆକାଂକ୍ଷା ଓ ନିରବ ତ୍ୟାଗର କେନ୍ଦ୍ରବିନ୍ଦୁ ଥିଲା ସେହି ପୁଅ । ନିଜେ ଅଭାବରେ ଦିନ କାଟିଥିଲେ, କିନ୍ତୁ ପୁଅର ପଢ଼ାଶୁଣାରେ କେବେ ଅଭାବର ଛାୟା ପଡ଼ିବାକୁ ଦେଇନଥିଲେ । ନିଜ ଆବଶ୍ୟକତାକୁ ସେ ସବୁବେଳେ ଜୀବନର ଶେଷ ପୃଷ୍ଠାରେ ରଖିଥିଲେ; ପୁଅର ଭବିଷ୍ୟତକୁ ରଖିଥିଲେ ପ୍ରଥମ ପୃଷ୍ଠାରେ ।

ଅମ୍ଳାନ କଲେଜରେ ପଢ଼ିବା ପାଇଁ ସହରକୁ ଯିବା ସମୟରେ ଅଧିକ ଟଙ୍କାର ଆବଶ୍ୟକତା ପଡ଼ିଥିଲା । ସେଦିନ ସୁଧାକର ବାବୁ ନିଜ ସ୍ତ୍ରୀଙ୍କର କିଛି ଗହଣା ବିକ୍ରି କରିଦେଇଥିଲେ । ସ୍ତ୍ରୀ ଦୁଃଖଭରା କଣ୍ଠରେ ପଚାରିଥିଲେ, "ସବୁ ଗହଣା ବିକିଦେଲେ ଆମ ପାଖରେ ରହିବ କ'ଣ ?" ସୁଧାକର ବାବୁ ମୃଦୁ ହସି କହିଥିଲେ, "ଆମ ପାଖରେ ଅମ୍ଳାନ ରହିବ । ସେ ଯଦି ଜଣେ ଭଲ ମଣିଷ ହୋଇପାରେ, ତେବେ ଆମ ପାଖରେ ଆଉ କ'ଣ ଅଭାବ ରହିବ ?" ତାଙ୍କର ଏହି ସରଳ ବିଶ୍ୱାସରେ ଲୁଚିଥିଲା ଜଣେ ପିତାଙ୍କ ଜୀବନଦର୍ଶନ—"ସନ୍ତାନର ସଫଳତାରେ ନୁହେଁ, ତାହାର ମାନବିକତାରେ ହିଁ ପିତାମାତାଙ୍କ ସ୍ୱପ୍ନର ପରିପୂର୍ଣ୍ଣତା ।"

ଦିନେ ରାତିରେ ଅମ୍ଳାନ ପଢ଼ୁଥିବା ବେଳେ ବାହାରେ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା । ଆକାଶ ଯେପରି ନିଜ ସମସ୍ତ ଅଭିମାନ ଧରି ପୃଥିବୀ ଉପରେ ଝରାଇ ଦେଉଥିଲା । ଘରର ଛାତରୁ ଅବିରତ ପାଣି ଗଳୁଥିଲା । ସୁଧାକର ବାବୁ ଘରର ଏକ କୋଣରେ ବସି ଛତାଟିଏ ଧରି ରହିଥିଲେ—ପୁଅର ପୁସ୍ତକ ଉପରେ ଯେପରି ବର୍ଷାର ଗୋଟିଏ ବିନ୍ଦୁ ମଧ୍ୟ ପଡ଼ିନଯାଏ । ରାତି କେତେବେଳେ ପାହିଗଲା, ସେ ଜାଣିପାରିନଥିଲେ । ଅମ୍ଳାନ ପଚାରିଥିଲା, "ବାପା, ତୁମେ ଶୋଇବ ନାହିଁ ?" ସୁଧାକର ବାବୁ ହସି କହିଥିଲେ, "ତୁ ପଢ଼ି ସାର୍, ମୋ ନିଦ ତା'ପରେ ଆସିବ ।" ସେ ରାତିରେ ଜଣେ ବାପା ନିଜ ନିଦକୁ ପୁଅର ଭବିଷ୍ୟତ ନାମରେ ଉତ୍ସର୍ଗ କରିଦେଇଥିଲେ । ପିତୃତ୍ୱ ଏମିତି ଏକ ନିରବ ସାଧନା, ଯେଉଁଠି ନିଜ ଜୀବନର ଆଲୋକ ଜାଳି ଅନ୍ୟର ପଥକୁ ଆଲୋକିତ କରାଯାଏ ।

ସମୟ ଗଡ଼ିଲା । ଅମ୍ଳାନ ପଢ଼ା ସାରିଲା । ଚାକିରି ମିଳିଲା । ତା'ର ଗନ୍ତବ୍ୟ ହେଲା ବେଙ୍ଗାଲୁରୁ । ଯିବା ଦିନ ଷ୍ଟେସନରେ ସୁଧାକର ବାବୁ ତାକୁ ଟ୍ରେନରେ ବସାଇଦେଲେ । ଟ୍ରେନ୍ ଛାଡ଼ିବା ପୂର୍ବରୁ ଅମ୍ଳାନ କହିଥିଲା, "ବାପା, ମୁଁ ଖୁବ୍ ଶୀଘ୍ର ଆସିବି ।" ସୁଧାକର ବାବୁ କେବଳ ମୁଣ୍ଡ ହଲାଇଥିଲେ । ଟ୍ରେନ୍ ଚାଲିଗଲା । ଧୀରେ ଧୀରେ ଅଦୃଶ୍ୟ ହୋଇଗଲା ତାଙ୍କ ଆଖିର ମଣିଷଟିଏ । ସେ ଦୀର୍ଘ ସମୟ ଧରି ରେଳଧାରକୁ ଚାହିଁ ରହିଥିଲେ । 'ଖୁବ୍ ଶୀଘ୍ର'—ଏହି ଦୁଇଟି ଶବ୍ଦ କେତେ ଦିନ, କେତେ ମାସ କିମ୍ବା କେତେ ବର୍ଷର ଦୂରତା ହୋଇପାରେ, ସେଦିନ ସେ ଜାଣିନଥିଲେ ।

ଆରମ୍ଭରେ ଅମ୍ଳାନ ପ୍ରତିଦିନ ଫୋନ୍ କରୁଥିଲା । ତା'ପରେ ଦୁଇ ଦିନରେ ଥରେ । ତା'ପରେ ସପ୍ତାହରେ ଥରେ । ଏବେ ଫୋନ୍ ଆସେ, କିନ୍ତୁ କଥା ହୁଏ ଦୁଇ-ତିନି ମିନିଟ୍ । "ବାପା, କେମିତି ଅଛ ?" "ଭଲ ଅଛି ପୁଅ । ତୁ କେମିତି ଅଛୁ ?" "ଭଲ । ଏଠି କାମ ବହୁତ । ପରେ କଥା ହେବ ।" 'ପରେ କଥା ହେବ'—ଏହି ଦୁଇଟି ଶବ୍ଦ ଧୀରେ ଧୀରେ ସୁଧାକର ବାବୁଙ୍କ ଜୀବନରେ ଏକ ଅନନ୍ତ ପ୍ରତୀକ୍ଷାର ପର୍ଯ୍ୟାୟବାଚୀ ହୋଇଗଲା । ମଣିଷ ଯେତେବେଳେ ବୟସର ଅପରାହ୍ଣରେ ପହଞ୍ଚେ, ସେତେବେଳେ ତା'ର ଆବଶ୍ୟକତା କମିଯାଏ, କିନ୍ତୁ ଅପେକ୍ଷା ବଢ଼ିଯାଏ ।

ସୁଧାକର ବାବୁ ଟଙ୍କା ଚାହୁଁନଥିଲେ । ବଡ଼ ଉପହାର ମଧ୍ୟ ନୁହେଁ । ତାଙ୍କର ଚାହିଦା ଥିଲା ଅତି ସାମାନ୍ୟ—ଅମ୍ଳାନ କେବେ କେବେ ତାଙ୍କ ପାଖରେ ବସୁ, ଦୁଇଟି କଥା କହୁ, ଏକ କପ୍ ଚା' ସାଙ୍ଗରେ ପିଉ । ବାସ୍—ଏତିକି । ବୃଦ୍ଧାବସ୍ଥାର ସବୁଠାରୁ ବଡ଼ ଅଭାବ ଅର୍ଥର ନୁହେଁ; ଏହା ନିଜ ଲୋକଙ୍କ ସମୟର ଅଭାବ ।

ଗୋଟିଏ ସନ୍ଧ୍ୟାରେ ଅମ୍ଳାନ ହଠାତ୍ ଘରକୁ ଆସିଲା । ସୁଧାକର ବାବୁଙ୍କ ମୁହଁରେ ସେଦିନ ଯେଉଁ ଆଲୋକ ଖେଳିଗଲା, ତାହା ବହୁ ବର୍ଷ ପରେ ଦେଖାଯାଇଥିଲା । ସେ ପୁଅର ପସନ୍ଦର ଖାଦ୍ୟ ରାନ୍ଧିଲେ । ପୁରୁଣା ଆଲମାରୀ ଖୋଲି ଶୈଶବର ଫଟୋଗୁଡ଼ିକ ବାହାର କରି ଦେଖାଇଲେ । କିନ୍ତୁ ଅମ୍ଳାନର ଦୃଷ୍ଟି ମୋବାଇଲର ପରଦାରେ ଅଟକି ରହିଥିଲା । କିଛି ସମୟ ପରେ ସୁଧାକର ବାବୁ ଧୀର ସ୍ୱରରେ କହିଲେ, "ପୁଅ, ତୋର ମନେ ଅଛି, ଛୋଟବେଳେ ତୁ ସ୍କୁଲ୍ ଯିବାକୁ ଡରୁଥିଲୁ ?" "ନା ବାପା, ମନେ ନାହିଁ ।" "ତୁ ମୋ ହାତ ଧରି କହିଥିଲୁ—'ବାପା, ତୁମେ ମୋତେ ଛାଡ଼ି ଚାଲିଯିବନି ତ ?'" ଅମ୍ଳାନ ଚୁପ୍ ହୋଇଗଲା । ସୁଧାକର ବାବୁଙ୍କ ଆଖିର କୋଣରେ ଦୁଇ ବୁନ୍ଦ ଲୁହ ଜମିଥିଲା । "ମୁଁ ତୋତେ ଛାଡ଼ି ଯାଇନଥିଲିରେ... ତୁ ହିଁ ଧୀରେ ଧୀରେ ମୋ ହାତ ଛାଡ଼ିଦେଲୁ ।" ଘରଟି ହଠାତ୍ ନିରବ ହୋଇଗଲା ।

ସେହି ନିରବତା ଅମ୍ଳାନର ଅନ୍ତରରେ ଏକ ଅଦୃଶ୍ୟ ଦର୍ପଣ ଟାଙ୍ଗିଦେଲା—ଯେଉଁଠି ସେ ପ୍ରଥମଥର ପାଇଁ ନିଜକୁ ନିଜ ଆଖିରେ ଦେଖିପାରିଲା । କିଛି ଦିନ ପରେ ଅମ୍ଳାନ ଘରର ପୁରୁଣା ଟ୍ରଙ୍କଟି ଖୋଲିଲା । ଭିତରେ ଥିଲା ତା'ର ପୁରୁଣା ସ୍କୁଲ୍ ବ୍ୟାଜ୍, ଏକ ଛୋଟ ପଦକ, ଛିଣ୍ଡା ଜୋତାର ଫିତା, କିଛି ପୁରୁଣା ଚିଠି ଓ ଏକ ଭଙ୍ଗା ପେନ୍ସିଲ୍ । ଅମ୍ଳାନ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ଏସବୁ କାହିଁକି ରଖିଛ ବାପା ?" ସୁଧାକର ବାବୁ ମୃଦୁ ହସି କହିଲେ, "ଏସବୁ ଜିନିଷ ନୁହେଁ ପୁଅ । ଏଗୁଡ଼ିକ ମୋ ଜୀବନର ଅଲିଭା ସ୍ମୃତି । ତୋର ଶୈଶବର ଯେଉଁ ଅଂଶଗୁଡ଼ିକ ଧୀରେ ଧୀରେ ତୋର ମନରୁ ଲିଭିଯାଇଛି, ସେଗୁଡ଼ିକୁ ମୁଁ ମୋ ହୃଦୟରେ ସାଇତି ରଖିଛି ।" ଅମ୍ଳାନର ଆଖି ଭିଜିଗଲା । ସେ ବାପାଙ୍କୁ ଆଲିଙ୍ଗନ କରି କହିଲା, "ବାପା, ମୁଁ ପୁଣି ଆସିବି । ଏଥର ଆଉ ଏତେ ଦିନ ତୁମଠାରୁ ଦୂରରେ ରହିବି ନାହିଁ ।" ସୁଧାକର ବାବୁ କିଛି କହିଲେ ନାହିଁ । କେବଳ ପୁଅର ମୁଣ୍ଡ ଉପରେ ହାତ ରଖିଲେ । ସେହି ହାତରେ ଥିଲା ଆଶୀର୍ବାଦ, କ୍ଷମା ଓ ଅପାର ସ୍ନେହ ।

ଅମ୍ଳାନ ବେଙ୍ଗାଲୁରୁ ଫେରିଗଲା । ତା'ପରେ ଆଉ କିଛି ମାସ କଟିଗଲା । ଗୋଟିଏ ସକାଳେ ଫୋନ୍ ଆସିଲା—ସୁଧାକର ବାବୁ ଆଉ ନାହାନ୍ତି । ଅମ୍ଳାନ ଦୌଡ଼ି ଘରକୁ ଫେରିଲା । ବାରଣ୍ଡାରେ ସେହି ପୁରୁଣା ଚେୟାରଟି ପଡ଼ିଥିଲା । ପାଖରେ ଅଧାପିଆ ଚା'ର କପ୍ । ସବୁକିଛି ଯେପରି ଏବେ ମଧ୍ୟ ଅପେକ୍ଷାରେ—ବାପା ଆସିବେ, ଚେୟାରରେ ବସିବେ, ରାସ୍ତାକୁ ଚାହିଁବେ, ଆଉ ପୁଅକୁ ଦେଖି କହିବେ—"ଆସିଲୁ ପୁଅ ?" କିନ୍ତୁ ସେହି ସ୍ୱରଟି ଆଉ କେବେ ଫେରିବ ନାହିଁ ।

ଘରର ଟେବୁଲ୍ ଉପରେ ଗୋଟିଏ ଛୋଟ କାଗଜ ପଡ଼ିଥିଲା । ଅମ୍ଳାନ କମ୍ପିତ ହାତରେ କାଗଜଟି ଉଠାଇଲା । ତାହାରେ ଲେଖାଥିଲା—"ହୃଦୟର ଅମ୍ଳାନ, ମୁଁ ତୋତେ ବଡ଼ ହେବାକୁ କହିଥିଲି, ତୁ ବଡ଼ ହୋଇଗଲୁ । କିନ୍ତୁ ଯେଉଁ ବଡ଼ ହେବାରେ ମାନବିକତାଠାରୁ ଅର୍ଥ, ପ୍ରତିପତ୍ତି ଓ ସମ୍ମାନର ପଲ୍ଲା ଭାରୀ ହୋଇଯାଏ, ସେହି ବଡ଼ ହେବାକୁ ମୁଁ ଆଜୀବନ ଭୟ କରିଛି । ମନେ ରଖିବୁ—ମଣିଷ ହେବା ପାଇଁ ବଡ଼ ଚାକିରି, ପୁଳାଏ ଟଙ୍କା, ଅଭିଜାତ ଜୀବନ କିମ୍ବା ସୁନ୍ଦର କୋଠା ଦରକାର ନାହିଁ । ଦରକାର ଏକ ବିଶାଳ ହୃଦୟ—ଯେଉଁଠି ସ୍ନେହ ଥିବ, ପ୍ରେମ ଥିବ, ତ୍ୟାଗ ଥିବ, ସଂକଳ୍ପ ଥିବ ଓ ମାନବିକତା ପାଇଁ ସ୍ଥାନ ଥିବ । ବାପା ହିସାବରେ ମୁଁ ତୋ ପାଖରୁ କେବେ କିଛି ମାଗିନି । ତୋର ସଫଳତା ମୋର ପ୍ରାର୍ଥନା ଥିଲା, ତୋର ହସ ମୋର ପୁରସ୍କାର ଥିଲା । କେବଳ ଚାହିଁଥିଲି—ତୁ କେବେ କେବେ ମୋ ପାଖରେ ଟିକେ ସମୟ ବାହାର କରି ବସିବୁ । ଏବେ ତୁ ଯେତେବେଳେ ଆସିବୁ, ମୁଁ ଆଉ ଅପେକ୍ଷା କରିପାରିବି ନାହିଁ ।

ଇତି
'ବାପା'

ଚିଠିଟି ଅମ୍ଳାନଙ୍କ ହାତରୁ ଖସିଗଲା । ସେ ଧୀରେ ଧୀରେ ସେହି ଖାଲି ଚେୟାର ପାଖରେ ବସିପଡ଼ିଲା । ତା'ର ଆଖିରୁ ଲୁହ ଝରିଲା—ଏମିତି ଲୁହ, ଯାହା ଅନୁତାପର ଅଗ୍ନିରେ ଜଳି ଜଳି ଜନ୍ମ ନେଇଥିଲା । "ବାପା... ଏଥର ମୁଁ ତୁମକୁ ଛାଡ଼ି ଯିବିନି ।" କିନ୍ତୁ ଏଥର ବାପା ଶୁଣିବାକୁ ନଥିଲେ । କେତେକ ଅନୁତାପ ଏମିତି—ଯାହା ପାଇଁ ସମୟ ଥାଏ, କିନ୍ତୁ ମଣିଷଟିଏ ଆଉ ଥାଏ ନାହିଁ ।

ବାରଣ୍ଡାରେ ପବନ ବହୁଥିଲା । ଚେୟାରଟି ନିରବ ଥିଲା । ଘଣ୍ଟାର କଣ୍ଟା ନିର୍ବିକାର ଭାବରେ ଆଗକୁ ବଢ଼ୁଥିଲା । ଜୀବନ ମଧ୍ୟ ଏମିତି—କାହାର ଅପେକ୍ଷାରେ ତାହାର ଗତି ଥମିଯାଏ ନାହିଁ । କେବଳ ଅମ୍ଳାନର ମନ ସେହି ଖାଲି ଚେୟାର ପାଖରେ ଅଟକି ରହିଗଲା । ତା'ର ଅନ୍ତରରେ ଗୋଟିଏ ପ୍ରଶ୍ନ ନିରନ୍ତର ପ୍ରତିଧ୍ୱନିତ ହେଉଥିଲା—"ଯେଉଁ ବାପା ମୋ ପାଇଁ ସାରା ଜୀବନ ଅପେକ୍ଷା କରିଥିଲେ, ମୁଁ ତାଙ୍କ ପାଇଁ ଆଉ କିଛି ସମୟ ଆଗରୁ ଫେରିଆସି ପାରିଲି ନାହିଁ କାହିଁକି ?" ସେହି ପ୍ରଶ୍ନର କୌଣସି ଉତ୍ତର ନଥିଲା । କେବଳ ବାରଣ୍ଡାରେ ଥିଲା—ଗୋଟିଏ ଖାଲି ଚେୟାର, ଗୋଟିଏ ଅଧାପିଆ ଚା'ର କପ୍ ଓ ଜଣେ ବାପାଙ୍କ ଅସୀମ ଅପେକ୍ଷାର ନିରବ ସ୍ମାରକ । କାରଣ ମୃତ୍ୟୁ ସବୁବେଳେ ମଣିଷକୁ ଆମଠାରୁ ଛଡ଼ାଇ ନିଏ ନାହିଁ; ବେଳେବେଳେ ଆମର ବିଳମ୍ବ ହିଁ ତାଙ୍କୁ ଆମଠାରୁ ଚିରଦିନ ପାଇଁ ଦୂରେ ନେଇଯାଏ ।

♥ ନିଶି ନିବାସ, ସୁଆସୁଣୀ
ଭୋଗରାଇ, ବାଲେଶ୍ୱର -୭୫୬୦୩୬
ମୋ: ୯୩୪୮୬୯୭୪୦୪


ଦୃଢ଼ ସଂକଳ୍ପର ମହାନାୟକ ଏବଂ ଜାତୀୟ ଏକତାର ଶିଳ୍ପୀ ସର୍ଦ୍ଦାର ପଟେଲ୍



ଡକ୍ଟର ନିହାର ରଞ୍ଜନ ସାବତ

ଗୋଟିଏ ଦେଶର ଶକ୍ତି କେବଳ ତାହାର ବିଶାଳ ଭୂଖଣ୍ଡ, ସମ୍ପଦ କିମ୍ବା ସେନାବାହିନୀରେ ନଥାଏ; ତାହାର ପ୍ରକୃତ ଶକ୍ତି ରହିଥାଏ ଲୋକମାନଙ୍କ ମଧ୍ୟରେ ଥିବା ଏକତା, ପାରସ୍ପରିକ ବିଶ୍ୱାସ ଓ ସାମୂହିକ ସଂକଳ୍ପରେ । ଭାରତ ପରି ଭାଷା, ଧର୍ମ, ସଂସ୍କୃତି ଓ ପରମ୍ପରାରେ ବିବିଧତାପୂର୍ଣ୍ଣ ଦେଶକୁ ଏକତାର ସୂତ୍ରରେ ବାନ୍ଧିବା ଏକ ବିଶାଳ ଦାୟିତ୍ୱ । ଏହି ଦାୟିତ୍ୱକୁ ଅସାଧାରଣ ଦୃଢ଼ତା, ଅଦମ୍ୟ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟିର ସହିତ ସଫଳ କରିଥିବା ମହାନ ଜନନାୟକ ହେଉଛନ୍ତି ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ । ତାଙ୍କର ଦୃଢ଼ ବ୍ୟକ୍ତିତ୍ୱ, ଦେଶପ୍ରେମ ଓ ନିର୍ଭୀକ ନିଷ୍ପତ୍ତି ପାଇଁ ସେ 'ଲୌହମାନବ' ଭାବେ ପରିଚିତ । ତାଙ୍କ ଜୀବନ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷର କାହାଣୀ ନୁହେଁ; ଏହା ହେଉଛି ଦେଶର ଏକତା, ଜନସେବା ଓ ଜାତୀୟ କର୍ତ୍ତବ୍ୟ ପ୍ରତି ଅଟଳ ନିଷ୍ଠାର ଏକ ଅମର ଗାଥା ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ୧୮୭୫ ମସିହା ଅକ୍ଟୋବର ମାସ ୩୧ ତାରିଖରେ ଗୁଜରାଟର ନଡ଼ିଆଦଠାରେ ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଝାଭେରଭାଇ ପଟେଲ୍ ଓ ମାତା ଲାଡ଼ବା ଦେବୀ ଥିଲେ । ସାଧାରଣ ଗ୍ରାମୀଣ ପରିବେଶରେ ବଢ଼ିଥିବା ବଲ୍ଲଭଭାଇ ପିଲାଦିନରୁ ପରିଶ୍ରମ, ଆତ୍ମନିର୍ଭରଶୀଳତା ଓ ସାହସର ମୂଲ୍ୟ ବୁଝିଥିଲେ । ଯୁବାବସ୍ଥାରେ ସେ ଆଇନ ଶିକ୍ଷା ଗ୍ରହଣ କରି ଜଣେ ସଫଳ ଓକିଲ ଭାବେ ପ୍ରତିଷ୍ଠା ଲାଭ କରିଥିଲେ । ପରେ ଉଚ୍ଚତର ଆଇନ ଶିକ୍ଷା ପାଇଁ ଇଂଲଣ୍ଡ ଯାଇ ମିଡଲ୍ ଟେମ୍ପଲ୍‌ରେ ଅଧ୍ୟୟନ କରିଥିଲେ । ୧୯୦୯ ମସିହାରେ ସେ ଅଦାଲତରେ ଏକ ମାମଲାରେ ଯୁକ୍ତି ଉପସ୍ଥାପନ କରୁଥିବା ବେଳେ ତାଙ୍କ ପତ୍ନୀ ଝାଭେରବାଙ୍କର ଦେହାନ୍ତ ହୋଇଥିଲା । ତାଙ୍କର ଦୁଇ ସନ୍ତାନ ମଣିବେନ ଓ ଦହ୍ୟାଭାଇ ଥିଲେ । ଜୀବନର ଏହି କଠିନ ଅନୁଭବ ତାଙ୍କୁ ଅଧିକ ଧୈର୍ଯ୍ୟଶୀଳ, ଦାୟିତ୍ୱବାନ ଓ ଦୃଢ଼ମନା କରିଥିଲା ।



ଜଣେ ସଫଳ ଓକିଲ ଭାବେ ସୁଖସ୍ୱାଚ୍ଛନ୍ଦ୍ୟର ଜୀବନ ବିତାଇବାର ସୁଯୋଗ ଥିଲେ ମଧ୍ୟ ଗାନ୍ଧୀଜୀଙ୍କ ସତ୍ୟ, ଅହିଂସା ଓ ଜନସେବାର ଆଦର୍ଶ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇ ସେ ଦେଶର ସ୍ୱାଧୀନତା ଓ ସାଧାରଣ ଲୋକଙ୍କ ଅଧିକାର ପାଇଁ ନିଜକୁ ସମର୍ପିତ କରିଥିଲେ । ୧୯୧୮ ମସିହାର ଖେଡ଼ା ସତ୍ୟାଗ୍ରହର ଆନ୍ଦୋଳନ ତାଙ୍କର ସଂଗଠନ ଶକ୍ତି ଓ ଦୃଢ଼ ନେତୃତ୍ୱ ଯୋଗୁଁ ସଫଳତା ହାସଲ କରିଥିଲା । ଅହମଦାବାଦର ପୌର ପ୍ରଶାସନରେ ମଧ୍ୟ ଅଧ୍ୟକ୍ଷ ଭାବରେ ପଟେଲ୍ ନିଜର କାର୍ଯ୍ୟଦକ୍ଷତା ଓ ଜନସେବାର ପରିଚୟ ଦେଇ ସହରର ପରିମଳ, ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ନାଗରିକ ସୁବିଧାର ଉନ୍ନତି ପାଇଁ ସେ ଗୁରୁତ୍ୱ ଦେଇଥିଲେ । ୧୯୨୮ ମସିହାର ବର୍ଦୋଲି ସତ୍ୟାଗ୍ରହର ସଫଳତା ତାଙ୍କୁ ଜଣେ ଦୃଢ଼ ତଥା ଦକ୍ଷ ଜନନେତା ଭାବେ ସମଗ୍ର ଦେଶରେ ପରିଚିତ କରାଇଥିଲା ଏବଂ ସେ 'ସର୍ଦ୍ଦାର' ଉପାଧିରେ ଭୂଷିତ ହୋଇଥିଲେ । ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଓ ଭାରତ ଛାଡ଼ ଆନ୍ଦୋଳନ ପରି ଭାରତର ସ୍ୱାଧୀନତା ଆନ୍ଦୋଳନର ପ୍ରାୟ ପ୍ରତ୍ୟେକ ପ୍ରମୁଖ ପର୍ଯ୍ୟାୟରେ ପଟେଲ୍ ଙ୍କ ଭୂମିକା ଉଲ୍ଲେଖନୀୟ ଥିଲା ଏବଂ ଦେଶର ସ୍ୱାଧୀନତା ପାଇଁ ସେ ଅନେକଥର କାରାବରଣ କରିଥିଲେ ।

ପଟେଲ୍ ଙ୍କ ଅଧ୍ୟକ୍ଷତାରେ କରାଚୀଠାରେ ଅନୁଷ୍ଠିତ ୧୯୩୧ ମସିହାର କଂଗ୍ରେସ ଅଧିବେଶନରେ ମୌଳିକ ଅଧିକାର, ନାଗରିକ ସ୍ୱାଧୀନତା ଓ ଆର୍ଥିକ ନ୍ୟାୟ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆଦର୍ଶ ଉପରେ ଆଲୋଚନା ହୋଇଥିଲା । ୧୯୪୬ ମସିହାରେ ସ୍ୱାଧୀନ ଭାରତର ନେତୃତ୍ୱ ନିର୍ଦ୍ଧାରଣ ପ୍ରକ୍ରିୟାରେ କଂଗ୍ରେସର ଅନେକ ପ୍ରାଦେଶିକ କମିଟି ତାଙ୍କୁ ଅଧ୍ୟକ୍ଷ ପଦ ପାଇଁ ସମର୍ଥନ କରିଥିଲେ । କିନ୍ତୁ ଗାନ୍ଧୀଜୀଙ୍କ ଇଚ୍ଛା ଓ ଦଳର ବ୍ୟାପକ ରାଜନୈତିକ ପରିସ୍ଥିତିକୁ ଗୁରୁତ୍ୱ ଦେଇ ପଟେଲ୍ ପଛକୁ ହଟିଥିଲେ ଏବଂ ଜବାହରଲାଲ ନେହେରୁଙ୍କ ନେତୃତ୍ୱକୁ ସ୍ୱୀକାର କରିଥିଲେ ।

୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା । କିନ୍ତୁ ସ୍ୱାଧୀନତା ସହିତ ନବଗଠିତ ଦେଶ ସମ୍ମୁଖରେ ଏକ ବିଶାଳ ଆହ୍ୱାନ ଉଭା ହୋଇଥିଲା । ଇଂରେଜ ଶାସନ ଶେଷ ହେବା ସମୟରେ ଭାରତରେ ରହିଥିବା ଶତାଧିକ ଦେଶୀୟ ରାଜ୍ୟଗୁଡ଼ିକର ଶାସକମାନଙ୍କ ସମ୍ମୁଖରେ ଭାରତ ସହିତ ମିଶିବା କିମ୍ବା ଅନ୍ୟ ପଥ ବାଛିବାର ପ୍ରଶ୍ନ ଥିଲା । ସେହିପରି ସମୟରେ ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଭାବେ ପଟେଲ୍ ଏକ ଐତିହାସିକ ତଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେ ନିଜର ଦୃଢ଼ ନେତୃତ୍ୱ, ରାଜନୈତିକ ଦୂରଦୃଷ୍ଟି ଓ ଆଲୋଚନା ମାଧ୍ୟମରେ ଏବଂ ଭି. ପି. ମେନନଙ୍କ ସହାୟତାରେ ଅଧିକାଂଶ ଦେଶୀୟ ରାଜ୍ୟକୁ ଭାରତ ସହିତ ମିଶାଇବାରେ ସଫଳ ହୋଇଥିଲେ । ଆଲୋଚନା ଓ ସମ୍ମତି ମାଧ୍ୟମରେ ଅନେକ ରାଜ୍ୟ ସ୍ୱାଧୀନ ଭାରତରେ ମିଶିଥିବାବେଳେ ଜୁନାଗଡ଼ ଓ ହାଇଦ୍ରାବାଦ ପରି କେତେକ ରାଜ୍ୟ ଜଟିଳ ପରିସ୍ଥିତିରେ ମିଶିଥିଲେ ।

ସର୍ଦ୍ଦାର ପଟେଲ୍‌ଙ୍କ ଜାତୀୟ ଏକୀକରଣ ପ୍ରକ୍ରିୟାର ପ୍ରଭାବ ଓଡ଼ିଶା ସହିତ ମଧ୍ୟ ଗଭୀର ଭାବେ ଜଡ଼ିତ । ସ୍ୱାଧୀନତା ପୂର୍ବରୁ ଓଡ଼ିଶାର ମୁଖ୍ୟ ଅଞ୍ଚଳ ସହିତ ଅନେକ ଗଡ଼ଜାତ ରାଜ୍ୟ ରହିଥିଲେ, ଯେଉଁଠାରେ ରାଜାମାନଙ୍କର ଶାସନ ଚାଲୁଥିଲା । ଏହି ଐତିହାସିକ ପ୍ରକ୍ରିୟାରେ ବର୍ତ୍ତମାନର ବାଲେଶ୍ୱର ଜିଲ୍ଲାରେ ଅବସ୍ଥିତ ଗଡ଼ଜାତ ରାଜ୍ୟ ନୀଳଗିରିର ମିଶ୍ରଣ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଥିଲା । ସେଠାରେ ରାଜତନ୍ତ୍ର ଶାସନକୁ ନେଇ ଅସନ୍ତୋଷ ଓ ପ୍ରଜାମଣ୍ଡଳ ଆନ୍ଦୋଳନ ଫଳରେ ପରିସ୍ଥିତି ଜଟିଳ ହୋଇପଡ଼ିବାରୁ, ୧୯୪୭ ମସିହା ନଭେମ୍ବର ମାସ ୧୪ ତାରିଖରେ ତତ୍କାଳୀନ ଓଡ଼ିଶା ସରକାର ନୀଳଗିରିର ପ୍ରଶାସନିକ ଦାୟିତ୍ୱ ନିଜ ହାତକୁ ନେଇଥିଲେ । ନୀଳଗିରିର ଘଟଣା ଏକୀକରଣ ପ୍ରକ୍ରିୟାର ଏକ ପ୍ରାରମ୍ଭିକ ଓ ପଥପ୍ରଦର୍ଶକ ଉଦାହରଣ ଭାବେ ଅନ୍ୟ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ପାଇଁ ମଧ୍ୟ ଏକ ନୂତନ ପଥ ଦେଖାଇଥିଲା । ଏହିପରି ଭାବରେ ଭାରତ ଏକ ସଂଘୀୟ ରାଷ୍ଟ୍ରରେ ପରିଣତ ହୋଇଥିଲା ।

ସର୍ଦ୍ଦାର ପଟେଲ୍‌ଙ୍କ ଅବଦାନ କେବଳ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣରେ ସୀମିତ ରହିନଥିଲା । ସ୍ୱାଧୀନ ଭାରତର ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଭାରତୀୟ ପ୍ରଶାସନିକ ସେବା ଓ ଭାରତୀୟ ପୁଲିସ ସେବା ପରି ସର୍ବଭାରତୀୟ ସେବାଗୁଡ଼ିକୁ ଦେଶର ପ୍ରଶାସନିକ ମେରୁଦଣ୍ଡ ଭାବେ ଗୁରୁତ୍ୱ ଦେଇଥିଲେ ।

୧୯୫୦ ମସିହା ଡିସେମ୍ବର ମାସ ୧୫ ତାରିଖରେ ସର୍ଦ୍ଦାର ପଟେଲ୍‌ଙ୍କ ଦେହାନ୍ତ ହୋଇଥିଲା । କିନ୍ତୁ ତାଙ୍କର ଚିନ୍ତାଧାରା, କର୍ମନିଷ୍ଠା ଓ ଜାତୀୟ ଏକତାର ଆଦର୍ଶ ଆଜି ମଧ୍ୟ ଭାରତୀୟମାନଙ୍କୁ ପ୍ରେରଣା ଦେଉଛି । ତାଙ୍କ ଜନ୍ମଦିନକୁ ୨୦୧୪ ମସିହାଠାରୁ ଦେଶରେ 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ ପାଳନ କରାଯାଉଛି । ଆଜିର ଯୁଗରେ ପଟେଲ୍‌ଙ୍କ ଜୀବନାଦର୍ଶ ଆମକୁ ଶିକ୍ଷାଦିଏ ଯେ ଏକତାର ଅର୍ଥ ସମସ୍ତେ ଏକାପରି ଚିନ୍ତା କରିବା ନୁହେଁ; ବରଂ ଭିନ୍ନତାକୁ ସମ୍ମାନ କରି ଏକ ସାଧାରଣ ଜାତୀୟ ଲକ୍ଷ୍ୟ ପାଇଁ ଏକାଠି ଆଗେଇବା । ବିଶେଷକରି ଯୁବପିଢ଼ିଙ୍କ ପାଇଁ ସର୍ଦ୍ଦାର ପଟେଲ୍‌ଙ୍କ ଜୀବନ ଆତ୍ମବିଶ୍ୱାସ, ପରିଶ୍ରମ, ଶୃଙ୍ଖଳା, ନିଷ୍ଠା ଓ ଦେଶପ୍ରେମର ଶିକ୍ଷା ଗ୍ରହଣ କରିବାକୁ ବାର୍ତ୍ତାଦିଏ । ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ଜୀବନ ଓ କର୍ମ ଆମକୁ ସ୍ମରଣ କରାଏ ଯେ ମହାନ ଦେଶ ଗଢ଼ିବା ପାଇଁ କେବଳ ସ୍ୱପ୍ନ ଦେଖିଲେ ହୁଏନାହିଁ; ସେହି ସ୍ୱପ୍ନକୁ ସାକାର କରିବା ପାଇଁ ସାହସ, ତ୍ୟାଗ, ଶୃଙ୍ଖଳା ଓ ଅବିରତ ପ୍ରୟାସ ଆବଶ୍ୟକ । ଖେଡ଼ା ଓ ବର୍ଦୋଲିର କୃଷକ ଆନ୍ଦୋଳନଠାରୁ ଆରମ୍ଭ କରି ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ପର୍ଯ୍ୟନ୍ତ ତାଙ୍କର ଅବଦାନ ଏକ ଚିରନ୍ତନ ସତ୍ୟକୁ ପ୍ରତିପାଦିତ କରେ ଯେ ଏକତା ହେଉଛି ଦେଶର ସବୁଠାରୁ ବଡ଼ ଶକ୍ତି । ଆମେ ଯଦି ତାଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବା, ପରସ୍ପରକୁ ସମ୍ମାନ କରିବା ଓ ଦେଶର ମଙ୍ଗଳକୁ ବ୍ୟକ୍ତିଗତ ସ୍ୱାର୍ଥଠାରୁ ଉପରେ ରଖିବା, ତେବେ ଏକ ସମୃଦ୍ଧ, ଶାନ୍ତିପୂର୍ଣ୍ଣ ଓ ଶକ୍ତିଶାଳୀ ଭାରତ ଗଢ଼ିବା ସମ୍ଭବ ହେବ । ଏହାହିଁ ହେବ ଲୌହମାନବ ସର୍ଦ୍ଦାର ପଟେଲ୍‌ଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

♥ ସଂଗଣକ ବିଜ୍ଞାନ ଏବଂ ପ୍ରୟୋଗ ବିଭାଗ
ସୂଚନା ପ୍ରୌଦ୍ୟୋଗିକ ଏବଂ ପ୍ରବନ୍ଧନ ଶିକ୍ଷା ମହାବିଦ୍ୟାଳୟ (ସାଇମ୍)
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ମୋ: ୯୭୭୭୦୧୧୯୬୮

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୦୧ ନଭେମ୍ବର ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ଶହୀଦ ସଂଗ୍ରାମୀ - ଜୟୀ ରାଜଗୁରୁ



ଅକ୍ଷୟ କୁମାର ରାଉତ

ଯେଉଁ ଦେଶର କ୍ଷିତ୍, ଆପ୍, ତେଜ, ମରୁତ୍ ଓ ବ୍ୟୋମରେ ଜୟୀ କୃଷ୍ଣ ରାଜଗୁରୁଙ୍କ ଶରୀର ଗଠିତ ହୋଇଅଛି। ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମି, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶପ୍ରେମ, ସାହସ ଓ ତ୍ୟାଗ ଓଡିଶା ଇତିହାସରେ ବିରଳ। ଜୟୀ କୃଷ୍ଣ ରାଜଗୁରୁ ଅବିଭକ୍ତ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ବଂଶରେ ୧୭୩୯ ମସିହା ଅକ୍ଟୋବର ମାସ ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ବୋଲି ସ୍ଥିର କରାଯାଇଛି। ତାଙ୍କର ପିତାଙ୍କ ନାମ ଚନ୍ଦ୍ରଶେଖର ରାଜଗୁରୁ (ଚାନ୍ଦ ମହାପାତ୍ର) ଏବଂ ମାତାଙ୍କର ନାମ ହାରାମଣି ଦେବୀ।

ବାଲ୍ୟକାଳରୁ ଜୟୀକୃଷ୍ଣ ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ଘୋଡାର ବେଲ୍ଟକୁ ଧରି ଘୋଡା ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ। ଏହି ଦୃଶ୍ୟ ପିତା ଚାନ୍ଦ ରାଜଗୁରୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସେହିଦିନଠାରୁ ସେ ଘୋଡା ଉପରେ ଖେଳୁଥିବା ଦେଖାଯାଉଥିଲା। ପିଲାଦିନରୁ ଏହି ସାହସ ତାଙ୍କର ଜଣାପଡୁଥିଲା। ନଅବର୍ଷରେ ଜୟୀକୃଷ୍ଣଙ୍କର ବ୍ରତୋପନୟନ, ପରେ ସଂସ୍କୃତ ଟୋଲ୍‌ରେ ବାଲ୍ୟଶିକ୍ଷା ଗ୍ରହଣ କରିଥିଲେ। ସେ ଗୋବର୍ଦ୍ଧନ ପୀଠ ଓ ଏମାର ମଠରୁ ଧର୍ମଶାସ୍ତ୍ର, ନୀତିଶାସ୍ତ୍ର ଶିକ୍ଷା କରିଥିଲେ। ସେ ମଲ୍ଲଯୁଦ୍ଧ, ତରବାରି ଚାଳନା, କୁସ୍ତି ପ୍ରଭୃତି ପାଇକ ଆଖଡାରୁ ଶିକ୍ଷା କରିଥିଲେ। ପିତାଙ୍କ ମୃତ୍ୟୁ ପରେ ଜୟକୃଷ୍ଣ ବିବାହ କରିନଥିଲେ। କାଶୀରେ ଜୟକୃଷ୍ଣ ଜଣେ ସାଧକଙ୍କଠାରୁ 'ଦଶ ମହାବିଦ୍ୟା' ଓ 'ଧୂମାବତୀ' ସାଧନା ଶିକ୍ଷା କରି ସିଦ୍ଧି ଲାଭ କରିଥିଲେ। ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ତଥା ପ୍ରଧାନମନ୍ତ୍ରୀ ଭାବେ ଯୋଗଦେଲେ। ମା'ଙ୍କ ଉପଦେଶରେ ସେ ଦେଶ, ଜଣ ଓ ଲୋକମାନଙ୍କର ସେବା କରିବାକୁ ଶପଥ ନେଲେ। ୧୭୯୦ ମସିହାରେ ପ୍ରଥମ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ପରେ ତାଙ୍କର ଭାଇ ଶ୍ୟାମସୁନ୍ଦର ଦେବ ଇଂରେଜମାନଙ୍କ ସହାୟତାରେ ସିଂହାସନରେ ବସିବାକୁ ଚେଷ୍ଟା କଲେ। ମାତ୍ର ଜୟୀକୃଷ୍ଣ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜସିଂହାସନରେ ଅଭିଷିକ୍ତ କରାଇଥିଲେ। ଜୟୀ ରାଜଗୁରୁ ଡମପଡା ଆକ୍ରମଣ କରି ବାଙ୍କି ରାଜାଙ୍କ ଭାଇ ବାସୁଦେବ ଭ୍ରମରବରଙ୍କୁ ମାରି ଡମପଡା ଦଖଲ କଲେ। ଏହି ସମୟ ମଧ୍ୟରେ ବ୍ରିଟିଶ ଶାସକମାନେ ବଙ୍ଗଳା ଓ ମାନ୍ଦ୍ରାଜ ଅଧିକାର କରିସାରିଥାନ୍ତି। ଇଂରେଜମାନେ ମରହଟ୍ଟାମାନଙ୍କୁ ବିଦା କରି ଓଡିଶାକୁ ଦଖଲ କରିବାକୁ ଯୋଜନା ପ୍ରସ୍ତୁତ କଲେ। ଇଂରେଜ ସେନାଧକ୍ଷ କର୍ଣ୍ଣେଲ ହାର୍‌କୋଟ ଖୋର୍ଦ୍ଧା ରାଜାଙ୍କୁ ଏକ ପ୍ରସ୍ତାବ ଦେଲେ, ଯଦି ସେ ମରହଟ୍ଟାମାନଙ୍କୁ ସାହାଯ୍ୟ ନଦେଇ ଇଂରେଜମାନଙ୍କୁ ସାହାଯ୍ୟ କରିବେ ତେବେ ଓଡିଶା ଅଧିକାର ପରେ ଏକ ଲକ୍ଷ ଟଙ୍କା ଓ ସେ ହରାଇଥିବା ଚାରୋଟି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ, ଲେମ୍ବାଇକୁ ତାଙ୍କୁ ଫେରସ୍ତ ମିଳିବ। ତେଣୁ ରାଜା ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ। ପ୍ରଥମ କିସ୍ତି ସ୍ୱରୂପ ଇଂରେଜମାନେ ରାଜଙ୍କ ନିକଟକୁ ଟ.୧୦,୦୦୦ ପଠାଇଥିଲେ।



କର୍ଣ୍ଣେଲ ହାର୍‌କୋର୍ଟ ୧୮୦୩ ମସିହା ସେପ୍ଟେମ୍ବର ମାସରେ ଓଡିଶା ଆସିଲେ। ମରହଟ୍ଟା ମାନଙ୍କ ତରଫରୁ ନିଯୁକ୍ତ ଫତେ ମହମ୍ମଦଙ୍କ ଦ୍ୱାରା ଇଂରେଜମାନେ ପୁରୀରେ ପହଞ୍ଚି ମରହଟ୍ଟା ସୈନ୍ୟମାନଙ୍କୁ ବଶୀଭୂତ କରି ପୁରୀ ଦଖଲ କଲେ। ପୁରୀ ଜଗନ୍ନାଥ ମନ୍ଦିରର ଦାୟିତ୍ୱ ହିନ୍ଦୁ ସିପାହୀମାନଙ୍କ ହାତରେ ଦେଇ କର୍ଣ୍ଣେଲ ହାର୍‌କୋର୍ଟ କଟକ ଯାତ୍ରା କରିବା ବାଟରେ ଅହମ୍ମଦପୁର ଓ ଦାଣ୍ଡମୁକୁନ୍ଦପୁରରେ ମରହଟ୍ଟାମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ। କର୍ଣ୍ଣେଲ ହାର୍‌କୋର୍ଟ ବାରଙ୍ଗ ଦେଇ କଟକରେ ପହଁଚି ଅକ୍ଟୋବର ମାସ ୮ ତାରିଖରୁ ୧୪ ତାରିଖ ମଧ୍ୟରେ ମରହଟ୍ଟା ମାନଙ୍କୁ ପରାସ୍ତ କରି ବାରବାଟୀ ଦୁର୍ଗ ଦଖଲ କଲେ। ଓଡିଶା ଅଧିକାର ପରେ ଇଂରେଜମାନେ ଚାରୋଟି ପ୍ରଗଣା ଖୋର୍ଦ୍ଧା ରାଜାଙ୍କୁ ଦେବାକୁ ରାଜି ହେଲେ ନାହିଁ। କେବଳ ଜୟ ରାଜଗୁରୁଙ୍କୁ ପ୍ରାପ୍ୟ ନବେ ହଜାରରୁ ଚାଳିଶ ହଜାର ଟଙ୍କା ଦେଇଥିଲେ। ଇଂରେଜମାନଙ୍କର କୌଣସି ଚୁକ୍ତିପତ୍ରରେ ରାଜା ଓ ଜୟରାଜଗୁରୁ ସ୍ୱାକ୍ଷର ଦେଲେ ନାହିଁ କି ଇଂରେଜମାନଙ୍କ ଆଦେଶ ମାନିଲେନାହିଁ। କିନ୍ତୁ ଦ୍ୱିତୀୟ ମୁକୁନ୍ଦ ଦେବ ୧୮୦୪ ମସିହା ଅଗଷ୍ଟ ମାସ ୨ ତାରିଖରେ ଚୁକ୍ତି ପତ୍ରରେ ସ୍ୱାକ୍ଷର ଦେଲେ। ରାଜା ଇଂରେଜମାନଙ୍କୁ ରାଜସ୍ୱ ଦେଲେ ନାହିଁ, ଫଳସ୍ୱରୂପ ଇଂରେଜମାନେ ଜୟ ରାଜଗୁରୁଙ୍କୁ ଦାୟୀ କରି ତାଙ୍କୁ ରାଜଗୁରୁ ପଦରୁ ହଟାଇବା ପାଇଁ ଚକ୍ରାନ୍ତ କରି ଗୋଲାମ ଅମିନ ନାମକ କର୍ମଚାରୀଙ୍କୁ ପରାମର୍ଶଦାତା ଭାବେ ଏକତରଫା ନିଯୁକ୍ତ ଦେଇ ରାଜ ଦରବାରକୁ ପଠାଇଲେ।


ଜୟୀ ରାଜଗୁରୁ ଇଂରେଜମାନଙ୍କର ଚକ୍ରାନ୍ତ ବୁଝିପାରି ମାତୃଭୂମିର ସୁରକ୍ଷା ପାଇଁ ଇଂରେଜ ମାନଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ରାଜାଙ୍କର ଅନୁମତି ଲୋଡିଲେ। ରାଜାଙ୍କ ଅନୁମତି ପରେ ଜୟ ରାଜଗୁରୁ କୁଜଙ୍ଗ, କନିକା, ଖୋରଧା ମଧ୍ୟରେ ଏକ ତ୍ରିପାକ୍ଷିକ ମେଣ୍ଟ ଗଠିତ କଲେ। ଏଥିରେ ହରିଶପୁର, ମରିଚପୁର ଓ ବିଷ୍ଣୁପୁରର ଜମିଦାରମମାନେ ଯୋଗଦେଲେ। କୁଜଙ୍ଗର ଦୁର୍ଦ୍ଦଶ ନୌବାହିନୀର ସୈନ୍ୟମାନେ ନିଜର ମାତୃଭୂମିକୁ ରକ୍ଷା କରିବା ପାଇଁ କୌଣସି ବିଦେଶୀମାନଙ୍କୁ କଳିଙ୍ଗ ସାଗର (ବଙ୍ଗୋପସାଗର)ରେ ପୂରାଇ ଦେଉନଥିଲେ। ଏହି ମାତୃଭକ୍ତ କୁଜଙ୍ଗବାସୀ ବହୁ ସଂଖ୍ୟାରେ ଜୟ ରାଜଗୁରୁଙ୍କ ସୈନ୍ୟବାହିନୀରେ ଯୋଗଦେଲେ। ପ୍ରଥମେ ଜୟ ରାଜଗୁରୁ ଇଂରେଜମାନଙ୍କୁ ହଟାଇବାକୁ ସୈନ୍ୟ ସଂଖ୍ୟା ବୃଦ୍ଧି କଲେ। ତାପରେ ପାଇକମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବାପାଇଁ ମରହଟ୍ଟା ସର୍ଦ୍ଦାରମାନଙ୍କୁ ନିଯୁକ୍ତି କରାଗଲା। ଇଂରେଜମାନଙ୍କଠାରୁ ଆଣିଥିବା ୪୦ ହଜାର ଟଙ୍କାରେ ରାଜ୍ୟ ସୁରକ୍ଷା ପାଇଁ ରାସ୍ତାଘାଟ ମରାମତି କରାଇଲେ ଓ ବାକି ଟଙ୍କାରେ ପାଇକମାନଙ୍କ ପାଉଣା ବାବଦରେ ଖର୍ଚ୍ଚକଲେ। ଖୋରଧା ଦୁର୍ଗର ବାହାର ଓ ଭିତର ପଟେ ସୈନ୍ୟ, ତୋପ ରହିବାର ବ୍ୟବସ୍ଥା କଲେ। ପ୍ରତି ଘାଟି ଜାଗା ଯଥା ଡେଲାଙ୍ଗ, ତରଡୁଆ, ଗଙ୍ଗପଡା ପ୍ରଭୃତି ବିଭିନ୍ନ ସ୍ଥାନରେ ପାଇକ ବାହିନୀ ମୃତୟନ କଲେ। ଜୟ ରାଜଗୁରୁ ନିଜର ବାସଭବନଟିକୁ ବନ୍ଧା ଦେଇ ତା ବଦଳରେ ଏକ ଘୋଡ କିଣି ସେହି ଘୋଡାରେ ନାଗପୁର ଯାଇ ରଘୁଜୀ ଭୋନ୍‌ସଲାଙ୍କୁ ଭେଟିଲେ ଫଳରେ ଖୋରଧା ରାଜା ଓ ରଘୁଜୀ ଭୋନ୍‌ସଲାଙ୍କ ମଧ୍ୟରେ ଏକ ସାମ୍ମୁଖ୍ୟ ଗଠନ ପାଇଁ ବୁଝାବଣା ହୋଇଥିଲା। ଏହାପରେ ଜୟୀ ରାଜଗୁରୁ ଇଂରେଜମାନଙ୍କ ଅଧିକୃତ ଅଞ୍ଚଳରେ ରାଜାଙ୍କ କର୍ତ୍ତୃତ୍ୱ ବିସ୍ତାର କରି ଖଜଣା ଆଦାୟ କଲେ। ୧୮୦୪ ମସିହାରେ ଅକ୍ଟୋବର ମାସରେ ପାଇକମାନେ ପିପିଲିର ବହୁ ଇଂରେଜ ଅଧିନ ଗ୍ରାମ ଆକ୍ରମଣ କରି କ୍ଷୟକ୍ଷତି ଘଟାଇଲେ। ଇଂରେଜମାନେ ମହାନଦୀ ପଠାରେ ସୈନ୍ୟମାନଙ୍କ ସମରାଭ୍ୟାସ କରୁଥିଲେ। ଜୟୀ ରାଜଗୁରୁ ହଠାତ୍ ଇଂରେଜ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କରି ସେମାନଙ୍କୁ ନିରସ୍ତ୍ର କରିଦେଲେ। ରାଜାଜ୍ଞା ପାଇଁ ଜୟୀକୃଷ୍ଣ ଡେଲାଙ୍ଗ ଅଧିକୃତ କଲେ, ଇଂରଜ ସୈନ୍ୟମାନେ ଡେଲାଙ୍ଗ ଛାଡି ପଳାଇଲେ। କ୍ୟାପ୍‌ଟେନ୍ ହିକ୍ ଲ୍ୟାଣ୍ଡଙ୍କ ନେତୃତ୍ୱରେ ସୈନ୍ୟମାନେ ପିପିଲି ଦୁର୍ଗଠାରେ ପାଇକମାନଙ୍କୁ ଆକ୍ରମଣ କଲେ। ପିପିଲିରୁ ଫେରିବା ବାଟରେ ହିକ୍ ଲ୍ୟାଣ୍ଡ ପାଇକମାନଙ୍କ ଦ୍ୱାରା ପରାସ୍ତ ହେଲେ। ମୁସ୍ତଫା ଖାଁ ରାଜାଙ୍କ ଆଦେଶରେ ଟାଙ୍ଗିଆପଡା ଅଭିମୁଖେ ଯାତ୍ରା କଲେ। ସେ ମେଜର ଫ୍ଲେଚରଙ୍କ ଦ୍ୱାରା ପରାସ୍ତ ହେଲେ। ମେଜର ଫ୍ଲେଚର ନୟାଗଡ, ଖଣ୍ଡପଡା ଓ ରଣପୁର ରାଜାମାନଙ୍କ ସହାୟତାରେ ଖୋର୍ଦ୍ଧାର ଦକ୍ଷିଣରୁ ଆକ୍ରମଣ କଲେ। କର୍ଣ୍ଣେଲ ହାର୍‌କୋର୍ଟ ଓ ମେଲ୍‌ଭିଲେ ବାଙ୍କି ରାଜାଙ୍କ ସହାୟତାରେ ଖୋରଧା ଅଭିମୂଖେ ଯାତ୍ରା କଲେ। ଶୁଣାଯାଏ ଖୋର୍ଦ୍ଧାଗଡର ଅଧିଷ୍ଠାତ୍ରୀ ଦେବୀ ବରୁଣାଇ ଓ କରୁଣାଇ ଜୟୀ ରାଜଗୁରୁଙ୍କ ତନ୍ତ୍ର ସାଧନା ବଳରେ ସିଂହବାହନରେ ବସି ଯୁଦ୍ଧକଲେ। କିନ୍ତୁ କାଞ୍ଚିଦେବ୍ୟା ଇଂରେଜମାନଙ୍କୁ ଜଣାଇଲେ ଷଣ୍ଢ ବଳି ଦେଇ ତା ରକ୍ତରେ ଗୋଳା ବର୍ଷଣ କଲେ ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବେ। କର୍ଣ୍ଣେଲ୍ ଫ୍ଲେଚର ଗାଈର ମୁଣ୍ଡ କାଟି ତା ରକ୍ତରେ ଗୋଳା ବୁଡାଇ ଆକ୍ରମଣ କଲେ। ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ। ଇଂରେଜମାନେ ଗଡକୁ ଚାରି ଦିଗରୁ ଆକ୍ରମଣ କରି ନଅର ଭିତରକୁ ଗୁଳି ବର୍ଷଣ କଲେ। ମେଜର ଫ୍ଲେଚର ଦୁର୍ଗ ଭିତରକୁ ପ୍ରବେଶ କରି ଜୟ ରାଜଗୁରୁଙ୍କ ଗୃହରେ ତାଲା ପକାଇ ଦେଲେ। ଦୁର୍ଗ ମଧ୍ୟରେ ଜୟୀ ରାଜଗୁରୁଙ୍କ ସହିତ ଇଂଜେମାନଙ୍କର ଘମାଘୋଟ ଯୁଦ୍ଧ ହେଲା। ଜୟ ରାଜଗୁରୁ ତାଙ୍କ ଗୃହରୁ ସୁନା କୁଳାଇ ଆଣିପାରିଲେ ନାହିଁ। ଫଳରେ ତାଙ୍କର ଧୂମାବତୀ ସାଧନା ବିଫଳ ହେଲା। ରାଜା ପୂର୍ବରୁ ଦୁର୍ଗ ଛାଡି କାଇପଦରଗଡର କାଣିଆ ଗୋହରି ଜଙ୍ଗଲରେ ଆତ୍ମଗୋପନ କରିଥିଲେ। ଜୟ ରାଜଗୁରୁ ଦୁର୍ଗରୁ ପଳାଇ ଯାଇ ସେଠାରେ ରାଜାଙ୍କୁ ଭେଟିଲେ।

କମଳ ବଡଜେନା ନାମକ ବ୍ୟକ୍ତି ଷଡଯନ୍ତ୍ର କରି ଜୟ ରାଜଗୁରୁଙ୍କୁ ଇଂରେଜମାନଙ୍କୁ ଧରାଇ ଦେଲେ। କେହି କେହି ପିଣ୍ଡିକି ହରିଚନ୍ଦନଙ୍କୁ ଦାୟୀ କରିଥାଆନ୍ତି। ଇଂରେଜ ସୈନ୍ୟମାନେ ଜୟୀ ରାଜଗୁରୁଙ୍କୁ ମେଜର ଫ୍ଲେଚରଙ୍କ ପାଖକୁ ଆଣିଥିଲେ। ତାପରେ କର୍ଣ୍ଣେଲ ହାର୍‌କୋର୍ଟଙ୍କ ନିକଟକୁ ଜୟୀ ରାଜଗୁରୁଙ୍କୁ ପ୍ରେରଣ କରାଗଲା। ମେଦିନୀପୁରସ୍ଥିତ ବାଲିତୋଟା ଠାରେ ତାଙ୍କର ବିଚାର କରି ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ଏକ ବରଗଛରେ ଇଂରେଜମାନେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। କେହି କେହି କୁହନ୍ତି ଖୋର୍ଦ୍ଧାର ମଧ୍ୟସ୍ଥଳରେ ଏକ ବରଗଛରେ ଜୟୀ ରାଜଗୁରୁଙ୍କୁ ଚାରିଡାଳିଆ କରି ଫାଶୀ ଦିଆଯାଇଥିଲା।

ଇଂରେଜଙ୍କ ସହିତ ସଂଗଠିତ ସଂଗ୍ରାମରେ ଜୟୀ ରାଜଗୁରୁ ବ୍ୟର୍ଥ ହେଲେ ସତ, କିନ୍ତୁ ସେ ସବୁ ଦୋଷ ନିଜ ଉପରକୁ ନେଇ ଯେପରିଭାବେ ଚରିତ୍ରବତ୍ତା, ଦେଶଭକ୍ତି ଓ ମହାନ ସଂଗ୍ରାମ ଇତିହାସକୁ ଦୃଷ୍ଟାନ୍ତ ଦେଇଛନ୍ତି ତାହା ବିରଳ।

♥ ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ: ୯୯୩୭୬୯୧୪୭୫

ଶାରଦ ପୂଜା ପତ୍ରିକା ସମୀକ୍ଷା : ବନମାଳୀ ସେନାପତି




ସାଗରିକା

ସମ୍ପାଦକ : ସୈରିନ୍ଧ୍ରୀ ସାହୁ
ଠିକଣା : ଜେଲରୋଡ, ବାଲେଶ୍ୱର-୧
ପୃଷ୍ଠା-୨୫୦, ମୂଲ୍ୟ-୧୫୦/-

ସେହି ବାଲେଶ୍ୱର ମାଟିରୁ ୧୯୮୪ ମସିହାରୁ ପ୍ରକାଶିତ ହୋଇଆସୁ ଥିବା ସୈରିନ୍ଧ୍ରୀ ସାହୁଙ୍କ ସମ୍ପାଦିତ ପତ୍ରିକା 'ସାଗରିକା' ତାର ଯାତ୍ରା ପଥରେ ଆଗେଇ ଚାଲିଛି । ଦୀର୍ଘ ୪୨ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପ୍ରକାଶିତ ଏହି ପତ୍ରିକା ଚଳିତ ପୂଜାସଂଖ୍ୟା ଭାବେ ଦୁର୍ଗାପୂଜାରେ ଏକ ନୂତନ କଳେବର ନେଇ ପ୍ରକାଶ ପାଇଛି । ପ୍ରତ୍ୟେକ ସଂଖ୍ୟାରେ ସମ୍ପାଦିକା ତାଙ୍କ ସମ୍ପାଦକୀୟରେ ଗୋଟିଏ ସାମ୍ପ୍ରତିକ କିମ୍ବା ଅତୀତର ଘଟଣାଟିକୁ ଗଳ୍ପ ଛଳରେ ପାଠକଙ୍କୁ ପରଶି ଦିଅନ୍ତି । ଏଥର ନାରୀ ନାରାୟଣୀ ହୋଇଥିବାବେଳେ କେମିତି ତା ରୂପର ପରିବର୍ତ୍ତନ କରୁଛି ତାହା ଲେଖିଛନ୍ତି ମାମୁନି ଚରିତ୍ର ମାଧ୍ୟମରେ । ପତ୍ରିକାର ଆରମ୍ଭ ହୋଇଛି ସୁଷମା ପରିଜାଙ୍କ 'ତନ୍ତ୍ର ଦେବୀ ଦଶ ମହାବିଦ୍ୟା'ରୁ । ଏହି ପ୍ରବନ୍ଧରେ ସେ ଦଶମହାବିଦ୍ୟା ବିଷୟରେ ସବିଶେଷ ତଥ୍ୟ ରଖିଛନ୍ତି। ଏହାପରେ ଗାଳ୍ପିକ ସହଦେବ ସାହୁ 'ମୁଁ କାହିଁକି ଲେଖେ' ର ଏକ କ୍ଷୁଦ୍ର ଫିଚର ଉପସ୍ଥାପନ କରିଛନ୍ତି । ଗଳ୍ପ ଗବାକ୍ଷର ୧ମ ଗଳ୍ପ ରବି ପଣ୍ଡାଙ୍କ 'ଯାତ୍ରାର ପ୍ରଥମ ପାଦ' ଗଳ୍ପର ନାୟକ ସାମୁଏଲ ଓ ନାୟିକା ମାରିଆ । ଦୁହେଁ ଏକ ଏକ ଦାତବ୍ୟ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ କରାଯାଉଥିବା ମିଶନରେ ବନବାସୀଙ୍କ ଉନ୍ନତି କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି । ଯାହାର ଯବନିକା ବିୟୋଗାନ୍ତକ ।

ଦ୍ୱିତୀୟ ଗଳ୍ପ କ୍ଷୀରୋଦ ଦାସଙ୍କ 'ଅବଧାନେ' ଏକଦା ଧଳା ଫିନ୍ ଫିନ୍ ଧୋତି, ଦେହରେ ସରୁ ଚାଦର, ପାଦରେ ଛ ଆଙ୍ଗୁଳି ଉଚ୍ଚତାର କଠଉ ପିନ୍ଧି ମୁଣ୍ଡ ଉପରେ ଛଣ, କାଖରେ କପଡ଼ା ବ୍ୟାଗ ଜାକି ଯେବେ ଗ୍ରାମରେ ପହଞ୍ଚୁଥିଲେ, ଗ୍ରାମର ସବୁକାମ ବାତିଲ କରି ପିଲାଠାରୁ ବୁଢ଼ାଯାଏ ଭୂମିଲଗ୍ନ ଜୁହାର ହୋଇ ଆଶୀର୍ବାଦ ଭିକ୍ଷା କରନ୍ତି । ଗପର ନାୟକ 'ବିଶ୍ୱନାଥ'ଙ୍କର ବାପା ତାଙ୍କ ଆତିଥ୍ୟରେ କୌଣସି ହେଳା କରନ୍ତି ନାହିଁ। କିନ୍ତୁ ସମୟର ପରିବର୍ତ୍ତନରେ ଅବଧାନେ 'ଶଙ୍କର୍ଷଣ ପଣ୍ଡିତେ' ପରଘରେ ମୂଲ ଲାଗିଛନ୍ତି ଓ ମୂଲ ନ ମିଳିଲେ ଭିକ୍ଷା ମାଗି ଖାଇଛନ୍ତି। ଗଳ୍ପଟି ପାଠକଙ୍କୁ ନୂତନ ସ୍ୱାଦ ଆହରଣର ସୁଯୋଗ ଦେବ ବୋଲି ଆଶା କରାଯାଏ । ଏହା ପରେ କୃପାସାଗରର ସାହୁଙ୍କ 'କୋଇଲି', ବିଷ୍ଣୁସାହୁଙ୍କ 'ନିରୁଦ୍ଦିଷ୍ଟ ପ୍ରଜାପତି', ରସାନନ୍ଦ ସାହୁଙ୍କ 'ବୃକ୍ଷଦେବତା', କମଳା ଶତ୍‌ପଥିଙ୍କ 'ଧୂମାୟିତ ଆଇନା', ପୁଷ୍ପାଞ୍ଜଳି ନାୟକଙ୍କ 'ପ୍ରେମର ନିବୃତ ପୃଥିବୀ', ଚନ୍ଦାମିଶ୍ରଙ୍କ 'ଦୁର୍ଗାମାଆଙ୍କ ଭଳି ଯଦି ମୋର ଦଶଟି ହାତ ଥାଆନ୍ତା', ଲକ୍ଷ୍ମୀଚାନ୍ଦଙ୍କ 'ଛାଇର ଶୋକ', ଡ. ଶିଶିର କୁମାର କରଙ୍କ 'ଡରୁଆ' ରହିଛି । କବିତାର ପ୍ରଥମ ସ୍ତବକରେ ଅଛି ପ୍ରଥମ କବିତା ରତ୍ନାକର ରାଉତଙ୍କ 'ଲଙ୍କା ଜଳୁଛି' ଆଜି ଦେଶର ସାମ୍ପ୍ରତିକ ଅବସ୍ଥାକୁ ଦେଖି କବିପ୍ରାଣ ଅସ୍ଥିର ହୋଇପଡ଼ିଛି । ସେ ତାଙ୍କ କବିତାରେ ଦେଶର ଜନତାକୁ ସୁପ୍ତ ନହୋଇ ଜାଗ୍ରତ ହେବାକୁ ଆହ୍ୱାନ ଦେଇଛନ୍ତି ।

ଦ୍ୱିତୀୟ କବିତା ବଂଶୀଧର ଷଡ଼ଙ୍ଗୀଙ୍କର 'ଏଣେତେଣେ', ପରେ ପରେ ଅଛନ୍ତି ପ୍ରଶାନ୍ତ ହୋତା, ଦୁର୍ଗାଚରଣ ଷଡ଼ଙ୍ଗୀ, ପୀତାମ୍ବର ତରାଇ, ଅଜୟ ସ୍ୱାଇଁ, ବୃନ୍ଦାବନ ଦାସ, ଡ. ଶ୍ରୀଧର ସାମଲ, ଚୈତନ୍ୟ ପ୍ରସାଦ ବେହେରା, ଡା. ଦୀନବନ୍ଧୁ ସାହୁ, ପ୍ରେମାନନ୍ଦ ଖଣ୍ଡୁଆଳ, ଶ୍ରୀଦେବ ଓ ଆହୁରି ଅନେକ । ସମୁଦାୟ ପତ୍ରିକାରେ ୧୧୯ ଜଣ କବିଙ୍କୁ ସ୍ଥାନ ଦେଇଛନ୍ତି ସଂପାଦିକା । ଗଳ୍ପର ଦ୍ୱିତୀୟ ପର୍ଯ୍ୟାୟ । ହେମନ୍ତ କୁମାର ଘୋଷାଲ, ସୁପ୍ରିୟା ମଲ୍ଲିକ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ରାଜୀବ ଗୋପାଳ ସ୍ୱାଇଁ, ସୀମାଞ୍ଚଳ ଦାସ, ବନମାଳୀ ସେନାପତି ଓ ଆହୁରି ଅନେକ ଗାଳ୍ପିକ । ପତ୍ରିକାରେ ୪୦ ଜଣ ଗାଳ୍ପିକ ସ୍ଥାନ ପାଇଛନ୍ତି । ପତ୍ରିକାରେ ପର୍ଯ୍ୟଟନ, ଲଳିତ ନିବନ୍ଧ, ରମ୍ୟ ରଚନା, ଆତ୍ମଜୀବନୀ, ପ୍ରବନ୍ଧ ସ୍ଥାନ ପାଇଛନ୍ତି । ପୁସ୍ତକ ଆଲୋଚନାରେ ହିମାଂଶୁ ପରିଡ଼ା, ଦୀପିକା ଦାଶ, ନକୁଳ ଚନ୍ଦ୍ର ସାହୁ, ଦେବଦତ୍ତ ରଥ, ସୈରିନ୍ଧ୍ରୀ ସାହୁ, ଡ. ରାଧାରଂଜନ ପଟ୍ଟନାୟକ, ଡ. ଦିଲ୍ଲୀପ ରଥ, ପତିତପାବନ ଗିରି ଓ ପ୍ରଫେସର ବିଷ୍ଣୁପ୍ରିୟା ଓତାଓ୍ୱା ପତ୍ରିକାଟି ସର୍ବାଙ୍ଗ ସୁନ୍ଦର ହୋଇଛି। ଏହା ନିଶ୍ଚିତ ପାଠକୀୟ ଆଦୃତି ଲାଭ କରିବ ବୋଲି ଦୃଢ଼ ଆଶା । ♥



ସୌରଭ

ସମ୍ପାଦକ :
ଇଂ. ସରୋଜ କୁମାର ମହାପାତ୍ର
ଇଂ ପ୍ରଦୀପ କୁମାର ଷଡଙ୍ଗୀ
ସୁଶାନ୍ତ ଦାଶ
ଠିକଣା : ନିଳାଦ୍ରୀ ନିବାସ, ମହାକାଳେଶ୍ୱର ମନ୍ଦିର ପାଖ
୬-ବାପୁଜୀ ନଗର, ବ୍ରହ୍ମପୁର-୭୬୦୦୪
ପୃଷ୍ଠା-୩୮୨, ମୂଲ୍ୟ-୧୧୧/-

ସାହିତ୍ୟ ସଂସ୍କୃତିର ପରିଭାଷା 'ସୌରଭ' ସାହିତ୍ୟ ପତ୍ରିକା ଦୀର୍ଘ ୧୫ ବର୍ଷ ଧରି ବ୍ରହ୍ମପୁରରୁ ଆତ୍ମପ୍ରକାଶ କରୁଛି । ସୌରଭର ଅର୍ଥ ସୁଗନ୍ଧ, ଯାହା ଜନତାକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବାସ୍ନାୟିତ କରେ ଠିକ୍ ସେହିପରି 'ସୌରଭ' ସାହିତ୍ୟରେ ସୁଗନ୍ଧ ବହନ କରି କୋରାପୁଟରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ମହକିତ କରୁଛି । ସାହିତ୍ୟର ସମସ୍ତ ବିଭାଗକୁ ଏକତ୍ରିତ କରି ସୌରଭ ପରିବାର ଚଳିତ ପୂଜାରେ ଏକ ବୃହତ୍ତର କଳେବର ନେଇ ପ୍ରକାଶିତ ହୋଇଛି। ଏହାକୁ ସଂପାଦନା କରିଛନ୍ତି ଇଂ ସରୋଜ କୁମାର ମହାପାତ୍ର, ଇଂ ପ୍ରଦୀପ ଷଡ଼ଙ୍ଗୀ ଓ ବିଶିଷ୍ଟ କବି ଆଲୋଚକ ସୁଶାନ୍ତ ଦାସ। ପତ୍ରିକାର ପୃଷ୍ଠା ସଂଖ୍ୟା- ୩୮୨ । ଏଥିରେ ୪୭ଟି ଗପ, ୧୨୮ଟି କବିତା, ୧୯ଟି ଗୀତି କବିତା, ୧୨ଟି ପ୍ରବନ୍ଧ, କବି ସୁଶାନ୍ତ ଦାସଙ୍କ କବିତାକୁ ନେଇ ଏକ ସ୍ୱତନ୍ତ୍ର ଫିଚର ଓ ୪ଟି ପୁସ୍ତକ ସମୀକ୍ଷା। ସଂପାଦକୀୟରେ କବି ଶ୍ରୀ ଦାଶ ଆଲୋଚନା କରିଛନ୍ତି ମାଆ, କବି ଓ କାଶତଣ୍ଡି ବିଷୟରେ । ନଦୀପଠାରେ କାଶତଣ୍ଡି ଦେଖାଦେଲେ ମାଆ ଆସିବାର ସୂଚନା ମିଳେ ଆଉ କବି ଓ ଲେଖକମାନେ ଶାରଦୀୟ ବିଶେଷାଙ୍କ ଗୁଡ଼ିକରେ ତାଙ୍କର ସୃଷ୍ଟିଗୁଡ଼ିକ ସ୍ଥାନିତ କରି ପାଠକୀୟ ଆଦୃତି ପାଇଁ ଚଳଚଞ୍ଚଳ ହୋଇଉଠନ୍ତି। ସୂଚୀର ପ୍ରଥମରେ କବିତା ପ୍ରଥମ ପର୍ବରେ ସୌଭାଗ୍ୟ କୁମାର ମିଶ୍ରଙ୍କ 'ବାହୁଡ଼ା' କବିତା, ଦ୍ୱିତୀୟରେ ନୃସିଂହ ତ୍ରିପାଠୀଙ୍କ 'ବାଲେଶ୍ୱର ନଈବଢ଼ି ୨୦୨୬' କବିତା ଗତମାସ ଗୁଡ଼ିକରେ ବାଲେଶ୍ୱର ଜିଲ୍ଲାର ଲୋକମାନେ ନଈବଢ଼ି ଦ୍ୱାରା କେତେ ବିପନ୍ନ ହୋଇଛନ୍ତି ତାହା ଦର୍ଶାଇଛନ୍ତି । ଏହା ପରେ ବିପ୍ର ଆଚାର୍ଯ୍ୟଙ୍କ 'ବୁଢ଼ାକାଳେ', 'ବଂଶୀଧର ଷଡ଼ଙ୍ଗୀଙ୍କ 'ଠିକଣା', ସଦାଶିବ ଦାଶଙ୍କ 'ଶବ୍ଦଭେଦ', ଅପର୍ଣ୍ଣା ମହାନ୍ତିଙ୍କ 'ସାରାରାତି', ହୃଷିକେଶ ମଲ୍ଲିକଙ୍କ 'ତୋରି ପାଇଁ', ସୌଭାଗ୍ୟବନ୍ତ ମହାରଣାଙ୍କ 'ଲୁଚକାଳି ଶବ୍ଦ ଓ ନିଶବ୍ଦର' ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'କଟକ ମୁହଁକୁ ଚାହିଁ ଟିକେ ହସି ଦେଲେ ଓ ଆହୁରି ଶତାଧିକ କବିତା । ଗଳ୍ପ ପ୍ରଥମ ପର୍ବରେ ଅଛି ଅନୀଲ କୁମାର ପାଢ଼ୀଙ୍କ ଗପ 'ଭାଗ', ଦ୍ୱିତୀୟ ଗଳ୍ପ 'ଉତ୍ତରାଧିକାରୀ' ତୃତୀୟ ଗଳ୍ପଟି ଜଣେ ସଚ୍ଚୋଟ ଡାକ୍ତରଙ୍କ ସ୍ମୃତିକଥା 'ମାଟି ଉପରେ ବସିଥିବା ମଣିଷ' । ଗାଳ୍ପିକ ଡାକ୍ତର ସରୋଜ କୁମାର ମିଶ୍ର', ଏହାପରେ ଅଛି ପ୍ରମୋଦ କୁମାର ଜେନାଙ୍କ 'କିଏବା ବୁଝେ ତା ମନ' ଆହୁରି ତା' ପରେ ଅଛନ୍ତି ଭାଗ୍ୟଲକ୍ଷ୍ମୀ ମହାରଣା, ପାରମିତା ଷଡ଼ଙ୍ଗୀ, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ପଦ୍ମାଳୟା ପାଢ଼, ପାର୍ଥ ସାରଥୀ ରାଉତ, ଡା. ରାଜେନ୍ଦ୍ର କୁମାର ବେହେରା, ଡ. ବିଜୟ ଚନ୍ଦ୍ର ମହାରଣା, ଓ ଆହୁରି ଅନେକ ଗାଳ୍ପିକ। ପ୍ରବନ୍ଧରେ ଡକ୍ଟର କୃଷ୍ଣପାଣି ସାମନ୍ତ, ଶାନ୍ତନୁ କୁମାର ରଥ, ନିଖିଳାନନ୍ଦ ପାଣିଗ୍ରାହୀ, ଦିଲ୍ଲୀପ କୁମାର ସ୍ୱାଇଁ, ଶରତ କୁମାର ଜେନା, ସଞ୍ଜୟ କୁମାର ପଣ୍ଡା, ବିଜୟଲକ୍ଷ୍ମୀ ଦାଶ ଓ ଅନ୍ୟମାନେ । ପତ୍ରିକାରେ ସବୁଠାରୁ ଆକର୍ଷଣୀୟ ହୋଇଛି କବି ସୁଶାନ୍ତ ଦାଶଙ୍କ କବିତା ବହି, 'ସ୍ୱପ୍ନ ଦେଖିବା ମନା' ଉପରେ ହୋଇଥିବା ଫିଚରଟି । ଏଥିରେ ଆଲୋଚନା କରିଛନ୍ତି କବି ସୁଶାନ୍ତ ନାୟକ, ମନୋରଂଜନ ପାଣିଗ୍ରାହୀ, ସୁରେନ୍ଦ୍ର ପାଣିଗ୍ରାହୀ ରାଜୀବ ପାଣି, ମନୋଜ କୁମାର ପଣ୍ଡା, ରବି ଶତ୍‌ପଥୀ, ପ୍ରସନ୍ନ ସ୍ୱାଇଁ, ସରୋଜ ସାହୁ, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର (ସେଲି), ସୁଚେତା ନନ୍ଦ, ସୁଶ୍ରୀ ନିହାରିକା ସାହୁ, ସୁଶ୍ରୀ ସୁଚେତା ପାଣିଗ୍ରାହୀ । ପତ୍ରିକାର ସୁନ୍ଦର ପରିପାଟୀ ନିଶ୍ଚିତ ଭାବରେ ପାଠକ ମାନଙ୍କୁ ଆସ୍ଥା ଭାଜନ ହେବ ବୋଲି ବିଶ୍ୱାସ । ♥

ସଂପାଦକ : ପରାଗ, ଆଳି, କେନ୍ଦ୍ରାପଡା

ଚିକିତ୍ସା ନୋବେଲ - ୨୦୨୬
ମସ୍ତିଷ୍କର ଅନ୍ଧାରରେ ଆଲୋକର ଶିଖା

ଡା. ରାଜକିଶୋର ପଣ୍ଡା



ବିଶିଷ୍ଟ ଆମେରିକୀୟ ପୁଞ୍ଜିପତି ତଥା ମାଇକ୍ରୋସଫଟ୍‌ର ପ୍ରତିଷ୍ଠାତା ବିଲ ଗେଟସ୍ ମଣିଷର ଶରୀର ବିଷୟରେ କହିଥିଲେ, **"The human body is the most complex system ever created. The more we learn about it, the more appreciation we have about what a rich system it is."** ଏହାର ଅର୍ଥ ମଣିଷ ଶରୀର ପୃଥିବୀର ଜଟିଳତମ ବ୍ୟବସ୍ଥାମାନଙ୍କ ମଧ୍ୟରୁ ଅନ୍ୟତମ। ମସ୍ତିଷ୍କ ହେଉଛି ମନୁଷ୍ୟ ଶରୀରର ସବୁଠାରୁ ପ୍ରମୁଖ ଅଙ୍ଗ। ଏହାକୁ ଆମେ ପ୍ରତିକ୍ଷଣ ବ୍ୟବହାର କରୁଛେ ଜାଣତ ବା ଅଜାଣତରେ। କିନ୍ତୁ ଆଜି ପର୍ଯ୍ୟନ୍ତ ଆମେ ଏହାକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରିନେ। ବିଗତ ଶହେ ବର୍ଷ ମଧ୍ୟରେ ଆମେ ଚନ୍ଦ୍ର ପୃଷ୍ଠରେ ପହଞ୍ଚିପାରିଛେ, ମଙ୍ଗଳର ମୃତ୍ତିକା ଉପରେ ଗବେଷଣା କରୁଛେ, ସାଗରର ଅତଳ ଗର୍ଭର ଖୋଜ ଖବର ନେଉଛେ ଓ ଏପରି ଯନ୍ତ୍ରପାତି ବା ମେସିନ୍‌ର ନିର୍ମାଣ କରିଛେ, ଯିଏ କୋଟି କୋଟି ତଥ୍ୟକୁ ଆଖି ପିଛୁଳାକେ ସଞ୍ଚାଳନ କରିପାରୁଛି। ଏତେଗୁଡ଼ିଏ ଉପଲବ୍ଧି ସତ୍ତ୍ୱେ ଆଜି ମଧ୍ୟ ଗୋଟିଏ ସମସ୍ୟା ଆମ ସମ୍ମୁଖରେ ବିଦ୍ୟମାନ ରହିଛି କି ଯେଉଁ ମସ୍ତିଷ୍କ ବିଶ୍ୱର ଅନନ୍ତ ରହସ୍ୟକୁ ଆମ ପାଇଁ ଖୋଲିଛି, ତା' ନିଜର ରହସ୍ୟକୁ ଆଜି ପର୍ଯ୍ୟନ୍ତ କାହିଁକି ସମ୍ପୂର୍ଣ୍ଣ ଭାବରେ ଉନ୍ମୋଚନ କରାଯାଇପାରିନାହିଁ !

ଆମେ ଭାବୁଛେ କେମିତି ? କାହାର ମୁହଁ ଦେଖିଲେ କିପରି ଭାବରେ ଆମକୁ ସେହି ମୁହଁ ସହ ଜଡ଼ିତ ବହୁ ପୁରୁଣା ସ୍ମୃତି ମନେପଡ଼ିଯାଏ। କୌଣସି ଶବ୍ଦ ବା ଗନ୍ଧ କିପରି ଆମର ପୂର୍ବ କଥାକୁ ତାଜା କରାଇଦିଏ ? ଆହୁରି ମଧ୍ୟ କୌଣସି ବିଚାର କିପରି ଆମ ମସ୍ତିଷ୍କକୁ ସକ୍ରିୟ କରିଦିଏ ? ଏହି ସବୁ ପ୍ରଶ୍ନର ସମାଧାନର ଯାତ୍ରାରେ ବିଜ୍ଞାନ ବର୍ତ୍ତମାନ ଏକ ମହତ୍ତ୍ୱପୂର୍ଣ୍ଣ ଦ୍ୱାର ଉନ୍ମୁକ୍ତ କରିଛି।

୨୦୨୬ ର ନୋବେଲ ପୁରସ୍କାର ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ପ୍ରଦାନ କରାଯାଇଛି ପିଟର ହେଗ୍‌ମ୍ୟାନ, ଜର୍ଜ ନାଗେଲ ଓ କାର୍ଲ ଡିସେରାଥ୍‌ଙ୍କୁ ଅପ୍ଟୋଜେନିଟିକ୍ସ (**Optogenetics**) ରେ ଉଲ୍ଲେଖନୀୟ ଗବେଷଣା ନିମନ୍ତେ। କାର୍ଲ ଡିସେରାଥ୍ ଯେତେବେଳେ ନୋବେଲ ପୁରସ୍କାର ପାଇବା ଖବର ନିଜର ପରିବାର ଆଗରେ ପ୍ରକାଶ କରିଛନ୍ତି, ତାଙ୍କର ଦୁଇ ଝିଅ ଖୁସିରେ ଆତ୍ମହରା ହୋଇ ତାଙ୍କୁ କୁଣ୍ଢାଇ ପକାଇବାର ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହି ବୈଜ୍ଞାନିକମାନେ ଆଲୋକର ସହାୟତାରେ ମସ୍ତିଷ୍କରେ ଥିବା ସ୍ନାୟୁକୋଷ ବା ନ୍ୟୁରନ୍ ମାନଙ୍କର କାର୍ଯ୍ୟପ୍ରଣାଳୀକୁ ନିରୀକ୍ଷଣ ଓ ନିୟନ୍ତ୍ରଣ କରିବା ପାଇଁ ଏକ ଉପାୟ ବାହାର କରିଛନ୍ତି। ଯେଉଁ ବିଭାଗରେ ସେମାନେ ତାଙ୍କର ଗବେଷଣା କରିଛନ୍ତି, ତାହା ହେଉଛି "ଅପଟୋଜେନିଟିକ୍ସ"। ଏଥିରେ ଜେନେଟିକ୍ସ (ଆନୁବଂଶିକ ବିଜ୍ଞାନ) ଓ ଅପ୍‌ଟିକ୍ସ (ଆଲୋକ ବିଜ୍ଞାନ) ର ସମ୍ମିଶ୍ରଣରେ ନିର୍ଦ୍ଦିଷ୍ଟ ପ୍ରକାରର କୋଷ ବା ସେଲ୍ (ପ୍ରାୟତଃ ନ୍ୟୁରନ୍) ମାନଙ୍କ ଉପରେ ଅଧ୍ୟୟନ କରାଯାଇଥାଏ। ଏହି ଅପ୍‌ଟୋଜେନିଟିକ୍ସର ପ୍ରୟୋଗ ବର୍ତ୍ତମାନ ସମୟରେ ସ୍ନାୟୁ ବିଜ୍ଞାନ (**Neuroscience**) ଗବେଷଣା କ୍ଷେତ୍ରରେ ବ୍ୟାପକ ଭାବରେ ହେଉଅଛି। ଏଥିରେ ଆଲୋକ ଚାଳିତ ଏପରି ସ୍ୱିଚ୍ ବିକଶିତ କରାଯାଇଥାଏ ଯାହାକୁ ବ୍ୟବହାର କରି ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ଓ ରୋଗବ୍ୟାଧି ବିଷୟରେ ସମ୍ୟକ ଜ୍ଞାନ ଆହରଣ କରାଯାଇପାରିବ। ତିନି ବୈଜ୍ଞାନିକଙ୍କର ଗବେଷଣା, ହେଗ୍‌ମ୍ୟାନଙ୍କର ସବୁଜ ଶୈବାଳର ଆଲୋକ ଆଡ଼କୁ ଗତି କରିବା ଜନିତ ରହସ୍ୟର ଉଦ୍‌ଘାଟନରୁ ଆରମ୍ଭ ହେଲା। ହେଗ୍‌ମ୍ୟାନ ଙ୍କ ସହ ନାଗେଲ ଯେଉଁ ଦୁଇଜଣ ଥିଲେ ଜର୍ମାନୀର, ଗୋଟିଏ ଏକକୋଷୀୟ ଶୈବାଳ, କ୍ଲାମାଇଡୋମୋନାସ ଉପରେ ଗବେଷଣା ଆରମ୍ଭ କଲେ। ଗବେଷଣାର ବିଷୟବସ୍ତୁ ଥିଲା କିପରି ଏହି ଶୈବାଳ ଆଲୋକକୁ ଅନୁଭବ କରିପାରୁଛି। ଆଲୋକକୁ ଅନୁଭବ କରିବା ଶକ୍ତି କେବଳ ଚକ୍ଷୁ ଥିବା ପ୍ରାଣୀଙ୍କର ଏକଚାଟିଆ ଅଧିକାର ନୁହେଁ। ଜୀବଜଗତର ଅଧିକାଂଶ ପ୍ରାଣୀ ଓ ଉଦ୍ଭିଦଙ୍କର ଆଲୋକକୁ ବାରିବା ଓ ଏହାକୁ ନିଜର ପରିବେଶରେ କୌଣସି ପରିବର୍ତ୍ତନ ପ୍ରକ୍ରିୟାକୁ ଚିହ୍ନଟ କରିବାରେ ପ୍ରୟୋଗ କରିବାର ନିଜ ନିଜର କୌଶଳମାନ ରହିଛି। ଏପରିକି ଏକକୋଷୀୟ ଜୀବମାନଙ୍କଠାରେ ଗୋଟିଏ ବିଶିଷ୍ଟ ପ୍ରକାରର ପ୍ରୋଟିନ ଥାଏ ଆଲୋକକୁ ଅନୁଭବ କରିବା ପାଇଁ। ହେଗ୍‌ମ୍ୟାନ ଓ ନାଗେଲ ଆବିଷ୍କାର କଲେ ଯେ କ୍ଲାମାଇଡୋମୋନାସ୍ ଠାରେ ଗୋଟିଏ ଅତିସୁନ୍ଦର ଓ କାର୍ଯ୍ୟଦକ୍ଷ ବ୍ୟବସ୍ଥା ଅଛି ଆଲୋକକୁ ଗ୍ରହଣ କରିବା ପାଇଁ ଯାହାକି ଗୋଟିଏ ପ୍ରୋଟିନ୍ ଉପରେ ନିର୍ଭରଶୀଳ। ଏହି ପ୍ରୋଟିନର ନାମ ହେଉଛି "ଚ୍ୟାନେଲ୍ ରୋଡୋପ୍‌ସିନ"।

"ଚ୍ୟାନେଲ ରୋଡୋପ୍‌ସିନ" ଥାଏ କ୍ଲାମାଇଡୋମୋନାସ୍‌ର ବାହ୍ୟ ଝିଲ୍ଲୀ (**Outermembrane**) ରେ। ଏହି ପ୍ରୋଟିନର ଅଧା ଅଂଶ ଶୈବାଳଟିର କୋଷ ବାହାରେ ଥିବା ପାଣି ଆଡ଼କୁ ଥାଏ ଓ ବାକି ଅଧା ଭିତରକୁ ଥାଏ। ଏହି ପ୍ରୋଟିନରେ ଗୋଟିଏ କ୍ଷୁଦ୍ର ରସାୟନ ମଧ୍ୟ ଅଛି ଯାହାକୁ କୁହାଯାଏ "ରେଟିନାଲ ଡିହାଇଡ୍"। ଏହି ରସାୟନଟି ହିଁ ଆଲୋକକୁ ଗ୍ରହଣ (**Absorb**) କରିଥାଏ।

ଯେତେବେଳେ ଆଲୋକ ରେଟିନାଲ ଡିହାଇଡକୁ ସ୍ପର୍ଶ କରେ ସେତେବେଳେ ଏହାର ଆକାର ପରିବର୍ତ୍ତନ ହୋଇଥାଏ, ଫଳରେ ଚ୍ୟାନେଲ ରୋଡୋପ୍‌ସିନ୍‌ର ଆକାର ମଧ୍ୟ ବଦଳିଥାଏ। ଏହି ପରିବର୍ତ୍ତନ ହେତୁ କୋଷୀୟ ଝିଲ୍ଲୀରେ ଗୋଟିଏ କ୍ଷୁଦ୍ର ଛିଦ୍ରର ସୃଷ୍ଟି ହୁଏ। ଏହି ଛିଦ୍ର ଯୋଗେଁ ଧନାତ୍ମକ ଚାର୍ଜଯୁକ୍ତ କଣିକା (**Positively charged particle**) ଯେପରିକି ସୋଡିୟମ୍, ଶୈବାଳର ବାହାରେ ଥିବା ପାଣିରୁ ଏହାର କୋଷ ଭିତରକୁ ଯାଏ। ଏହି ପ୍ରକ୍ରିୟାଟି ହିଁ ଗୋଟିଏ ପ୍ରକାରର ସଙ୍କେତ (**Signal**) ସୃଷ୍ଟି କରିଥାଏ ଯାହା ସହାୟତା କରେ ଶୈବାଳଟିକୁ ପହଁରିବା ପାଇଁ।

ପ୍ରକୃତରେ ଶୈବାଳର ଏହି ରହସ୍ୟର ଉନ୍ମୋଚନ ଏକ ଉଲ୍ଲେଖନୀୟ କାର୍ଯ୍ୟ। କିନ୍ତୁ ଏହାକୁ କ'ଣ ପାଇଁ ନୋବେଲ ପୁରସ୍କାର ଦିଆଯିବ ? ଏହାର ଉତ୍ତର ନିହିତ ଅଛି ସ୍ନାୟୁକୋଷର କାର୍ଯ୍ୟ କରିବାର ପଦ୍ଧତିରେ। ସ୍ନାୟୁକୋଷର କାର୍ଯ୍ୟକଳାପ ମୁଖ୍ୟତଃ ନିୟନ୍ତ୍ରିତ ହୋଇଥାଏ, ସେମାନଙ୍କ ଝିଲ୍ଲୀରେ ଚାର୍ଜଯୁକ୍ତ କଣିକାର ଗତିଶୀଳତା ଦ୍ୱାରା। ଯେତେବେଳେ ଧନାତ୍ମକ ଚାର୍ଜଯୁକ୍ତ କଣିକା ସ୍ନାୟୁକୋଷ ମଧ୍ୟକୁ ଗତି କରନ୍ତି, ସେତେବେଳେ ସ୍ନାୟୁକୋଷଗୁଡ଼ିକ ସକ୍ରିୟ ହୁଅନ୍ତି। ଗବେଷକମାନେ ଚିନ୍ତା କଲେ କି ଯଦି ଚ୍ୟାନେଲ ରୋଡୋପ୍‌ସିନ ପ୍ରୋଟିନକୁ ସ୍ନାୟୁ କୋଷମାନଙ୍କରେ ସ୍ଥାପନ କରାଯାଏ, ତେବେ ହୁଏତ ସେମାନେ ସମ୍ପୃକ୍ତ କୋଷଗୁଡ଼ିକୁ ସ୍ୱିଚ୍ ଅନ୍ ବା ସକ୍ରିୟ କରିପାରିବେ ଆଲୋକର ପ୍ରୟୋଗ ଦ୍ୱାରା। ଏହାକୁ ହିଁ ପ୍ରକୃତ ପକ୍ଷରେ କରିଛନ୍ତି, "ହେଗ୍‌ମ୍ୟାନ୍", "ନାଗେଲ" ଓ "କାର୍ଲ ଡିସେରାଥ୍"।

ଡିସେରାଥ୍ ଏକାଧାରରେ ଜଣେ ମାନସିକ ରୋଗ ବିଶେଷଜ୍ଞ ଓ ବାୟୋ ମେଡିକାଲ ଇଞ୍ଜିନିୟର। ତାଙ୍କୁ "ଅପଟୋଜେନିଟିକ୍ସ"ର ପିତା (**Father of Optogenetics**) ବୋଲି ମଧ୍ୟ କୁହାଯାଏ।

ସ୍ନାୟୁକୋଷକୁ ଆଲୋକ ପ୍ରୟୋଗ କରି ସ୍ୱିଚ୍ ଅନ୍ ବା ସକ୍ରିୟ କରିବା:

ସ୍ନାୟୁକୋଷକୁ ଆଲୋକ ଦ୍ୱାରା ନିୟନ୍ତ୍ରଣ କରିବାକୁ କୁହାଯାଏ 'ଅପ୍‌ଟୋଜେନିଟିକ୍ସ'। ଏହା ଗୋଟିଏ ଶକ୍ତିଶାଳୀ ମାଧ୍ୟମ ପାଲଟିଛି କାରଣ ଏହାକୁ ପ୍ରୟୋଗ କରି ବୈଜ୍ଞାନିକମାନେ ସେମାନଙ୍କର ଇଚ୍ଛାନୁସାରେ ନିର୍ଦ୍ଦିଷ୍ଟ ସ୍ନାୟୁ କୋଷକୁ ସକ୍ରିୟ ବା ନିଷ୍କ୍ରିୟ କରିପାରିବେ ଏବଂ ଏହାର ଫଳାଫଳକୁ ପରୀକ୍ଷା କରିପାରିବେ। ମସ୍ତିଷ୍କର ଜଟିଳ ବ୍ୟବସ୍ଥା ମଧ୍ୟରେ କୌଣସି ଗୋଟିଏ ସ୍ନାୟୁକୋଷ ବା ସ୍ନାୟୁକୋଷ ଗୋଷ୍ଠୀର ପ୍ରକୃତ କାର୍ଯ୍ୟକୁ ଅଲଗା କରି ବୁଝିବା ଆଜି ପର୍ଯ୍ୟନ୍ତ ଅତ୍ୟନ୍ତ କଠିନ ଥିଲା। ଏହି ପରିସ୍ଥିତିରେ ହିଁ ନୋବେଲ ପୁରସ୍କାର ଜିତିଥିବା ତିନି ଗବେଷକଙ୍କର କାର୍ଯ୍ୟର ଉପଯୋଗିତା ଅନୁଭୂତ ହେଉଛି।

ପ୍ରଥମେ ବୈଜ୍ଞାନିକମାନଙ୍କୁ ସେମାନେ ଯେଉଁ ନିର୍ଦ୍ଦିଷ୍ଟ ସ୍ନାୟୁକୋଷକୁ ଅଧ୍ୟୟନ କରିବା ପାଇଁ ଇଚ୍ଛୁକ ସେହି କୋଷରେ ଚ୍ୟାନେଲ୍ ରୋଡୋପ୍‌ସିନ୍ ଜିନ ସ୍ଥାପନ କରିବା ପାଇଁ ପଡ଼ିବ।

ଏହି ଜିନ୍‌କୁ ସମ୍ପୃକ୍ତ କୋଷମାନଙ୍କରେ ସ୍ଥାପନ କରିଥାଏ ଗୋଟିଏ ଭାଇରସ୍। ଭାଇରସ୍‌ଟିକୁ ଏପରି ଭାବରେ ପରିବର୍ତ୍ତନ କରାଯାଇଥାଏ ଯେମିତି ସେ କୌଣସି ରୋଗ ସୃଷ୍ଟି କରିପାରିବ ନାହିଁ। ଏହାପରେ ସ୍ନାୟୁକୋଷଗୁଡ଼ିକ ଚ୍ୟାନେଲ ରୋଡୋପସିନ୍ ପ୍ରୋଟିନ୍‌ର ନିର୍ମାଣ କରିଥାନ୍ତି, ଯାହାକି ତାଙ୍କୁ ଆଲୋକ ପ୍ରତି ସକ୍ରିୟତା ଦେଇଥାଏ।

ମୂଷା ଭଳି ପ୍ରାଣୀମାନଙ୍କ କ୍ଷେତ୍ରରେ ବୈଜ୍ଞାନିକମାନେ ସ୍ନାୟୁକୋଷରେ ଆଲୋକ ପ୍ରୟୋଗ କରିବା ପାଇଁ ସୂକ୍ଷ୍ମ ଅପଟିକାଲ ଫାଇବରର ପ୍ରୟୋଗ କରିଥାନ୍ତି। ଯେତେବେଳେ ଆଲୋକ ସମ୍ପୃକ୍ତ କୋଷରେ ପହଞ୍ଚେ ଚ୍ୟାନେଲ ରୋଡୋପ୍‌ସିନ୍ ସକ୍ରିୟ ହୁଏ। ଏହି ହେତୁ କୋଷ ମଧ୍ୟ ସକ୍ରିୟ ହୁଏ। ପାଖରେ ଥିବା ଅନ୍ୟ ସ୍ନାୟୁ କୋଷଗୁଡ଼ିକ ଯାହା ମଧ୍ୟରେ ଚ୍ୟାନେଲ୍ ରୋଡୋପ୍‌ସିନ ନଥାଏ ଆଲୋକ ଦ୍ୱାରା ସକ୍ରିୟ ହୁଅନ୍ତି ନାହିଁ।

ଆଲୋକକୁ ମସ୍ତିଷ୍କର ଅତି କ୍ଷୁଦ୍ର ଅଂଶ ପ୍ରତି ଲକ୍ଷ୍ୟ କରି ପ୍ରୟୋଗ କରାଯାଇପାରିବ ଓ ତୁରନ୍ତ ଏହି ପ୍ରୟୋଗକୁ ବନ୍ଦ ମଧ୍ୟ କରିଦିଆଯାଇ ପାରିବ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

ବାରିପଦା କଲେଜରେ ବିଜ୍ଞାନ ପ୍ରଦର୍ଶନୀ: ନିଜ ପ୍ରତିଭା ଓ ନବସୃଜନର ଝଲକ ଦେଖାଇଲେ ୨୮ଟି କଲେଜର ଛାତ୍ରଛାତ୍ରୀ

ବାରିପଦା, ୩୧/୧୦ (ନି.ପ୍ର): ବିଜ୍ଞାନ ହେଉଛି ଜ୍ଞାନ, ଗବେଷଣା ଓ ନବସୃଜନର ଏକ ଅସୀମ ଦୁନିଆ। ଏହି ଦୁନିଆରେ ନୂଆ ନୂଆ ପରିକଳ୍ପନା ଓ ଉଦ୍ଭାବନ ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି ଛାତ୍ରଛାତ୍ରୀ। ମୟୂରଭଞ୍ଜ ଜିଲ୍ଲାର ବାରିପଦାସ୍ଥିତ ବାରିପଦା କଲେଜ ପରିସରରେ ଆୟୋଜିତ ଏକ ବିଜ୍ଞାନ ପ୍ରଦର୍ଶନୀରେ ଚାରିଟି ଜିଲ୍ଲାର ୨୮ଟି କଲେଜର ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜର ବୈଜ୍ଞାନିକ ଚିନ୍ତାଧାରା, ଗବେଷଣା ଓ ସୃଜନଶୀଳତାର ପରିଚୟ ଦେଇଥିଲେ।ଏହି ପ୍ରଦର୍ଶନୀରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ କଲେଜରୁ ଆସିଥିବା ଛାତ୍ରଛାତ୍ରୀ ନିଜ ନିଜର ପ୍ରସ୍ତୁତ ବିଜ୍ଞାନଭିତ୍ତିକ ମଡେଲ ଓ



ଅଭିନବ ପରିକଳ୍ପନା ପ୍ରଦର୍ଶିତ କରିଥିଲେ। ବିଜ୍ଞାନର ବିଭିନ୍ନ ଦିଗକୁ ଆଧାର କରି ପ୍ରସ୍ତୁତ ଏହି ମଡେଲଗୁଡ଼ିକ ଦର୍ଶକଙ୍କ ମନ ଆକର୍ଷଣ କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ନୂତନ ଚିନ୍ତାଧାରା ଓ ଉଦ୍ଭାବନ ଉପସ୍ଥିତ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମ୍.ଏସ୍.ସି.ବି.) ବିଶ୍ୱବିଦ୍ୟାଳୟର ଉପ କୁଳପତି ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବୈଜ୍ଞାନିକ ନୀଳାଦ୍ରି ରାୟ ଉପସ୍ଥିତ ଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ମୃଣ୍ମୟ କୁମାର ଗିରି, ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରାଜେଶ କୁମାର ଷଡ଼ଙ୍ଗୀ ଏବଂ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ପ୍ରବୋଧ କୁମାର ଦେଓ ଯୋଗଦେଇଥିଲେ। ଅତିଥିମାନେ ପ୍ରଦର୍ଶନୀରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବିଜ୍ଞାନ ମଡେଲ ଓ ନୂତନ ପରିକଳ୍ପନାଗୁଡ଼ିକୁ ଦେଖିବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ। ବିଜ୍ଞାନ କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନରହି ଏହାକୁ ବ୍ୟବହାରିକ ଜୀବନରେ ପ୍ରୟୋଗ କରିବା, ଗବେଷଣାମନସ୍କ ହେବା ଏବଂ ନୂତନ ଉଦ୍ଭାବନ ପ୍ରତି ଆଗ୍ରହ ବଢ଼ାଇବା ଦିଗରେ ଏଭଳି ପ୍ରଦର୍ଶନୀର ଗୁରୁତ୍ୱ ରହିଛି ବୋଲି ମତ ପ୍ରକାଶ ପାଇଥିଲା।ଏଭଳି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ଗବେଷଣା ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ସହ ଭବିଷ୍ୟତରେ ନୂତନ ବୈଜ୍ଞାନିକ ଓ ଉଦ୍ଭାବକ ସୃଷ୍ଟି କରିବାରେ ସହାୟକ ହେବ। ଚାରିଟି ଜିଲ୍ଲାର ୨୮ଟି କଲେଜର ଛାତ୍ରଛାତ୍ରୀଙ୍କ ଏହି ମିଳନ ଓ ବିଜ୍ଞାନଭିତ୍ତିକ ପ୍ରତିଭା ପ୍ରଦର୍ଶନ ବାରିପଦା କଲେଜ ପରିସରକୁ ଏକ ବିଜ୍ଞାନ ଓ ନବସୃଜନର ମଞ୍ଚରେ ପରିଣତ କରିଥିଲା।

ଚିକିତ୍ସା ନୋବେଲ - ୨୦୨୬...

(ପୃଷ୍ଠା୬ର ଅବଶିଷ୍ଟ)

ଏହା ହିଁ ଅପଟୋଜେନିଟିକ୍ସକୁ ଏକ ପ୍ରଭାବଶାଳୀ ପଦ୍ଧତିରେ ପରିଣତ କରିଛି, ଅନୁସନ୍ଧାନ କରିବା ପାଇଁ ଯେ କିପରି ମସ୍ତିଷ୍କ କାମ କରୁଛି।

ଉଦାହରଣ ସ୍ୱରୂପ ଯଦି ବୈଜ୍ଞାନିକମାନେ ଜାଣିବା ପାଇଁ ଚାହାନ୍ତି ଯେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ନାୟୁକୋଷ ସମୂହ ନିଦ୍ରା, ସ୍ମରଣ ଶକ୍ତି ବା ଗତିଶୀଳତା ସହିତ ସମ୍ପୃକ୍ତ ଅଛି କି ନାହିଁ ତେବେ ସେମାନେ ସେହି କୋଷକୁ ଆଲୋକ ପ୍ରୟୋଗ କରି ସକ୍ରିୟ କରିବା ସହିତ ନିରୀକ୍ଷଣ କରିପାରିବେ।

୨୦୧୨ ମସିହାରେ ମାସାଚୁଟେସ୍ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜୀରେ ଗୋଟିଏ ଗବେଷକ ଦଳ ମୂଷାମାନଙ୍କ ଉପରେ ଗୋଟିଏ ପରୀକ୍ଷା କରିଥିଲେ। ସେମାନେ ମୂଷାମାନଙ୍କୁ ମଧ୍ୟମ ଧରଣର ବିଦ୍ୟୁତ୍ ଆଘାତ ଦେଇଥିଲେ ଓ ଅପଟୋଜେନିଟିକସ୍ ଜରିଆରେ ମୂଷାମାନଙ୍କର ମସ୍ତିଷ୍କରେ ଥିବା ସେହି ସ୍ନାୟୁକୋଷଟିକୁ ଚିହ୍ନଟ କରିଥିଲେ, ଯାହା ପରୀକ୍ଷଣ ସମୟରେ ସକ୍ରିୟ ଥିଲା। କିଛି ଦିନପରେ ଗବେଷକ ଦଳ ପୁନର୍ବାର ସେହି ମୂଷାମାନଙ୍କର ପୂର୍ବରୁ ଚିହ୍ନଟ ହୋଇଥିବା ସ୍ନାୟୁକୋଷକୁ ଆଲୋକଦ୍ୱାରା ସକ୍ରିୟ କଲେ। ଏହାଦ୍ୱାରା ମୂଷାମାନେ ଏପରି ଭୟଭୀତ ହେଲେ ଯେପରି ସେମାନେ ବିଦ୍ୟୁତ୍ ଆଘାତକୁ ମନେ ରଖିଛନ୍ତି। ଅପ୍ଟୋଜେନିଟିକସ୍ ବର୍ତ୍ତମାନ ସମୟରେ ମସ୍ତିଷ୍କ ଓ ସ୍ନାୟୁତନ୍ତ୍ର ବିଷୟରେ ବୈଜ୍ଞାନିକମାନଙ୍କର ଗବେଷଣା କ୍ଷମତାକୁ ବହୁ ମାତ୍ରାରେ ପରିବର୍ତ୍ତିତ କରିପାରିଛି। ଏହାକୁ ଭବିଷ୍ୟତରେ ଏକ ଚିକିତ୍ସା ପ୍ରଣାଳୀ ଭାବରେ ମଧ୍ୟ ବ୍ୟବହାର କରାଯିବାର ସମ୍ଭାବନା ରହିଛି। ଏହାକୁ ବର୍ତ୍ତମାନ ପ୍ରାଥମିକ ସ୍ତରରେ କ୍ଲିନିକାଲ ଟ୍ରାଏଲ ପର୍ଯ୍ୟାୟରେ ରଖାଯାଇଛି ରେଟିନା ସମ୍ବନ୍ଧୀୟ ରୋଗର ଚିକିତ୍ସା ପଦ୍ଧତି ପାଇଁ।

ଅପ୍ଟୋଜେନିଟିକସ୍କୁ ପାର୍କିନସନ୍ ଓ ଏପିଲେପ୍ସି ଭଳି ସ୍ନାୟୁଜନିତ ରୋଗର ଚିକିତ୍ସାରେ ବ୍ୟବହାର କରାଯାଇପାରିବ କି ନାହିଁ, ବର୍ତ୍ତମାନ ବୈଜ୍ଞାନିକମାନେ ତାହା ଉପରେ ଗବେଷଣା କରୁଛନ୍ତି।

ଚଳିତ ବର୍ଷର ନୋବେଲ ପୁରସ୍କାର ଚିକିତ୍ସାରେ ସେହି ଗବେଷଣାକୁ ଦିଆଯାଇଛି, ଯାହା ଗୋଟିଏ ସାଧାରଣ ପ୍ରଶ୍ନରୁ ଆରମ୍ଭ ହୋଇଥିଲା। କିପରି କ୍ଲାମାଇଡୋମୋନାସ ଆଲୋକ ଆଡ଼କୁ ଗତି କରିଥାଏ? ଏହି ପ୍ରଶ୍ନଟିର କୌଣସି ବ୍ୟାବହାରିକ ମହତ୍ତ୍ୱ ନାହିଁ। ଏହା ମଧ୍ୟ ମନୁଷ୍ୟ ସ୍ୱାସ୍ଥ୍ୟର କୌଣସି ଜରୁରୀକାଳୀନ ପ୍ରସଙ୍ଗକୁ ଇଙ୍ଗିତ କରୁନାହିଁ। ବରଂ ଅପ୍ଟୋଜେନିଟିକସ୍ର ସଫଳତା ଆମକୁ ଶିକ୍ଷା ଦେଉଛି କି ଆମେ ଆମର ଚତୁଃପାର୍ଶ୍ୱକୁ ବୁଝିବା ପାଇଁ ସଦାସର୍ବଦା ପ୍ରଶ୍ନ ପଚାରିବା ଆବଶ୍ୟକ କାରଣ ଏହା ଅନୁମାନ କରିବା ଅସମ୍ଭବ ଯେ ଜ୍ଞାନ ଆମକୁ କେତେବେଳେ କେଉଁ ଆଡ଼େ ନେଇ ପହଞ୍ଚାଇବ।

ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ଜେଏସ୍ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ନୋଲିଆସାହି ଗ୍ରାମରେ କଂକ୍ରିଟ୍ ରାସ୍ତାର ଶିଳାନ୍ୟାସ

ପାରାଦୀପ, ୩୧/୧୦ (ନି.ପ୍ର): ଜେଏସ୍ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ କମ୍ପାନୀ ଏବଂ ଜେଏସ୍?ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଗ୍ରାମୀଣ ଭିତ୍ତିଭୂମିର ବିକାଶ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି।



ସ୍ଥାନୀୟ ଅଞ୍ଚଳର ଦୀର୍ଘଦିନର ଏକ ମୌଳିକ ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୋଲିଆସାହି ଗ୍ରାମରେ ୨୯୦ ମିଟର ଲମ୍ବ ଓ ୧୨ ଫୁଟ୍ ପ୍ରସ୍ଥ ବିଶିଷ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଜେଏସ୍ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଏବଂ ଜେଏସ୍?ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଶିଳାନ୍ୟାସ ଉତ୍ସବ ଆୟୋଜନ କରାଯାଇଥିଲା। ଏହି ରାସ୍ତା ଗଙ୍ଗାମାତା ମନ୍ଦିରଠାରୁ ଗ୍ରାମର ଶ୍ମଶାନ ପର୍ଯ୍ୟନ୍ତ ସଂଯୋଗ ସ୍ଥାପନ କରିବ। ଦୀର୍ଘଦିନ ଧରି ଶ୍ମଶାନକୁ ଯିବା ପାଇଁ ଗ୍ରାମବାସୀମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇଆସୁଥିଲେ। ବିଶେଷକରି ବର୍ଷା ଋତୁରେ ରାସ୍ତାରେ ଜଳବନ୍ଦୀ, କାଦୁଅ ଓ ଅସମତଳ ପଥ ଯୋଗୁଁ ଯାତାୟାତ ଅତ୍ୟନ୍ତ କଷ୍ଟକର ହୋଇପଡୁଥିଲା। ଏହି କଂକ୍ରିଟ୍ ରାସ୍ତା ନିର୍ମାଣ ଦ୍ୱାରା ସବୁ ଋତୁରେ ଯାତାୟାତ ସୁବିଧାଜନକ ହେବା ସହ ଗ୍ରାମବାସୀମାନେ ସୁରକ୍ଷିତ ଓ ସହଜରେ ଶ୍ମଶାନରେ ପହଞ୍ଚିପାରିବେ। ଏହାଦ୍ୱାରା ଅନ୍ତିମ ସଂସ୍କାର ଭଳି ଏକ ସମ୍ବେଦନଶୀଳ ସମୟରେ ଗ୍ରାମବାସୀଙ୍କୁ ସମ୍ମାନଜନକ ଓ ସୁବିଧାଜନକ ପରିବେଶ ମିଳିପାରିବ।

ଏହି ଶିଳାନ୍ୟାସ ଉତ୍ସବରେ ଜେଏସ୍ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍, ପାରାଦୀପର ଉପସଭାପତି ମନୋଜ ସିଂହ, ଆସୋସିଏଟ୍ ଉପସଭାପତି ମିତ୍ରଭାନୁ ଚୌଧୁରୀ ଏବଂ ଜେଏସ୍ଡବ୍ଲ୍ୟୁ ଫାଉଣ୍ଡେସନ୍, ପାରାଦୀପର ସିଏସ୍ଆର୍ ମୁଖ୍ୟ ଅଭିଜିତ ମହାନ୍ତି ଉପସ୍ଥିତ ଥିଲେ। ଏହାସହ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ସମାଜସେବୀ ଓ ସ୍ଥାନୀୟ ପ୍ରତିନିଧି ଯଦୁନାଥ ଖଟୁଆ, ସମ୍ପଦ ବାରିକ, କିଶୋରଲାଲ ବେହେରା ଏବଂ ଦିବ୍ୟପ୍ରକାଶ ବେହେରାଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ରହିଥିଲେ। ଏହି ପଦକ୍ଷେପ ଜେଏସ୍ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେଏସ୍ଡବ୍ଲ୍ୟୁ ଫାଉଣ୍ଡେସନ୍ର ସମାଜ କଲ୍ୟାଣ, ଗ୍ରାମୀଣ ଭିତ୍ତିଭୂମିର ବିକାଶ ଏବଂ ସମାବେଶୀ ଅଭିବୃଦ୍ଧି ପ୍ରତି ରହିଥିବା ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏଭଳି ଜନହିତକର ପଦକ୍ଷେପ ମାଧ୍ୟମରେ ଉଭୟ ସଂସ୍ଥା ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ପୂରଣ, ସମ୍ପ୍ରଦାୟ ସହ ସୁଦୃଢ଼ ସମ୍ପର୍କ ସ୍ଥାପନ ଏବଂ ଆଖପାଖ ଗ୍ରାମଗୁଡ଼ିକର ସ୍ଥାୟୀ ବିକାଶରେ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛନ୍ତି।

ଉଦଳାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ

ଉଦଳା, ୩୧/୧୦ (ନି.ପ୍ର): ଉଦଳା ଠାରେ କଂଗ୍ରେସ ଦଳ ତରଫରୁ ଆଜି ଅକ୍ଟୋବର ୩୧ ତାରିଖ ଶନିବାର ଦିନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ୪୨ତମ ଶ୍ରାଦ୍ଧ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ସାଧାରଣ ସଭାର ପର୍ବ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପରିସରରେ ଥିବା ଇନ୍ଦିରାଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ଦଳର ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ପ୍ରଭାତରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହାପରେ ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ନାରାୟଣ ପଟ୍ଟନାୟକ, ଅଧ୍ୟାପକ ବିବେକାନନ୍ଦ ଦାସବାବୁ, କ୍ଷୀରୋଦ ମହାନ୍ତି, ନଳିନି ପଟନାୟକ, ସେକକାଲାମୁଦ୍ଦିନ, ସଂଜିବ ମହାନ୍ତି. ଯୋଗେନ୍ଦ୍ର ବାରଶାଳିଆ ପ୍ରମୁଖ ଅଂଶ ଗ୍ରହଣ କରି ପାକିସ୍ଥାନ ଠାରୁ ପୂର୍ବ ପାକିସ୍ଥାନ ଯାହାକୁ ବାଂଲାଦେଶ ବୋଲି କୁହାଯାଉଛି ଅଲଗା କରି ଦେଶକୁ ସୁରକ୍ଷିତ ରଖିବାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଅଧାପିକା ମଂଜୁଳା କଲିଆ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ।

ପାରାଦୀପ ବନ୍ଦର ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ ପାଳିତ ଓ ଏକତା ପାଇଁ ଗଣଦୌଡ

ପାରାଦୀପ, ୩୧/୧୦ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକକୁ ମନେ ପକେଇ ତାଙ୍କ ତ୍ୟାଗ ଦେଶବାସୀଙ୍କ ମଧ୍ୟରେ ଜାଗ୍ରତ କରିବା ପାଇଁ ସମଗ୍ର ଦେଶବାସୀ ଗର୍ବର ସହିତ ଏହି ଦିବସକୁ ପାଳନ କରିଥାନ୍ତି। ପାରାଦୀପ ବନ୍ଦର ପକ୍ଷରୁ ଏହି ଅବସରରେ ଏକତା ପାଇଁ ଗଣଦୌଡ ଆୟୋଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବନ୍ଦର ଉପାଧକ୍ଷ ଟି.ଭେନୁ



ଗୋପାଲ ଯୋଗ ଦେଇ ଆଧୁନିକ ଭାରତ ଗଠନ ପାଇଁ ବିଭିନ୍ନ ରାଜ୍ୟଗୁଡିକୁ ଏକତ୍ର କରିବା ପାଇଁ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ପରେ ଏକତା ପାଇଁ ଗଣଦୌଡକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅର୍ଥପରାମର୍ଶଦାତା ଅଶୋକ କୁମାର ସାହୁ, ବିଭିନ୍ନ ବିଭାଗୀୟମୁଖ୍ୟ, ଅଧିକାରୀ, କର୍ମଚାରୀ, ସିଆଇଏସଏଫ କର୍ମଚାରୀ ଏକତା ଦିବସର ଶପଥ ପାଠ କରିଥିଲେ।

ପଳସା ସମବାୟ ସମିତିର ପୂର୍ବତନ ସଭାପତିଙ୍କ ସ୍ମୃତିସଭା

ଖଇରା, ୩୧/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସା ସେବା ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ଗୋବିନ୍ଦ ବଲ୍ଲଭ ଜେନାଙ୍କ ଏକ ବର୍ଷ ପୂର୍ତ୍ତୀ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଶନିବାର ଦିନ ଅର୍ଜୁନପୁର ଗ୍ରାମରେ ଆଇନଜିବୀ ଚତୁର୍ଭୁଜ ଜେନା ଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଥମେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ୧ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି କମଳଲୋଚନ ଜେନା,ନିହାର ରଞ୍ଜନ ଜେନା,ବିଏଲଓ ରବିନାରାୟଣ ମହାରଣା,ସୁଣ୍ଡିରା ପଞ୍ଚାୟତ ସମିତିସଭ୍ୟ ନଳିନୀ କୁମାର ସାହୁ,ଅନିରୁଦ୍ଧ ଜେନା, ଗଣମାଧ୍ୟମ ପ୍ରତିନିଧି ଅନାମ ଚରଣ ପଣ୍ଡା, କୈଳାସ ଚନ୍ଦ୍ର ଦାସ, ଉତ୍କଳବନ୍ଧୁ ପଣ୍ଡା,ବଳରାମ ଲେଙ୍କା,ସଞ୍ଜୟ ବେହେରା, ତୁଷାରକାନ୍ତ ବାରିକ, ଅନାଦି ଚରଣ ନାୟକ, ରବିନ୍ଦ୍ର ବିଶ୍ୱାଳ, ବସନ୍ତ କୁମାର ବେଜ,ରଘୁନାଥ ପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଜେନାଙ୍କ ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ।

ରଘୁନାଥ ହାଇସ୍କୁଲରେ ରାଷ୍ଟ୍ରୀୟ ଏକତା ଦିବସର ଐକ୍ୟ ରକ୍ଷା ପାଇଁ ଶପଥ

ବୈଶିଙ୍ଗା, ୩୧/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ରଘୁନାଥ ଉଚ୍ଚ ବିଦ୍ୟାଳୟ ରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇ ଯାଇଛି। ସ୍ୱାଧୀନ ଭାରତର ପ୍ରଥମ ଉପ ପ୍ରଧାନ ମନ୍ତ୍ରୀ ତଥା ଗୃହ ମନ୍ତ୍ରୀ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ୧୫୧ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଏକତା ନିମନ୍ତେ ଶପଥ ପାଠ କରାଯାଇ ଥିଲା। ରାଷ୍ଟ୍ରର ଏକତା, ଅଖଣ୍ଡତା ତଥା ସୁରକ୍ଷା କୁ ବଜାୟ ରଖିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହିତ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ନିଜର ଯୋଗଦାନ ଦେବାକୁ ଶପଥ ନେଇଥିଲେ ବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ବୃନ୍ଦ। ଏହା ପରେ ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନାଙ୍କ ପୌରାହିତ୍ୟ ରେ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରୀ ଯୋଗ ଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ଜୀବନ ଆଦର୍ଶ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀ ଅତୁଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଲୌହ ମାନବଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ଦେଶ ମାତୃକାର ସେବାରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ପରାମର୍ଶ ଦେଇ ଥିଲେ। ବରିଷ୍ଠ ଶିକ୍ଷକ ରାଜକିଶୋର ଦାସ, ନିରଞ୍ଜନ ବାରିକ, ବଂଶୀଧର ଗିରି, ତରଣିକାନ୍ତ ମହାନ୍ତ, ହରେକୃଷ୍ଣ ମହାନ୍ତ, ଭାଗ୍ୟଶ୍ରୀ ମହାନ୍ତ ଓ ଶୁଭବନ୍ତ ନାୟକ ମଂଚାସୀନ ହୋଇ ସାରଗର୍ଭକ ଅଭିଭାଷଣ ରଖିଥିଲେ। 'ଏକ ଭାରତ, ଶ୍ରେଷ୍ଠ ଭାରତ' -ବିଷୟବସ୍ତୁ ଉପରେ ଅନୁଷ୍ଠିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇଥିଲା। ନବମ ଶ୍ରେଣୀ ଛାତ୍ରୀ ମାଧୁରିମା ମହାନ୍ତି ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀ ଛାତ୍ରୀ ତନ୍ମୟା ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଛାୟା ସଂସଦରେ...

ସେ କରିଥିବା ଅପରାଧିକ କାର୍ଯ୍ୟକଳାପରୁ ତାଙ୍କୁ ସୁରକ୍ଷା ଦେବା ପାଇଁ ହୋଇଛି। ତେଣୁ ସିଇସି ଜ୍ଞାନେଶ କୁମାରଙ୍କୁ ତତ୍କାଳ ଭାବେ ବରଖାସ୍ତ କରାଯାଉ। ଇଣ୍ଡିଆ ବ୍ଲକର ସାଂସଦମାନେ ଦେଶର ୬୦% ଲୋକଙ୍କୁ ପ୍ରତିନିଧିତ୍ୱ କରନ୍ତି। ଏହାବାଦ ଏହି କାର୍ଯ୍ୟକ୍ରମରେ ଅନେକ ସାମାଜିକ ସଂଗଠନ ମଧ୍ୟ ସାମିଲ ହୋଇଛନ୍ତି। ସମସ୍ତେ ମିଳିତ ଭାବେ ସଂକଳ୍ପ ନେଇଛନ୍ତି ଯେ ଭାରତର ଲୋକଙ୍କ ସହ ଏପରି ଘୋର ବିଶ୍ୱାସଘାତକତା ପାଇଁ ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଚାଲିବା ଦରକାର।" ବିଜେପିକୁ ବିରୋଧ କରୁଥିବା ଭୋଟରଙ୍କ ନାଁକୁ ଡିଲିଟ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆରର ବ୍ୟବହାର କରିଥିବା ଖଡଗେ ଅଭିଯୋଗ କରିଛନ୍ତି।

ସର୍ଦ୍ଦାର ପଟେଲଙ୍କ ଆଦର୍ଶରେ...

ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଆଜି ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇପାରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ରାଜ୍ୟର ଶିଳ୍ପାୟନ ଓ ଆଭ୍ୟନ୍ତରୀଣ ସୁରକ୍ଷା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ଦୁଇ ବର୍ଷ ଧରି ରାଜ୍ୟରେ ଶିଳ୍ପାୟନର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ଏବଂ ଦେଶ-ବିଦେଶର ଶିଳ୍ପପତିମାନେ ଓଡ଼ିଶାରେ ପୁଞ୍ଜିନିବେଶ କରୁଛନ୍ତି। ଶିଳ୍ପ ଓ ବ୍ୟବସାୟର ବିକାଶ ପାଇଁ ଶାନ୍ତି, ସୁରକ୍ଷା ଓ ସୁଦୃଢ଼ ଆଇନଶୃଙ୍ଖଳା ନିତ୍ୟାନ୍ତ ଆବଶ୍ୟକ ଥିବାବେଳେ ଓଡ଼ିଶା ପୋଲିସର ନିଷ୍ଠାପର ଉଦ୍ୟମ ଯୋଗୁଁ ରାଜ୍ୟରେ ଏକ ଶାନ୍ତିପୂର୍ଣ୍ଣ ଓ ଅନୁକୂଳ ପରିବେଶ ବଜାୟ ରହିଛି।

ଚାଉଳ ପରେ ପୁଣି ...

ଆଉ ଦର ବୃଦ୍ଧି ପାଇଁ ଖୁଚୁରା ବ୍ୟବସାୟରେ ବିଦେଶୀ ପୁଞ୍ଜିନିବେଶକୁ ଦାୟୀ କରିଛନ୍ତି। ଖୁଚୁରା ବ୍ୟବସାୟରେ ଏଫଡିଆଇ ନୀତି ପ୍ରତ୍ୟାହାର ସହ ଭାରତୀୟ ଖାଦ୍ୟ ନିଗମରେ ଥିବା ଗହମକୁ ଖୋଲା ବଜାରରେ ବିକ୍ରି କରିବାକୁ ଦାବି କରିଛନ୍ତି ବ୍ୟବସାୟୀ ସଂଘ।

ଗାଁ ଭିତରୁ ...

କେବଳ ଅଛି ତ ନଦୀ ପାହାଚ ଉପରେ ତାଙ୍କ ଗାମୁଛା ଓ ଚପଲ। ସେପଟେ ମୋହନା ସହରରେ ଦେଖାଦେଇଛି ପାନୀୟ ଜଳ ସଂକଟ। ପମ୍ପ ହାଉସ ଓ ୨ଟି ଇନ୍‌ଟେକ୍ ପାଣି ଟାଙ୍କି ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା। ଫଳରେ ୪ ଦିନ ହେଲା ଜଳଯୋଗାଣ ଠପ୍ ପଡ଼ିଛି। ବନ୍ୟା ସଂକଟ ବେଳେ ଲୋକଙ୍କ ପାଖରେ ଶୁଖିଲା ଖାଦ୍ୟ ଓ ଜରୁରୀ ସାମଗ୍ରୀ ପହଞ୍ଚାଇବାକୁ ଅଣ୍ଟା ଭିଡ଼ିଛି ଭାରତୀୟ ତଟରକ୍ଷୀ ବାହିନୀ ଓ ନୌସେନା। ହେଲିକପ୍ଟରରେ ଆକାଶମାର୍ଗରୁ ଜଳବନ୍ଦୀ ଲୋକଙ୍କୁ ରିଲିଫ ବଣ୍ଟନ କରାଯାଉଛି।

ନିଜ ଦଳରେ ବିଦ୍ରୋହ...

ଜମ୍ମୁ-କଶ୍ମୀର ବିଧାନସଭାରେ ମୋଟ ୯୦ଟି ଆସନ ରହିଛି। ଏଥିରୁ ନ୍ୟାସନାଲ କନଫରେନ୍ସର ୪୧ ଜଣ ବିଧାୟକ ଅଛନ୍ତି। କଂଗ୍ରେସର ୬ ଜଣ ବିଧାୟକଙ୍କ ସମର୍ଥନ ସହ ଅନ୍ୟ କିଛି ଛୋଟ ଦଳ ଓ ସ୍ୱାଧୀନ ବିଧାୟକଙ୍କ ସହଯୋଗରେ ଉମର ଅବଦୁଲ୍ଲା ସରକାର ଗଠନ କରିଛନ୍ତି। ତେବେ ଏହି ଅସନ୍ତୋଷ ଯଦି ଆଗକୁ ବଢ଼େ, ତେବେ ସରକାର ଓ ଦଳର ଏକତା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇପାରେ। ତଥାପି ଅସନ୍ତୁଷ୍ଟ ବିଧାୟକମାନେ ସରକାରରୁ ସମର୍ଥନ ପ୍ରତ୍ୟାହାର କରିବା କିମ୍ବା ଦଳ ଭାଙ୍ଗିବା ନେଇ କୌଣସି ଔପଚାରିକ ଘୋଷଣା କରିନାହାନ୍ତି।

ନଭେମ୍ବର ୫ରୁ ୨୦ ...

ବ୍ୟବସ୍ଥା ସମ୍ଭବ ନୁହେଁ ସେମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି।

ସିଏକ୍ୟୁଏମ୍ ସଦସ୍ୟ ସଚିବ ତରୁଣ କୁମାର ପିଥୋଡଙ୍କ ଦ୍ୱାରା ସ୍ୱାକ୍ଷରିତ, ଏହି ନିର୍ଦ୍ଦେଶଗୁଡ଼ିକ ଏନ୍‌ସିଆର ରାଜ୍ୟର ସରକାର ଓ ଦିଲ୍ଲୀ ସରକାରଙ୍କ ବିଭାଗ ଏବଂ ଏଜେନ୍ସିଗୁଡ଼ିକ ପାଇଁ ପ୍ରଯୁଜ୍ୟ। କମିସନ ଉଲ୍ଲେଖ କରିଛନ୍ତି ଯେ, ପରୀକ୍ଷାଧୀନ ସମୟ ମଧ୍ୟରେ କିଛି ନିର୍ଦ୍ଦିଷ୍ଟ ଦିନରେ ଏକ୍ୟୁଆଇ ସ୍ତର ଭୀଷଣ ଓ ଭୀଷଣ ବର୍ଗରେ ପହଞ୍ଚିଛି। କମିସନ ଏନ୍‌ସିଆରରେ ଧୂଳି ସୃଷ୍ଟିକାରୀ ଭଙ୍ଗାଭଙ୍ଗି କାର୍ଯ୍ୟ ଓ ବାହ୍ୟ ନିର୍ମାଣ କାର୍ଯ୍ୟକଳାପ ଉପରେ ପ୍ରତିବନ୍ଧକ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜରୁରୀ ସାର୍ବଜନୀନ ଭିତ୍ତିଭୂମି, ଜାତୀୟ ସୁରକ୍ଷା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଏଥିରୁ ବାଦ୍ ଦିଆଯାଇଛି। ତେବେ ରାଜପଥ, ରାସ୍ତା, ଫ୍ଲାଏଓଭର, ଓଭରବ୍ରିଜ୍, ବିଦ୍ୟୁତ୍ ପରିବହନ ଲାଇନ, ପାଇପଲାଇନ୍ ଏବଂ ଦୂରସଂଚାର ନିର୍ମାଣ ପ୍ରକଳ୍ପଗୁଡ଼ିକ ଉପରେ କଟକଣା ରହିବ।

ବିଜେପି କାନ୍ତକବି ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

ଭଦ୍ରକ, ୩୧/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧିନ ବିଜେପି କାନ୍ତକବି ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଶନିବାର ଅଲ୍ଲାନଗର ସ୍ଥିତ ବୀଣାପାଣି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ମଣ୍ଡଳ ସଭାପତି ସରୋଜ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା।ଏଥିରେ ମଣ୍ଡଳ ପ୍ରଭାରୀ ପ୍ରମୋଦ ଦାସ,ପୂର୍ବତନ ମଣ୍ଡଳ ସଭାପତି ତପନ ପାଢ଼ୀ, ବରିଷ୍ଠ ନେତା ସୁଧାଂଶୁ ପାଣିଗ୍ରାହୀ,ଭରତ ଚନ୍ଦ୍ର ସାହୁ,ପଂଚାୟତ ପ୍ରମୁଖ କାଳନ୍ଦୀ ମୁଦୁଲି, ଧନେଶ୍ୱର ପାଢ଼ୀ, ସତ୍ୟାନନ୍ଦ ପାଣିଗ୍ରାହୀ,ପ୍ରଶାନ୍ତ ପଲେଇ, ଦିଲ୍ଲୀପ ବେହେରା,ମନ୍ଦରଧର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଆଗାମୀ ପଂଚାୟତ ନିର୍ବାଚନରେ ମଣ୍ଡଳ ଅଧିନ ସମସ୍ତ ପଂଚାୟତରେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ।ଅନ୍ୟମାନଙ୍କ ମଧ୍ୟରେ ସରପଂଚ ନିହାରିକା ବିଶ୍ୱାଳ,ପୁଷ୍ପାଞ୍ଜଳି ବେହେରା, ସମିତି ସଭ୍ୟ ଭକ୍ତହରି ମଲିକ,ଯୁବନେତା ଯଜ୍ଞାଦତ ପତି, ଚିନ୍ମୟ ମହାପାତ୍ର ,ପ୍ରିୟ ରଞ୍ଜନ ବେହେରା,ପ୍ରମୁଖ ବୈଠକରେ ଉପସ୍ଥିତି ଥିବାବେଳେ ମଣ୍ଡଳ ପ୍ରଭାରୀ ,ପଂଚାୟତ ପ୍ରମୁଖ ,ନିର୍ବାଚିତ ସରପଂଚ ଓ ସମିତି ଅବା ପ୍ରତିନିଧି , ପ୍ରତ୍ୟେକ ପଂଚାୟତର ପ୍ରମୁଖ ନେତୃତ୍ୱ ,ଜିଲ୍ଲା ପଦାଧିକାରୀ ନିମନ୍ତ୍ରିତ ଅତିଥି , ସମସ୍ତ ମୋର୍ଚ୍ଚାର ପଦାଧିକାରୀ ଉପସ୍ଥିତ ଥିଲେ।

AFFIDAVIT

By virtue of an affidavit before the executive Magistrate Basudevpur, I Anita Jena wife of Anakar Jene resident of Vill/ Po- Balimed, P.s- Naikanidihi, Dist- Bhadrak, Pin- 756131, state- Odisha declare that I, wholly renounce, relinquish and abandon the use of my former name jeya and in place thereof assume from the date hereof the name of Anita Jena. I will be known as Anita Jena for all purposes.

Anita Jena

ରବିବାର, ନଭେମ୍ବର ୦୧, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ରାଷ୍ଟ୍ରୀୟ ଏକତା ଦିବସରେ ବୈଶିଙ୍ଗା ଥାନାରେ ପୋଲିସ ସମିତି ବୈଠକ

ବୈଶିଙ୍ଗା , ୩୧/୧୦ (ନି.ପ୍ର): ରାଷ୍ଟ୍ରୀୟ ଏକତାର ଯୁଗପୁରୁଷ ଭାରତରତ୍ନ ସ୍ୱର୍ଗତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଜୟନ୍ତୀରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ବୈଶିଙ୍ଗା ଥାନାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ଥାନାଧିକାରୀ ବାବା ଶଙ୍କର ସରାଫ୍ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଥାନାର ସମସ୍ତ ପୋଲିସ ସହକର୍ମୀ ଉପସ୍ଥିତ ରହିଥିଲେ । ଥାନାଧିକାରୀ ଶ୍ରୀ ସରାଫ୍ ପ୍ରଥମେ ଉପସ୍ଥିତ ସଦସ୍ୟ ଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସହଯୋଗ ଲୋଡିଥିଲେ ଓପୋଲିସ ସମିତି ର ସମସ୍ତ ସଦସ୍ୟ / ସଦସ୍ୟା ଏହି ବୈଠକରେ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ ଓ ଆଡଭୋକେଟ ମନୋଜ କୁମାର ପଣ୍ଡା ନିଜ ବକ୍ତବ୍ୟରେ ବିନା ଲାଇସେନ୍ସ ରେ ଗାଡି ଚାଳନା, ଚୋରା ମଦ କାରବାର , ଅସାମାଜିକ ଯୁବକଙ୍କ ଆଗମନ ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ନାରୀ ନେତ୍ରୀ ମାଧବୀ ସେନାପତି ନିଜ ବକ୍ତବ୍ୟରେ ବେଆଇନ ମଦ ବିକ୍ରି ଉପରେ କଟକଣା ରହିଲେ ବହୁ ମାତ୍ରାରେ ଅସାମାଜିକ କାର୍ଯ୍ୟ କମି ଯାଇ ପାରିବ । ବରିଷ୍ଠ ନାଗରିକ ବିକାଶ ମଞ୍ଚର ସଭାପତି ସୀତାନାଥ ବେହେରା ସିସି କ୍ୟାମେରା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଏହାପରେ ରାଷ୍ଟ୍ରୀୟ ଏକତା ଦିବସର ସିଧା ପ୍ରସାରଣ କୁ ଉପସ୍ଥିତି ସଦସ୍ୟ ମାନେ ମନ ଭରି ଉପଭୋଗ କରିଥିଲେ । ପ୍ରଥମେ ଫୋର୍ଡ ର ଉପଦେଷ୍ଟା ସନ୍ତୋଷ ଖଣ୍ଡା ପୁଷ୍ପ ଗୁଚ୍ଛ ଦେଇ ଥାନାଧିକାରୀ ଙ୍କୁ ଶୁଭେଚ୍ଛା ଜଣାଇଥିଲେ ।



ରାଣୀପାଟଣା ଦୃଷ୍ଟିବାଧିତ ନିମନ୍ତେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାରାଜୁଡୋ ପାଇଁ ପାରାଦୀପ ଯାତ୍ରା



ବାଲେଶ୍ୱର, ୩୧/୧୦ (ନି.ପ୍ର): ଭାରତୀୟ ଦୃଷ୍ଟିବାଧିତ ଓ ପାରାଜୁଡୋ ସଂଗଠନ ଦ୍ୱାରା ରାଜ୍ୟ ଦୃଷ୍ଟିବାଧିତ ଓ ପାରାଜୁଡୋ ସଂଗଠନ ତୃତୀୟ ଓଡିଶା ରାଜ୍ୟ ଦୃଷ୍ଟିବାଧିତ ପାରାଜୁଡୋ ଚାମ୍ପିୟନସିପ ୨୦୨୬-୨୭, ତା - ୩୧. ୧୦. ୨୬ ରିଖ ରୁ ୨. ୧୧. ୨୬ ପର୍ଯ୍ୟନ୍ତ ପାରାଦୀପ ଠାରେ ଅବସ୍ଥିତ ବହୁମୁଖୀ ଅନ୍ତଃଗୃହ କ୍ରୀଡ଼ାଙ୍ଗନ ରେ ଅନୁଷ୍ଠିତ ହେଉଛି। ଏଥିରେ ରାଣୀପାଟଣା ସ୍ଥିତ ଦୃଷ୍ଟିବାଧିତ ନିମନ୍ତେ ବିଦ୍ୟାଳୟର ୧୭ ଜଣ ଛାତ୍ର ଛାତ୍ରୀ (ବାପୁନି ଜେନା, ସିତୁ ଦାସ, ବଂଶୀଧର ଦାସ, ଶିବ ଗଂଗେଇ, ଗରିବ ତାଣ୍ଡି, ବୁଦାନ ସୋରେନ, ହେମନ୍ତ ମହନ୍ତ, ଅବିନାଶ ଦାସ, ସତ୍ୟ ମାହାକୁଡ଼, ଇତିକ୍ରିଷ୍ଣା ଭଞ୍ଜ, ସୁମିତ୍ରା ସିଂ, ମାହେଶ୍ୱରୀ ପ୍ରଧାନ, ମନୀଷା ଟୁଡୁ, ସୁନିତା ସୋରେନ, ଡୁମୁଣି ମୁର୍ମୁ, ମେଘନା ସିଂ, ମିକି ସିଂ) ଓ କ୍ରୀଡା ଶିକ୍ଷକ ଶ୍ରୀ ପ୍ୟାରୀମୋହନ ଭୂୟାଁ ଆଜି ଏଥିରେ ଯୋଗଦାନ କରିବା ପାଇଁ ରେଳ ଯୋଗେ ପାରାଦୀପ ଯାତ୍ରା କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ରେ ଛାତ୍ର ଛାତ୍ରୀଙ୍କର ସଫଳତା ପାଇଁ ଅନୁଷ୍ଠାନ ର ନିର୍ଦ୍ଦେଶକ ଶ୍ରୀ ଦିବାକର ସ ଆଶୀର୍ବାଦ ସହ ଆଶା ପ୍ରକଟ କରିଛନ୍ତି।

ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ



ପାରାଦୀପ, ୩୧/୧୦ (ନି.ପ୍ର): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀକୁ ସ୍ମରଣ କରିବା ପାଇଁ, ଇଣ୍ଡିଆନ୍ଅଏଲ୍ ପାରାଦୀପ ରିଫାଇନରୀ ପକ୍ଷରୁ ଆଜି ଦେଶପ୍ରେମ ଉତ୍ସାହ ଏବଂ ଗର୍ବର ସହିତ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ପ୍ରମୁଖ ଶ୍ରୀ କୌଶିକ ବସୁ ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ। ଶ୍ରୀ ବସୁଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ସିଆଇଏସଏଫ୍ ତଥା ଡିଜିଆର୍ ର ସଦସ୍ୟମାନେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। 'ଭାରତର ଲୌହ ପୁରୁଷ' ଶ୍ରୀ ପଟେଲ ଆଧୁନିକ ଭାରତୀୟ ରାଷ୍ଟ୍ର ଗଠନ ପାଇଁ ବିଭିନ୍ନ ରାଜ୍ୟଗୁଡ଼ିକୁ ଏକତ୍ର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଷ୍ଟ୍ରୀୟ ଏକତା ଦିବସ ହେଉଛି ଏହି ମହାନ ବ୍ୟକ୍ତିତ୍ୱଙ୍କୁ ସ୍ମରଣ କରିବାର ଏକ ଦିନ ଏବଂ ଭାରତର ନାଗରିକମାନଙ୍କ ମଧ୍ୟରେ ଜାତୀୟ ସଂହତି, ଦେଶଭକ୍ତି ତଥା ଏକତାର ଆଦର୍ଶକୁ ପ୍ରୋତ୍ସାହିତ କରିବାର ଏକ ସ୍ୱତନ୍ତ୍ର। ଅବସର।

ବେଆଇନ କରତକଳ ଉପରେ ବନବିଭାଗ ଚଢ଼ାଉ : ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂସ ଜବତ



ଲଙ୍ଗଳେଶ୍ୱର , ୩୧/୧୦ (ନି.ପ୍ର): ବେଆଇନ କରତକଳ ଗୁଡିକ ପ୍ରଶାସନ ପକ୍ଷରୁ ବନ୍ଦ କରା ଯାଇଥିବା ବେଳେ ଲଙ୍ଗଳେଶ୍ୱର ଫରେଷ୍ଟ ସେକ୍ସନ ଅନ୍ତର୍ଗତ ବେଗୁନିଆ ଗ୍ରାମରେ ଏକ ବେଆଇନ କରତକଳ ଚାଲୁଥିବା ନେଇ ଲଙ୍ଗଳେଶ୍ୱର ବନବିଭାଗ କୌଣସି ସୂତ୍ରରୁ ଖବର ପାଇ ଆଜି ସକାଳେ ଚଢଉ କରିଥିଲେ, ଘଟଣା ସ୍ଥଳରୁ କରତକଳ ର ମାଲିକ ଚମ୍ପଟ ମାରିଥିବା ବେଳେ କରତକଳ ଜବଦ କରିଛି ବନ ବିଭାଗ, ଆଜି ସକାଳେ ରେଞ୍ଜର ଜିତେନ୍ କିସ୍କୁ ଙ୍କ ତତ୍ୱ ଅବଧାନରେ ଲଙ୍ଗଳେଶ୍ୱର ଫରେଷ୍ଟ ସେକ୍ସନ ର ଫରେଷ୍ଟର ବିଜୟ କୁମାର ସାହୁ, ପ୍ରତିମା ସ, ବବିସ୍ମିତା ସାହୁ, ଡାଳିମ୍ବ ବେହେରା, ଦୀପକ ତରାଇ, ଜନ୍ମେଜୟ ସେଠି ଏବଂ ଅନ୍ୟ କର୍ମଚାରୀ ମାନେ ବେଗୁନିଆ ଗ୍ରାମରେ ଅଚାନକ ଚଢଉ କରିବା ସହ ଉକ୍ତ କରତକଳ କୁ ଜବଦ କରି ଅଧିକ ତଦନ୍ତ ଜାରି ରଖିଛି ବନବିଭାଗ , ତେବେ ଜବତ ହୋଇଥିବା ସାମଗ୍ରୀ ର ଅନୁମନିକ ମୂଲ୍ୟ ୩ ଲକ୍ଷ୍ୟ ହେବ ବୋଲି ଜଣା ପଡିଛି ।

ବାଲିଆପାଳ ବ୍ଲକ ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀଙ୍କ ବଦଳି ବାତିଲ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲିଆପାଳ , ୩୧/୧୦ (ନି.ପ୍ର): ବାଲିଆପାଳ ବ୍ଲକରେ କାର୍ଯ୍ୟରତ ସାମାଜିକ ସୁରକ୍ଷା ଅଧିକାରୀ ଓ ପ୍ରୋଗ୍ରାମ ସହାୟକ ଉଭୟଙ୍କ ବଦଳିକୁ ବିରୋଧ କରିଛି ବାଲିଆପାଳ ସୂଚନା ଅଧିକାର ସଂଘ। ବଦଳି ବାତିଲ କରିବାପାଇଁ ଶୁକ୍ରବାର ସୂଚନା ଅଧିକାର ସଂଘ ବାଲିଆପାଳ ଶାଖା ପକ୍ଷରୁ ବାଲିଆପାଳ ବିଡ଼ିଓ ରାଧା ରଞ୍ଜନ ଦାସଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି। ବିଗତ କିଛି ମାସ ପୂର୍ବରୁ ବାଲିଆପଳ ବ୍ଲକରେ କାର୍ଯ୍ୟରେ ଯୋଗ ଦେଇଥିବା ସ୍ଥାୟୀ ସାମଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ର କାନ୍ତ ଭଲୋକଙ୍କ ସହିତ ବର୍ତ୍ତମାନର କାର୍ଯ୍ୟରତ ପ୍ରୋଗ୍ରାମ ସହାୟକଙ୍କୁ ଏକତ୍ର ଜଳେଶ୍ୱର ବ୍ଲକକୁ ବଦଳି କରାଯିବା ଏବଂ ବାଲିଆପାଳ ବ୍ଲକରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିବା ତଥା ପ୍ରାୟତଃ ୩ମାସ ପୂର୍ବରୁ ଜଳେଶ୍ୱର ବ୍ଲକକୁ ବଦଳି ହୋଇ ଯାଇଥିବା ପାର୍ଥ ସାରଥି ସାହୁଙ୍କୁ ପୁଣିଥରେ ବାଲିଆପାଳ ବ୍ଲକକୁ ବଦଳି କରାଯାଇଛି। ଏଠାରେ ସୂଚନା ଥାଉକି ଶ୍ରୀ ସାହୁଙ୍କ ଘର ଏହି ବ୍ଲକ ଅନ୍ତର୍ଗତ ବାଲିଆପାଳ ପଞ୍ଚାୟତରେ ଅବସ୍ଥିତ। ସେ ବାଲିଆପାଳରେ କାର୍ଯ୍ୟ କରୁଥିବା ବେଳେ ସୂଚନା ଅଧିକାର ସଂଘ ତାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆଣି ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲା। ପରେ ତାଙ୍କର ବଦଳି ଜଳେଶ୍ୱର ବ୍ଲକକୁ ହୋଇଥିଲା। ତେବେ ତିନି ମାସ ନ ପୁରୁଣୁ ପୁଣିଥରେ ଶ୍ରୀ ସାହୁଙ୍କୁ ବାଲିଆପାଳ ବ୍ଲକକୁ ବଦଳି କରାଯାଇଛି। ଯାହାକୁ ନେଇ ସୂଚନା ଅଧିକାର ସଂଘ ଅସନ୍ତୋଷ ପ୍ରକାଶ କରିବା ସହିତ ବଦଳି ବାତିଲ କରିବା ପାଇଁ ବିଡିଓଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ତେବେ ବାଲିଆପାଳ ବ୍ଲକରେ ବିଭିନ୍ନ ପଦବୀରେ ୫୭ ଜଣ କର୍ମଚାରୀ ନଥିବା ଜଣାପଡ଼ିଛି। ଶ୍ରୀ ଭଲୋକ ବାଲିଆପାଳ ବ୍ଲକରେ ସ୍ଥାୟୀ ସାମାଜିକ ସୁରକ୍ଷା ଅଧିକାରୀ ଭାବରେ ଯୋଗଦେଇଥିବା ବେଳେ ତାଙ୍କ ସ୍ଥାନରେ ଶ୍ରୀ ସାହୁ ଯିଏକି ଅସ୍ଥାୟୀ ଭାବରେ ସାମାଜିକ ସୁରକ୍ଷା ବିଭାଗର ଦାୟିତ୍ୱ ନେବା ପାଇଁ ବାଲିଆପାଳ ବ୍ଲକକୁ ବଦଳି କରାଯାଇଛି। ଯାହା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ସୂଚନା ଅଧିକାର ସଂଘ କହିଛି।ଦାବିପତ୍ର ପ୍ରଦାନ ବେଳେ ସୂଚନା ଅଧିକାର ସଂଘର ବାଲିଆପାଳ ବ୍ଲକ ସଭାପତି ଅନୁଜ କୁମାର ମହାପାତ୍ର, କୁଶଧ୍ୱଜ ଜେନା, ଗୋପୀନାଥ ଗଙ୍ଗାଇ, ଆଶିଷ କୁମାର ବୋଷ, ବିଜୟ ମାହାନା, ଶରତ କୁମାର ପାତ୍ର, ଅରୁଣ କୁମାର ମଣ୍ଡଳ, ହରେ କୃଷ୍ଣ ଦାସ, ଦେବେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଲୋକ ଭବନରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା, ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଦେଶବାସୀଙ୍କ ମଧ୍ୟରେ ଏହି ଭାବନା ପ୍ରସାରିତ କରିବା ନିମନ୍ତେ ଶନିବାର ଲୋକ ଭବନର ଅଧିକାରୀ ଓ କର୍ମଚାରୀମାନେ 'ରାଷ୍ଟ୍ରୀୟ ଏକତାର' ଶପଥ ପାଠ କରିଛନ୍ତି । ଭାରତର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ-ତଥା-ଗୃହମନ୍ତ୍ରୀ ଲୌହ ମାନବ ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିନକୁ "ରାଷ୍ଟ୍ରୀୟ ଏକତା ଦିବସ" ଭାବେ ପାଳନ ଅବସରରେ ଲୋକ ଭବନର ଅଭିଷେକ ହଲ୍ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ଉପଲକ୍ଷେ ସଚେତନତା ରାଲି



ଖୋରଧା , ୩୧/୧୦ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ପରିପ୍ରେକ୍ଷୀରେ ଜିଲ୍ଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପକ୍ଷରୁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଅଛି । ଏହି ରାଲିକୁ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପରିସରରେ ବିଭାଗୀୟ ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀ ବ୍ରଜ କିଶୋର ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଏବଂ ନିଜ ବକ୍ତବ୍ୟରେ ସମୃଦ୍ଧ ରାଷ୍ଟ୍ର ନିର୍ମାଣରେ ଦୁର୍ନୀତି ଏକ ବଡ଼ ପ୍ରତିବନ୍ଧକ ବୋଲି ଉଦ୍ଧାପନ କରି ଏହାକୁ ରୋକିବା ନିମନ୍ତେ ପ୍ରତ୍ୟେକ ନାଗରିକ ସମୁଦାୟ ନିଜ ପରିବାର ଠାରୁ ଆରମ୍ଭ କରି ଏକତ୍ରିତ ହୋଇ ସାମୁହିକ ଭାବେ ମହିଳା ପୁରୁଷ, ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ଜନପ୍ରତିନିଧି ସମସ୍ତେ ଏକାଠି ହୋଇ ଲଢେଇ ଜାରି ରଖି ସାଧୁତା ଓ ସ୍ୱଚ୍ଛତା କୁ ଆପଣେଇଲେ ଆମ ରାଜ୍ୟ ତଥା ସମଗ୍ର ଦେଶ ଭାରତ ବର୍ଷ ସମୃଦ୍ଧ ହେବ ବୋଲି ପ୍ରକାଶ କରିଥିଲେ । ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ମଲ୍ଲିକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗ ଦେଇଥିଲେ । ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ପ୍ରାୟ ୮୦ ଜଣ ସମର ଶିକ୍ଷାର୍ଥୀ ବାହିନୀ ଛାତ୍ର ଛାତ୍ରୀ ଏବଂ ୧୫୦ ରୁ ଉର୍ଦ୍ଧ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ । ଉକ୍ତ ସଚେତନତା ରା ଲି ପଲାହାଟ ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଂଶ ଗ୍ରହଣ କାରୀ ମାନେ ହାତରେ ପ୍ଲାଗ କାର୍ଡ ଧରି ବିଭିନ୍ନ ସଚେତନତା ସ୍ଲୋଗାନ ବାର୍ତ୍ତଦେଇ ଜିଲ୍ଲା ପାଳାଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା।

ବେଆଇନ ବାଣ ଦୋକାନ ଖୋଲିବା ଓ ବିକ୍ରି ଉପରେ ନିଷେଧାଦେଶ


ଭଦ୍ରକ, ୩୧/୧୦ (ନି.ପ୍ର): ଭଦ୍ରକ ଜିଲ୍ଲାର ଏନ୍ଏଚ୍-୧୬ ଅନ୍ତର୍ଗତ ଜଗନ୍ନାଥପୁର ଅଣ୍ଡରପାସ୍ (ସାଳନ୍ଦୀ ନଦୀ ନିକଟ) ଅଞ୍ଚଳରେ ବେଆଇନ ଭାବେ ବାଣ ଦୋକାନ ଖୋଲିବା, ବାଣ ମହଜୁଦ ରଖିବା ଓ ବିକ୍ରି କରିବା ଉପରେ ଭଦ୍ରକ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ଶ୍ରୀ ସୌରଭ ଚକ୍ରବର୍ତ୍ତୀ ନିଷେଧାଦେଶ ଜାରି କରିଛନ୍ତି।ଏଥିସହିତ ବାଣ ବିକ୍ରି କିମ୍ବା ମହଜୁଦ ରଖିବା ଉଦ୍ଦେଶ୍ୟରେ ଉକ୍ତ ଅଞ୍ଚଳରେ ନିର୍ମାଣ କରାଯାଇଥିବା ସମସ୍ତ ବେଆଇନ ଅସ୍ଥାୟୀ ଷ୍ଟଲ୍, କାଉଣ୍ଟର ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି।ଏହି ନିଷେଧାଦେଶ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୨୨୩ ଅନୁଯାୟୀ ଆଇନଗତ ଓ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି।

'ଦୁର୍ନୀତି' ଦେଶର ପ୍ରଗତିରେ ସାଜିଛି ବାଧକ : ପ୍ରଫେସର ପ୍ରମୋଦ



ଉଦଳା , ୩୧/୧୦ (ନି.ପ୍ର): ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଦୁର୍ନିତୀ ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ପ୍ରତିବର୍ଷ ଅକ୍ଟୋବର ୨୬ ତାରିଖ ଠାରୁ ନଭେମ୍ବର ୧ ତାରିଖ ଗୋଟିଏ ସପ୍ତାହ ଧରି ଦୁର୍ନିତୀ ନିବାରଣ ସପ୍ତାହ ଭାବରେ ସବୁଠି ପାଳନ କରାଯାଉଛି। ଏହି ଅବସରରେ ଆଲୋଚନାଚକ୍ର ସହିତ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କୁଇଜ ଓ ତର୍କ ପ୍ରତିଯୋଗିତାର ପର୍ବ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା, ସମରଶିକ୍ଷାର୍ଥୀ ବାହିନୀ ଓ ଯୁବ ରେଡ଼କ୍ରସ ତରଫରୁ ମିଳିତ ଭାବରେ ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନିଆଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ରାଉତ ଆଷଳାଚନାଚକ୍ରରେ ଅଧକ୍ଷତା କରି ଦୁର୍ନିତୀ ଦେଶର ପ୍ରଗତିରେ କିପରି ବାଧକ ସାଜିଛି ବିସ୍ତୃତ ବର୍ଣ୍ଣନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଡ଼. ନିରଂଜନ ପାଠୀ, ସରୋଜ କୁମାର ମହାନ୍ତି, ବିଜୟ କୁମାର ନାୟକ, ନକୁଳ ଜେନା, ଡ଼. ଫନିଭୂଷଣ ପୁଥାଳ ଓ ପ୍ରାଧାପିକା ସ୍ୱାତି ସୁଚରିତା ପଣ୍ଡା, ପୋଲିସ ବିଭାଗର ଏଏସଆଇ ସୁଶିଲ କୁମାର ସାମଲ ପ୍ରମୁଖ ଅଂଶ ଗ୍ରହଣ କରି ଦରମା ନେଇ ସେବା ଯୋଗାଇଦେବା ଉଦେଶ୍ୟରେ କାର୍ଯ୍ୟରତ କର୍ମଚାରୀ ଲୋକଙ୍କ ଠାରୁ ଟଙ୍କା ଆଦାୟ କରିବା ଦୁର୍ନିତି ଅଟେ । ସେହିପରି କ୍ଷମତାର ଅପବ୍ୟବହାର ମଧ ଦୁର୍ନିତୀ ଅଟେ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କୁଇଜ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଲବ ଟୁଡୁ କାର୍ଯ୍ୟକ୍ରମ ପରିଚାଳନାର ଦାୟିତ୍ୱ ତୁଲାଇଥିବା ବେଳେ ଅଧ୍ୟାପିକା ଡ଼. କମଳିନି ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ରୂପସା ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ



ବସ୍ତା , ୩୧/୧୦ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସା ଥାନା ପକ୍ଷରୁ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ଜନ୍ମ ଦିବସ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ସାରା ରାଜ୍ୟ ପାଳନ କରୁଛି । ଏହି ଅବସର ରେ ରୂପସା ଥାନା ରେ ଗଣଦୌଡ କାର୍ଯ୍ୟକ୍ରମ ଆୟୋଜିତ ହେଇଯାଇଛି । ରୂପସା ଥାନା ରୁ ଆରମ୍ଭ କରି କସିପଦା ଶିବ ମନ୍ଦିର ପର୍ଯ୍ୟନ୍ତ ଏ ଏସ ଆଇ ଧୃତରାଷ୍ଟ୍ର ମଲ୍ଲିକ ଙ୍କ ନେତୃତ୍ୱ ରେ ଏ ଏସ ଆଇ ବିକାଶ ସେଠୀ , ଏ ଏସ ଆଇ ମନୋରମା ପାତ୍ର ଙ୍କ ସହ ସମସ୍ତ ଷ୍ଟାପ ଗଣଦୌଡ ରେ ସାମିଲ ହୋଇଥିଲେ ।

ଡାଲଙ୍ଗ ଗ୍ରାମରେ ନବ ବିବାହିତଙ୍କ ଆତ୍ମହତ୍ୟା

ଖଇରା, ୩୧/୧୦ (ନି.ପ୍ର): ଖଇରା ଥାନା ଅଧୀନ ଡାଲଙ୍ଗ ଗ୍ରାମର ଦୟାନିଧି ସାହୁଙ୍କ ପୁଅ ଯଶୋବନ୍ତ(୨୬)ଘର ସଂଲଗ୍ନ ଦୋକାନ ଘର ପଛପଟେ ଏକା ବାଉଁଶରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଯଶୋବନ୍ତଙ୍କ ବିବାହ ପାଖାପାଖି ୮ମାସ ତଳେ ହୋଇଥିଲା । ଯଶୋବନ୍ତ ଗ୍ରସେରୀ ଦୋକାନ ସହିତ ଗାଡି ଭଡା ଧନ୍ଦା କରି ପରିବାର ପୋଷଣ କରୁଥିଲା । ଅଭାବ ପଡିବାରୁ ସେ ପତ୍ନୀଙ୍କ ଏକ ସୁନାଚେନ ବନ୍ଧା ରଖି କିଛି ଅର୍ଥ ଉଧାର ରେ ଆଣିଥିଲେ । ଏକଥା କାହାରି ଆଗରେ ନକହିବାକୁ ପତ୍ନୀଙ୍କୁ ଅନୁରୋଧ କରିଥିଲା । ହେଲେ ଏକଥା ସ୍ତ୍ରୀ ଶ୍ୱଶୁର ଙ୍କ ଆଗରେ କହିଦେବାରୁ ଦୟାନିଧି ନିଜ ପୁଅ ଉପରେ ବିରକ୍ତ ହୋଇଥିଲା । ଅଭାବ ସମ୍ପର୍କରେ ତାଙ୍କୁ କହିପାରିଥାନ୍ତେ ବୋଲି ବିରକ୍ତିଭରା କଣ୍ଠରେ ବାପା କହିଥିଲେ । ଏତିକି ମାତ୍ର କଥାରେ ଆତ୍ମଗ୍ଳାନୀ ଅନୁଭବ କରି ଶୁକ୍ରବାର ରାତିରୁ ଘରୁ ବାହାରକୁ ଚାଲିଯାଇଥିଲେ । ସକାଳେ ଗ୍ରସେରୀ ଦୋକାନ ପଛ ପଟୁ ମୃତ ଦେହ ଉଦ୍ଧାର କରାଯାଇଥିଲା । ଉକ୍ତ ଘଟଣା ସମଗ୍ର ଡାଲଙ୍ଗ ଗ୍ରାମବାସୀଙ୍କୁ ଶୋକାବିଭୁତ କରିଛି ।

ବନ୍ୟାଜଳରୁ ହରିଣକୁ ଉଦ୍ଧାର କଲେ ଅଗ୍ନିଯୋଦ୍ଧା

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ବନ୍ୟା ପରିସ୍ଥିତିରେ ମଣିଷଙ୍କ ଜୀବନ ରକ୍ଷା ସହିତ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ମଧ ଓଡ଼ିଶା ଅଗ୍ନିଶମ ସେବାର ଅଗ୍ନିଯୋଦ୍ଧାମାନେ ନିଜର କର୍ତ୍ତବ୍ୟ ଜାରି ରଖିଛନ୍ତି। ଶୁକ୍ରବାର ଦିନ ପ୍ରାୟ ୨ଟା ସମୟରେ, ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବାଲିଆ ଗ୍ରାମରେ ବନ୍ୟା ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଏସଏଫଏପ ଦକ୍ଷିଣାଂଚଳ ରେଂଜ, ବ୍ରହ୍ମପୁରର ୪ ଜଣିଆ ଅଗ୍ନିଯୋଦ୍ଧା ଦଳ ଜଳ ମଧ୍ୟରେ ଫସି ରହିଥିବା ଏକ ହରିଣକୁ ଉଦ୍ଧାର କରିଥିଲେ। ଅଗ୍ନିଯୋଦ୍ଧାମାନେ ହରିଣଟିକୁ ସୁରକ୍ଷିତ ଭାବେ ବାହାରକୁ ଆଣିବା ପରେ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଏକ ତାରବାଡ଼ ଘେରା ସ୍ଥାନରେ ରଖିଥିଲେ। ବନ୍ୟା ଯୋଗୁଁ ବାଲିଆ ଗ୍ରାମର ବିଭିନ୍ନ ସ୍ଥାନରେ ଆହୁରି ଅନେକ ହରିଣ ବୁଲୁଥିବା ମଧ ଦେଖାଯାଇଛି। ଉଦ୍ଧାର ହୋଇଥିବା ହରିଣର ପରବର୍ତ୍ତୀ ଯତ୍ନ ଓ ଆବଶ୍ୟକୀୟ ବ୍ୟବସ୍ଥା ପାଇଁ ଛତ୍ରପୁର ଉପଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ଓଡ଼ିଶା ଅଗ୍ନିଶମ ସେବା କେବଳ ମଣିଷଙ୍କ ଜୀବନ ରକ୍ଷାରେ ସୀମିତ ନୁହେଁ; ବିପଦରେ ପଡ଼ିଥିବା ପ୍ରତ୍ୟେକ ଜୀବର ସୁରକ୍ଷା ଆମର କର୍ତ୍ତବ୍ୟ। ମାନବିକତା, ସାହସ ଓ ସେବା ମନୋଭାବର ଏହି ଉଦ୍ୟମ ଆମର ଦାୟିତ୍ୱବୋଧକୁ ପ୍ରତିଫଳିତ କରେ।

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଭଦ୍ରକ , ୩୧/୧୦ (ନି.ପ୍ର): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଏନ.ଏସ.ଏସ. ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ – ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଲଳିତ ରଞ୍ଜନ ସାହୁ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ସଚ୍ଚୋଟତା ଓ ଦୁର୍ନୀତି ନିବାରଣ ସମ୍ପର୍କରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକା ମାନଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ଉଦ୍ଦେଶ୍ୟରେ ଏକ ଶପଥ ପାଠ କରାଇଥିଲେ।ଡ. ରଞ୍ଜନ କୁମାର ବେହେରା, ଡ. ସଞ୍ଜୟ କୁମାର ଦତ୍ତ, ଗିରିଶ ଚନ୍ଦ୍ର ପ୍ରଧାନ ଏବଂ ସଞ୍ଜୁ କୌଶଲ୍ୟା ମଧ ଏହି କାର୍ଯ୍ୟକ୍ରମକୁ ସମର୍ଥନ ଓ ସହଯୋଗ ପ୍ରଦାନ କରିବା ସହ ନିଜ ନିଜର ମୂଲ୍ୟବାନ ମତାମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ସୁଦର୍ଶନ ଦାସ ସଫଳତାର ସହ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦାନ କରି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଲକ୍ଷ୍ମୀକାନ୍ତ ନାୟକ ଏହି କାର୍ଯ୍ୟକ୍ରମକୁ ସମର୍ଥନ କରିବା ସହ ଆବଶ୍ୟକୀୟ ସହଯୋଗ ପ୍ରଦାନ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida